ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ସୋମବାର ୧୭ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 June 2024
Vol.No. 35 ■ No.161 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ଲୁଚକାଳି ଖେଳୁଛି ମୌସୁମୀ: ଆଗକୁ ବଢୁନି



ଭୁବନେଶ୍ୱର, ୧୪/୬ (ନି.ପ୍ର): ସପ୍ତାହେରୁ ଅଧିକ ଦିନ ତଳୁ ଓଡ଼ିଶା ଛୁଇଁ ସାରିଲାଣି ମୌସୁମୀ ବାୟୁ। ଏହା ମାଲକାନଗିରି ଜିଲ୍ଲାରେ ପ୍ରବେଶ କରିବା ସହିତ ଓଡ଼ିଶା ଛୁଇଁଥିଲା। ତେଣୁ ଲୋକେ ଭାବିଥିଲେ ପ୍ରଚଣ୍ଡ ଖରା, ଗରମ ଓ ଗୁଳୁଗୁଳିରୁ ତ୍ରାହି ମିଳିବ। କିନ୍ତୁ ଏଯାଏଁ ରାଜ୍ୟରେ ମୌସୁମୀ ବାୟୁର ସେମିତି କିଛି ପ୍ରଭାବ ଦେଖିବାକୁ ମିଳିନାହିଁ। ଖରା, ଗରମ ଓ ଗୁଳୁଗୁଳି ଜାରି ରହିଛି। ଓଡ଼ିଶା ଛୁଇଁବା ପରେ ଆଉ ଆଗକୁ ଅଗ୍ରସର ହେଉନି ମୌସୁମୀ ବାୟୁ। ଏମିତି ସ୍ଥିତି ଆଉ ଦୁଇ ଦିନ ଲାଗି ରହିବ। ଆସନ୍ତା ୧୮ ତାରିଖ ଯାଏ ପାଗରେ କୌଣସି ବଡ଼ ଧରଣର ପରିବର୍ତ୍ତନ ସମ୍ଭାବନା ନାହିଁ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅଧିକ ଗୁଳୁଗୁଳି ଅନୁଭୂତ ହେବ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ ଆଗାମୀ ୪-୫ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର କିଛି ଅଞ୍ଚଳରେ ଅଗ୍ରସର ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୮ ଓ ୧୯ ତାରିଖ ଆଡକୁ ରାଜ୍ୟରେ ବଢ଼ିପାରେ ବର୍ଷାର ପରିମାଣ। ଆସନ୍ତା ୨୪ ଘଣ୍ଟାରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଶନିବାର ଢରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆଜି ବୌଦ୍ଧ, ବାରିପଦା, ସୋନପୁର ଓ ନୂଆପଡ଼ା ଆଦି ଅଞ୍ଚଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ସେହିପରି ବରଗଡ଼, ସମ୍ବଲପୁର, ରାଉରକେଲା, ସୁନ୍ଦରଗଡ଼, ନୟାଗଡ଼, ଝାରସୁଗୁଡ଼ା, ବଲାଙ୍ଗିର ଓ କେନ୍ଦୁଝରଗଡ଼ ଆଦି ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରହିପାରେ।

# ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ

### ଶୃଙ୍ଖଳିତ ନୀତିକାନ୍ତି ନେଇ ଆଲୋଚନା

ଭୁବନେଶ୍ୱର, ୧୪/୬ (ନି.ପ୍ର): ରଥଯାତ୍ରା ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ଡାକିଲେ ଗୁରୁତ୍ୱପୂର୍ଣ୍ଣ ବୈଠକ । ଶୃଙ୍ଖଳିତ ରଥଯାତ୍ରା ନେଇ ବୈଠକରେ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ବୈଠକ ଆୟୋଜିତ ହୋଇଯାଇଛି । ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭକ୍ତ ଓ ଭଗବାନଙ୍କ ମିଳନର ମହାପର୍ବ ରଥଯାତ୍ରା ଓ ସ୍ନାନ ପୂର୍ଣ୍ଣିମା ନେଇ ଆଲୋଚନା କରିଛନ୍ତି । ଚଳିତ ବର୍ଷ ରଥଯାତ୍ରାରେ କିପରି ଶୃଙ୍ଖଳିତ ନୀତିକାନ୍ତି ଓ ସହଜ ଦର୍ଶନ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ଯୋଗ ଦେଇଥିଲେ । ଶୃଙ୍ଖଳାର ସହ ରଥଯାତ୍ରା ସଂପନ୍ନ କରିବା ଓ ଭକ୍ତଙ୍କ ଭିଡକୁ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଚଳିତ ବର୍ଷ ୧୫ ଦିନ ବଦଳରେ ୧୩ ଦିନ ହେବ ଅଣସର ନୀତି । ରଥଟଣା ପାଇଁ ହାତରେ ୨ ଦିନ ସମୟ କମ ଥିବାରୁ ନୀତିକାନ୍ତି ନେଇ ଚିନ୍ତାରେ ପଡ଼ିଛନ୍ତି ସେବାୟତ । ଶୃଙ୍ଖଳିତ ନୀତି ପାଇଁ ସମସ୍ତ ସେବାୟତଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଚଳିତ ବର୍ଷ ୧୫ ଦିନ ବଦଳରେ ୧୩ ଦିନ ହେବ ଅଣସର ନୀତି । ରଥଟଣା ପାଇଁ ହାତରେ ୨ ଦିନ ସମୟ କମ ଥିବାରୁ ନୀତିକାନ୍ତି ନେଇ ଚିନ୍ତାରେ ପଡ଼ିଛନ୍ତି ସେବାୟତ। ଶୃଙ୍ଖଳିତ ନୀତି ପାଇଁ ସମସ୍ତ ସେବାୟତଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି । ବୈଠକ ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୃଙ୍ଖଳିତ ରଥଯାତ୍ରା ନେଇ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ କଥା ଅବଗତ କରାଯାଇଛି। ଏହାପରେ ସେବାୟତ ବନ୍ଧୁମାନଙ୍କ ସହ ବୈଠକ କରାଯିବ। ଏଥିପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି।






## କାଶୀପୁରରେ ଡିପ୍‌ଥେରିଆ: ଘରକୁ ଘର ବୁଲି ସର୍ଭେ ହେଉଛି କହିଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭୁବନେଶ୍ୱର, ୧୬/୬ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲା କାଶୀପୁରରେ ବ୍ୟାପୁଛି ଡିପ୍‌ଥେରିଆ ରୋଗ। ଏହି ରୋଗରେ ଗଲାଣି ୫ ଜୀବନ। ଆଉ ୧୫ ଅଧିକ ଆକ୍ରାନ୍ତ ହୋଇଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଡିପ୍‌ଥେରିଆ ରୋଗ କଣ ? ଡିପ୍‌ଥେରିଆ ଜୀବାଣୁ ଜନିତ ରୋଗ। ଏହି ରୋଗରେ ସାଧାରଣତଃ ଶିଶୁମାନେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି। ରୋଗର ସାଧାରଣ ଲକ୍ଷଣ ହେଉଛି, ପ୍ରଥମେ ଗଳାରେ ଯନ୍ତ୍ରଣା ହେଉଛି। କିଛି ସମୟ ପରେ ଗଳି ଫୁଲି ଯାଇ ଜ୍ୱର ହେଉଛି। ଗଳି ଫୁଲିଗଲେ ନିଶ୍ୱାସ ନେଇପାରିବେ ନାହିଁ। ଫଳରେ କିଛି ଖାଦ୍ୟ ଖାଇ ନପାରି ମୃତ୍ୟୁ ମୁଖରେ ପଡୁଛନ୍ତି। ଇଏ ହେଉଛି ଡିପ୍‌ଥେରିଆ ରୋଗର ଲକ୍ଷଣ। କାଶୀପୁରରେ ବ୍ୟାପୁଥିବା ଡିପ୍‌ଥେରିଆ ରୋଗକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଆକ୍ରାନ୍ତଙ୍କ ସଂଖ୍ୟା ୧୫କୁ ବୃଦ୍ଧି ହୋଇଛି। ୫ ଜଣଙ୍କର ପୂର୍ବରୁ ମୃତ୍ୟୁ ହୋଇଛି। କାହିଁକି ଡିପ୍‌ଥେରିଆ ବ୍ୟାପିଛି, ତାହା ତଦନ୍ତରୁ ଜଣାପଡ଼ିବ। ସେଥିପାଇଁ ସଂକ୍ରମଣ ରୋକିବାକୁ ଡଐଓ ଗାଇଡ୍‌ଲାଇନ୍ ଅନୁସାରେ ପଦକ୍ଷେପ ନିଆଯାଉଛି।

▶▶ପୃଷ୍ଠା ୭

## ସାନଭାଇକୁ ଖଣ୍ଡାରେ ହାଣିଦେଲା ବଡ଼ଭାଇ

ମୟୂରଭଞ୍ଜ, ୧୬/୬ (ନି.ପ୍ର): ଜାଗା ବିବାଦକୁ ନେଇ ସାନଭାଇକୁ ହତ୍ୟା କଲା ବଡ଼ ଭାଇ। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ପଞ୍ଚାୟତର ଲୁଣଚାଟି ଗାଁରେ। ମୃତକଙ୍କ ଗାଁ ଜୟନ୍ତ ମାହାନା। ଘରର ସୀମାକୁ ନେଇ ଜୟନ୍ତ ମାହାନା ଓ ତାଙ୍କ ବଡ଼ ଭାଇ ଅରୁଣ ମାହାନାଙ୍କ ମଧ୍ୟରେ ପ୍ରାୟତଃ ଝଗଡ଼ା ହୋଇଥାଏ। ହେଲେ ଆଜି ଏହା ଉଗ୍ରରୂପ ଧାରଣ କରିଥିଲା। ଆଜି ସକାଳ ପ୍ରାୟ ୮ଟା ବେଳେ ଜୟନ୍ତ ଘର ସୀମାରେ ବାଡ଼ ଘେରିବାକୁ ଯାଉଥିବା ସମୟରେ ବଡ଼ ଭାଇ ଅରୁଣ ଏହାର ପ୍ରତିବାଦ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ସହିତ ମାରପିଟ ହୋଇଥିଲା। ଏହି ସମୟରେ ଉତ୍‌କ୍ଷିପ୍ତ ଅରୁଣ ଏକ ଖଣ୍ଡାରେ ଜୟନ୍ତଙ୍କୁ ଆକ୍ରମଣ କରିଥିଲେ। ସେ ଜୟନ୍ତଙ୍କ ବେକରେ ଚୋଟ ପକାଇଥିଲେ। ଫଳରେ ସେ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଜୟନ୍ତଙ୍କ ମୃତ୍ୟୁ ହୋଇସାରିଥିବା ସତ୍ତ୍ୱେ ଅରୁଣଙ୍କ ରାଗ ଶାନ୍ତ ପଡ଼ିନଥିଲା। ସେ ଖଣ୍ଡାରେ ଜୟନ୍ତଙ୍କ

▶▶ପୃଷ୍ଠା ୭

## ଗଙ୍ଗା ଦଶହରାରେ ଅଘଟଣ: ଓଲଟିଲ ଯାତ୍ରୀବାହୀ ଡଙ୍ଗା, ୪ ନିଖୋଜ

ନୂଆଦିଲ୍ଲୀ, ୧୪/୬ : ଗଙ୍ଗ ଦଶହରାରେ ଘଟିଲା ବଡ ଅଘଟଣା। ବିହାରରେ ଗଙ୍ଗ ନଦୀରେ ଓଲଟିଲା ଯାତ୍ରୀବାହୀ ଡଙ୍ଗା। ଏଠାକାର ଉମାନାଥ ଗଙ୍ଗା ଘାଟରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଓଲଟି ପଡିଛି। ୪ ଜଣ ନିଖୋଜ ହୋଇଥିବା ସୂଚନା ମିଳିଛି। ଆଜି ଗଙ୍ଗା ଦଶହରା ଅବସରରେ ଲକୋ ଗଙ୍ଗା ନଦୀରେ ବୁଡ ପକାଇବା ପାଇଁ ଯାଉଥିଲେ। ଡଙ୍ଗାରେ ୧୭ ଜଣ ଥିଲେ। ତେବେ ନଦୀରେ ଜଳ ପ୍ରବାହ ବଢ଼ିବା ଯୋଗୁ ଡଙ୍ଗାଟି ଦୁର୍ଘଟଣାର ଶିକାର ହୋଇଥିଲା। ୧୧ ଜଣ ପହଁରି କୂଳକୁ ଆସିଥିବା ବେଳେ ୪ ଜଣ ଏବେବି ନିଖୋଜ ଅଛନ୍ତି। ସେପଟେ ସୂଚନା ପାଇ ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ନଦୀରେ ନିଖୋଜ ଲୋକଙ୍କୁ ଉଦ୍ଧାର ପାଇଁ ତଲାସି ଜାରି ରହିଛି। କିନ୍ତୁ ଖବର ଲେଖାଯିବା ସୁଦ୍ଧା ସେମାନଙ୍କ କୌଣସି ପତ୍ତା ମିଳିନାହିଁ। ଦୁର୍ଘଟଣାର ଖବର ପାଇବା ପରେ ନିଖୋଜ ଲୋକଙ୍କ ପରିବାର ମଧ୍ୟରେ ଆତଙ୍କ ଖେଳିଯାଇଛି। ଲୋକମାନେ ନଦୀ କୂଳରେ ଏକାଠି ହୋଇ ନିଜ ପରିଜନଙ୍କୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। କହିରଖୁ ଯେ, ଗଙ୍ଗା ଦଶହରା

▶▶ପୃଷ୍ଠା ୭




## ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଇଲେ ରାହୁଲ: କହିଲେ- ଏହା ଏକ ବ୍ଲାକ୍ ବକ୍ସ



ନୂଆଦିଲ୍ଲୀ, ୧୪/୬ : ନିର୍ବାଚନ ସରୁ ସରୁ ପୁଣି ଉଠିଲା ଇଲେକ୍‌ଟ୍ରୋନିକ୍ ଭୋଟିଂ ମେସିନ୍ ତଥା ଇଭିଏମ୍ ପ୍ରସଙ୍ଗ। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ସାଂସଦ ରାହୁଲ ଗାନ୍ଧି ଇଭିଏମକୁ ନେଇ ପୁଣି ଉଠାଇଛନ୍ତି ପ୍ରଶ୍ନ। ସେ ଏହାକୁ 'ବ୍ଲାକ୍ ବକ୍ସ' ବୋଲି କହିଛନ୍ତି। ରବିବାର ରାହୁଲ ଗାନ୍ଧି ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ତଥା ସ୍ପେଶ୍ ଏକ୍ସ ସିଇଓ ଏଲନ୍ ମସ୍କଙ୍କ ଏକ୍ସ ପୋଷ୍ଟକୁ ରି-ପୋଷ୍ଟ କରିବା ସହ ଏକ ସ୍ୱତନ୍ତ୍ର ଖବର କାଗଜରେ ଛପି ଥିବା ଖବରର ଏକ ଖଣ୍ଡକୁ ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, 'ଭାରତରେ ଇଭିଏମ୍ ହେଉଛି ଏକ ବ୍ଲାକ୍ ବକ୍ସ। ଏହାକୁ ଯାଞ୍ଚ କରିବାକୁ କାହାର ବି ଅନୁମତି ନାହିଁ।'ସେ ଆହୁରି କହିଛନ୍ତି, 'ଆମର ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ଚିନ୍ତା ବଢୁଛି। ଯେତେବେଳେ ଅନୁଷ୍ଠାନଗୁଡ଼ିକର ଉତ୍ତରଦାୟିତ୍ୱ ଅଭାବ ହୁଏ, ସେତେବେଳେ ଗଣତନ୍ତ୍ର ଦେଖାଣିଆ ପାଲଟିଯାଏ ଏବଂ ଠକାମିର ସମ୍ଭାବନା ବଢ଼ିଯାଏ।' ରାହୁଲ ଗାନ୍ଧି ନିଜର ଏହି ପୋଷ୍ଟରେ ନିକଟରେ ଶେଷ ହୋଇଥିବା ଲୋକସଭା ନିର୍ବାଚନ ସହ ଜଡିତ ଏକ ଘଟଣା ବିଷୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠିଛି। ଶିବସେନା ସିନ୍ଧେ ଗୋଷ୍ଠୀର ସାଂସଦ ରବିନ୍ଦ୍ର ବାୟକରଙ୍କ ଶାଳା ମଙ୍ଗେଶ ପାଣ୍ଡିଲକରଙ୍କ ବିରୋଧରେ ମୁମ୍ବାଇ ପୁଲିସ ମାମଲା ରୁଜୁ କରିଛି। ମୁମ୍ବାଇର ଗୋରେଗାଓଁ ନିର୍ବାଚନ କେନ୍ଦ୍ର ଭିତରେ ବ୍ୟାନ୍ ସତ୍ତ୍ୱେ ବି ମଙ୍ଗେଶ ପାଣ୍ଡିଲକର ମୋବାଇଲ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। କହିରଖୁ ଯେ, ଏଲନ୍ ମସ୍କ ଶନିବାର ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଇଭିଏମ ବ୍ୟବହାର ନକରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, 'ଇଭିଏମକୁ ରଦ୍ଦ କରିଦେବା ଉଚିତ୍। ଏହାକୁ ସାଧାରଣ ଲୋକ କିମ୍ବା ଏଆଇ ଦ୍ୱାରା ହ୍ୟାକ୍ କରିବା ଅଶଙ୍କା ରହିଛି।' ଏଲନ ମସ୍କଙ୍କ ଏହି ବୟାନ ପରେ ରାହୁଲ ଗାନ୍ଧି ମଧ୍ୟ ଏହି କଥା ଆଳରେ ଇଭିଏମକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ଦାଦନ ସମସ୍ୟାର ଉତ୍କଟ ରୂପ : ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ପିଲା ଛାଡୁଛନ୍ତି ପାଠ



ଉଦଳା , ୧୬/୬ (ନି.ପ୍ର): ସମଗ୍ର ଓଡ଼ିଶାରେ ଦାଦନ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ନେବାରେ ଲାଗିଛି । ରାଜ୍ୟରେ ପୂର୍ବରୁ ଶାସନ କରି ଆସୁଥିବା ସରକାର ରାଜ୍ୟରେ ଓ ବିଶେଷ କରି ଗ୍ରାମାଚଂଳରେ ଯଥେଷ୍ଟ ରୋଜଗାର ସୃଷ୍ଟି କରିପାରି ନାହାଁନ୍ତି । ଫଳରେ ଓଡ଼ିଶାର ଲୋକେ ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଗୁଜୁରାଟ, କେରଳ, ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି । ଏହି କାରଣରୁ ଓଡ଼ିଶାର ଗ୍ରାମିଣ ଓ କୃଷି ଅର୍ଥନିତି ଭୁଷୁଡ଼ି ପଡ଼ିଛି । ଭୁଲ ଜମି, ଜଙ୍ଗଲ, ବିକାଶ ନିତି ଯୋଗୁଁ ଚାଷି, ଆଦିବାସି, ଦଳିତ, ଭୂମିହିନ ଶ୍ରମିକ ଆଜି ଗାଁ ଓ ରାଜ୍ୟ ଛାଡ଼ି ଦାଦନ ସାଜିଛନ୍ତି । ଓଡ଼ିଶାର ଦାଦନ ଶ୍ରମିକ ମାନେ ବାହାର ରାଜ୍ୟରେ ବିଭିନ୍ନ ପ୍ରକାର ଅତ୍ୟାଚାର ଓ ଯୌନଗତ ଶୋଷଣର ଶିକାର ହେଉଥିବାର ଘଟଣା ଶୁଣିବାକୁ ମିଳୁଛି । ସବୁଠାରୁ ଅଧିକ ଅସୁବିଧାରେ ପଡ଼ିଛନ୍ତି ଦାଦନ ଶ୍ରମିକଙ୍କ ପରିବାରର ଛୋଟ ପିଲାମାନେ । ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ଏହି ପରିବାରର ପିଲା ପାଠ ପଢ଼ା ଛାଡୁଥିବାର କଥା ଶୁଣିବାକୁ ମିଳୁଥିବା ବେଳେ ପୁଣି କିଛି ପିଲା ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର କଥା ଚର୍ଚ୍ଚା ହେଉଛି । ଏହିସବୁ ପିଲାଙ୍କ ସମ୍ପର୍କରେ ଜାଣିବା ପାଇଁ ମୟୂରଭଂଜ ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବି ସଂଗଠନ 'ଜନଜାଗୃତି ମଂଚ' ଉଦ୍ୟମ ଚଳାଇଛି । ଉକ୍ତ ସଂଗଠନ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅଧାରୁ ପାଠପଢ଼ା ଛାଡ଼ିଥିବା ଶତାଧିକ ପିଲାଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ନେବାରେ ସକ୍ଷମ ହୋଇପାରିଛି । କିଛିଦିନ ପୂର୍ବରୁ ବଲାଙ୍ଗିର ଜିଲ୍ଲାର 'ଲୋକ ଉନ୍ନତି ସଂଗଠନ' ଏ ସମ୍ପର୍କରେ ଉଦ୍ୟମ ଆରମ୍ଭ କରିଛି । ଉକ୍ତ ସଂଗଠନ ଜିଲ୍ଲାର କେବଳ ଗୋଟିଏ ବ୍ଲକ 'ଖପରାଖୋଲ'ରେ ଏହିଭଳି ପରିବାରର ୧୨ ଜଣ ପିଲାଙ୍କୁ ଚିହ୍ନଟ କରିଛି, ଯେଉଁମାନେ କି ଅଧାରୁ ପାଠପଢ଼ା ଛାଡ଼ିଛନ୍ତି । ଏହିସବୁ ପିଲାମାନେ ହେଲେ ଖପରାଖୋଲ ବ୍ଲକର ଦମିପାଲି ପଂଚାୟତ ଅନ୍ତର୍ଗତ ଲାଛିମଲ ଗ୍ରାମର ବାସୁଦେବ ବଣ୍ଡାଙ୍କ ୧୨ ବର୍ଷ ବୟସର ପୁତ୍ର 'ପ୍ରକାଶ', କିଚବାହଲ ଗ୍ରାମର ଲାଲମୋହନ କୁମ୍ଭାରଙ୍କ ୧୩ ବର୍ଷ ବୟସର ପୁତ୍ର 'ଅରୁଣ', ଗଙ୍ଗା ଦୀପଙ୍କ ୧୨ ବର୍ଷ ବୟସର କନ୍ୟା 'ସରିତା', ବଳରାମ ଦୀପଙ୍କ ୧୪ ବର୍ଷ ବୟସର ପୁତ୍ର 'ଥାନା ସୁନ୍ଦର' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । ସେହିପରି ପଡ଼ିଆବାହଲ ପଂଚାୟତ ଅନ୍ତର୍ଗତ ପ୍ରହ୍ଲାଦପୁର ଗ୍ରାମର ଭରତ ଜୁଏଲଙ୍କ ୧୨ ବର୍ଷ ବୟସର କନ୍ୟା 'ଭାରତୀ' ଓ 'ଅନିତା', ଶେଷା ବରିହାଙ୍କ ୧୩ ବର୍ଷ ବୟସର କନ୍ୟା 'ଅନୁପମା' କୃପାସିନ୍ଧୁ ବରିହାଙ୍କ ୧୨ ବର୍ଷ ବୟସର କନ୍ୟା 'କୌଶଲ୍ୟା', ତୁଳସି ମହାନନ୍ଦାଙ୍କ ୧୨ ବର୍ଷ ବୟସର କନ୍ୟା 'ଅନିତା', ହଦୁସୁନା ୧୦ ବର୍ଷ ବୟସର କନ୍ୟା 'କସ୍ତୁରି', ସାନନ୍ଦ ବରିହାଙ୍କ ୧୦ ବର୍ଷ ବୟସର କନ୍ୟା 'ଅନୁସୟା', ବଳରାମ ସୁନାଙ୍କ ୧୧ ବର୍ଷ ବୟସର କନ୍ୟା 'ସ୍ୱପ୍ନା' ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଏହିସବୁ ପିଲାମାନେ ପୁଣିଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ ବିଭାଗୀୟ କର୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ନେବାକୁ 'ଲୋକ ଉନ୍ନତି ସଂଗଠନ'ର ସ୍ୱେଚ୍ଛାସେବି ମାନେ ଦାବି ଜଣାଇଛନ୍ତି । ଏହି ବୟସର ପିଲାଙ୍କୁ ପାଠ ସହିତ ବାନ୍ଧି ନରଖିଲେ ବାଲ୍ୟ ବିବାହ ଜନିତ ଭୟଙ୍କର ବିପଦ ମାଡ଼ିଆସିବ ଏଥିରେ ସନ୍ଦେହ ନାହିଁ ବୋଲି ସ୍ୱେଚ୍ଛାସେବି ମାନେ କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ରାଜ୍ୟ ଏମ୍.ସି. ଓ ଏ.ପି.ଓ. ଆସୋସିଏସନ୍

ଭୁବନେଶ୍ୱର, ୧୬/୬ (ନି.ପ୍ର): ଆଜି ରାଜ୍ୟ ଅତିଥି ଭବନଠାରେ ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ମନରେଗା ସଂଯୋଜକ (ଏମ୍.ସି.) ଓ ଅତିରିକ୍ତ ପ୍ରୋଗ୍ରାମ୍ ଅଫିସର (ଏ.ପି.ଓ.) ସଂଘର କର୍ମକର୍ତାମାନେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହା ପୂର୍ବରୁ ସଂଘର କର୍ମକର୍ତାମାନେ ଖାରବେଳନଗସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଏକାଠି ହୋଇ ସଂଘର ଆଗାମୀ କାର୍ଯ୍ୟକ୍ରମ ଓ ସେମାନଙ୍କର ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ରାଜ୍ୟର ସମସ୍ତ ବ୍ଲକରେ କାର୍ଯ୍ୟରତ ଥିବା ଏମ୍.ସି. ଓ ଏ.ପି.ଓ. ମାନେ ଏକାଠି ହୋଇ ନୂତନ ସରକାରର ଶୁଭକାମନା କରିବା ସଂଗେ ସଂଗେ ଅଭିନନ୍ଦନ ଜଣାଇଥିଲେ । ସଂଘର ସଭାପତି ମାନସ ରଂଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୧୦-୧୧ ଆର୍ଥିକ ବର୍ଷଠାରୁ କାର୍ଯ୍ୟରତ ସମସ୍ତ ଅଧିକାରୀମାନେ ପ୍ରତି ଜିଲ୍ଲାରୁ ଆସି ଏକାଠି ହୋଇ ନୂତନ ସରକାରଙ୍କ ପାଖରେ ସେମାନଙ୍କର ଦାବି ଆଗାମୀ ଦିନରେ ଜଣାଇବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଠାରେ ଉଲ୍ଲେଖନୀୟ ଯେ, ସମସ୍ତ ଏମ୍.ସି. ଓ ଏ.ପି.ଓ.ମାନେ ସ୍ୱଳ୍ପ ଦରମା ସହିତ ଅସ୍ଥାୟୀ କର୍ମଚାରୀ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱ ଗଠିତ ନୂତନ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ସଂଘ ତରଫରୁ ଦୃଢ ଆଶା ପୋଷଣ କରାଯାଇଅଛି । ସଂଘର ଆଗାମୀ କାର୍ଯ୍ୟକ୍ରମ ଆସନ୍ତା ଜୁଲାଇ ୨୭ ତାରିଖ ଦିନ ପୁରୀଠାରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତି ଗ୍ରହଣ କରାଯାଇଅଛି । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଷ୍ପତି ନିଆଯାଇଥିଲା ଏବଂ ସଙ୍ଗେସଙ୍ଗେ ସଂଘର ସମସ୍ତ କର୍ମକର୍ତାମାନେ ରାଜ୍ୟ ଅତିଥିଭବନକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ଏବଂ ତାଙ୍କର ସମସ୍ୟା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିବା କର୍ମକର୍ତାମାନେ ରାଜ୍ୟ ସଭାପତି ମାନସ ରଂଜନ କର ଓ ବିଭିନ୍ନ ଜିଲ୍ଲାର କର୍ମକର୍ତାଙ୍କ ନେତୃତ୍ୱରେ ଯଥା - କାଳୁଚରଣ ସାହୁ, ବନଜା ଶଶି ଦାସ, ଦିଲ୍ଲୀପ ପୁର୍ତି, ବିଷ୍ଣୁଦତ ଧଳ, ଜ୍ୟୋତିରଂଜନ ବେହେରା, ସୁମନ୍ତ ଦ୍ୱିବେଦୀ, ଦିପଙ୍କର ରଥ ପ୍ରମୁଖ ଜିଲ୍ଲା କର୍ମକର୍ତାମାନଙ୍କ ନେତୃତ୍ୱରେ ସାକ୍ଷାତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ସଂଘର ରାଜ୍ୟ ସଭାପତି ମାନସର ରଂଜନ କର ଜଣାଇଛନ୍ତି ।

# ଅସହାୟ ମମତା: ଆହା କରିବାକୁ କେହି ନାହିଁ

ନୂଆପଡ଼ା, ୧୬/୬ (ନି.ପ୍ର): ନା ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘର ଖଣ୍ଡେ ଅଛି, ନା ପିନ୍ଧିବା ପାଇଁ ଭଲ ବସ୍ତ୍ର ଖଣ୍ଡେ ଅଛି, ନା ଖାଇବା ପାଇଁ ପର୍ଯ୍ୟାପ୍ତ ରାସନ ଅଛି ନା ମନ ଲାଖି ଜିନିଷଟିଏ କିଣିବା ପାଇଁ ହାତରେ ଦୁଇ ପଇସା ଅଛି । ଲୁହ ଲହୁ ପିଇ ଜୀବନ ଜିଇଁବା ହିଁ ସେମାନଙ୍କ ଭାଗ୍ୟରେ ଲେଖା ହୋଇଛି ବୋଧହୁଏ । ଖଡ଼ିଆଳ ବ୍ଲକ କିରିକିଟା ଗ୍ରାମ ପଂଚାୟତର ଜୁନାପାଣି ଗ୍ରାମର ଖଲିଆ ଭଟା ପଡା । ଏହି ଗ୍ରାମର ମମତା ମାଝୀଙ୍କ ଦୁଃଖ କହିଲେ ନସରେ । ଦୁଇ ପୁଅ ଟିକେରାମ (୫ ବର୍ଷ), ଧନେଶ୍ୱର (୩ ବର୍ଷ)ଓ ଗୋଟିଏ ଝିଅ ମଞ୍ଜୁଳା (୧ବର୍ଷ)କୁ ନେଇ ତାଙ୍କରି ଅଭାବୀ ସଂସାର । ସ୍ୱାମୀ ବଲି ମାଝୀ ଛଅ ମାସ ତଳେ ଆର ପାରିକୁ ଚାଲି ଯାଇଛନ୍ତି । ଯାହାଙ୍କ ହାତ ଧରି ଦିନେ ସୁଖର ସଂସାର ଗଢିଥିଲେ, ସେ ଯେ ଦିନେ ସବୁଦିନ ପାଇଁ ଛାଡି ଚାଲିଯିବ ଓ ସେମାନେ ଦୁଃଖ ସାଗରରେ ଭାସି ବୁଲିବେ ଏକଥା କଳ୍ପନା ମଧ କରି ନଥିଲେ ମମତା । ସ୍ୱାମୀ ଥିବା ବେଳେ ଅଭାବ ନଥିଲା । ମୁଣ୍ଡ ଝାଳ ତୁଣ୍ଡରେ ମାରି ଦୁଇ ପରାଣୀ ଆପଣା ସଂସାରକୁ ଦୁଃଖ ସୁଖରେ ଚଲାଇ ନେଇଥିଲେ । ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କରି ଇଟା ମାଟିର ଘର ହସ ଖୁସିରେ ଫାଟି ପଡୁଥିଲା । ହେଲେ ଏ ସୁଖ ଯେ ଅଳ୍ପ ଦିନ ପାଇଁ, ମମତା ଜାଣି ପାରି ନଥିଲେ । ସ୍ୱାମୀ ବଲିଙ୍କୁ ଅଳ୍ପ ଅଳ୍ପ ଜ୍ୱର ହେଲା, ଡାକ୍ତରଙ୍କୁ ଦେଖାଇ ଔଷଧ ଖୁଆଇଲେ ହେଲେ ଜ୍ୱର କମିଲା ନାହିଁ ଓ ସ୍ୱାମୀଙ୍କ ଜୀବନ ଦୀପ ଲିଭିଗଲା । ମମତାଙ୍କ ମୁଣ୍ଡରେ ଚଡକ ପଡ଼ିଲା, ତିନି ତିନିଟି କଅଁଳ ଛୁଆଙ୍କୁ ନେଇ ଜୀବନ ବଂଚିବେ କେମିତି ? ସ୍ୱାମୀ ମରିବାର ଛଅ ମାସ ବିତିଗଲାଣି, କିନ୍ତୁ ତାଙ୍କୁ ଭତା ମିଳୁନି । ପରିବାର ମଙ୍ଗଳ ଯୋଜନା ସହାୟତା ପାଇ ନାହାନ୍ତି, ଏପରିକି ସ୍ୱାମୀଙ୍କ ଅନ୍ତେ୍ୟଷ୍ଟି କ୍ରିୟା ପାଇଁ ଆବେଦନ କରିଥିଲେ ମଧ ହରିଶ୍ଚନ୍ଦ୍ର ଯୋଜନାରେ ସହଯୋଗ ପାଇ ନାହାନ୍ତି । ମମତାଙ୍କୁ କୌଣସି ସରକାରୀ ସହଯୋଗ ମିଳି ପାରିନାହିଁ । ତାଙ୍କ ପରିବାରକୁ ଏପର୍ଯ୍ୟନ୍ତ ରାସନ୍ କାର୍ଡ ଖଣ୍ଡେ ମିଳି ପାରିନି । ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ସାତ ସପନ ହୋଇଯାଇଛି । ଛୋଟ ଛୋଟ ଛୁଆ ମାନଙ୍କୁ ଛାଡି ମମତା ମୂଲ ଲାଗିବା ପାଇଁ ଯାଆନ୍ତି, ଯେଉଁ ଦିନ କାମ ମିଳେ ନାହିଁ କିମ୍ବା ସେ ଯାଇ ପାରନ୍ତି ନାହିଁ ସେଦିନ ପରଘରୁ ମାଗିକି ଖାଇବାକୁ ପଡେ । ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଦେବା ସହ ବିଧବା ଭତା, ପରିବାର ମଙ୍ଗଳ ଯୋଜନାର କୋଡ଼ିଏ ହଜାର, ଅନ୍ତ୍ୟୋଦୟ କାର୍ଡ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରିବାକୁ ସେ ଆକୁଳ ନିବେଦନ କରିଛନ୍ତି । ଏନେଇ ସ୍ଥାନୀୟ ସରପଂଚ ଛବି ମାଝୀଙ୍କୁ ପଚାରିବାରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ଦେଇ ନଥିବାରୁ ଏସବୁ ସୁବିଧା ମିଳି ପାରୁ ନଥିଲା, ଏବେ ସବୁ କାଗଜ ପତ୍ର ଦିଆଯାଇଛି ଓ ନିୟମାନୁସାରେ ସବୁ ପ୍ରକାର ସହଯୋଗ କରାଯିବ ବୋଲି କହିଛନ୍ତି । ଖାଦ୍ୟ, ବସ୍ତ୍ର, ବାସଗୃହ ଜଣେ ଲୋକର ମୌଳିକ ଆବଶ୍ୟକତା । ଏକ ଜନମଙ୍ଗଳ ରାଷ୍ଟ୍ରରେ ସରକାର ଏସବୁ ଯୋଗାଇବା ବାଧତାମୂଳକ । କିନ୍ତୁ, ସବୁ ପ୍ରକାର ଯୋଜନା ଥାଇ ମଧ ମମତାଙ୍କ ପରି ଲୋକେ ନାହିଁ ନାହିଁର ଜୀବନ କାଟୁଛନ୍ତି ।

## ଅଜଣା ଗାଡି ଧକ୍କାରେ ଜଣେ ମୃତ

ଚମ୍ପୁଆ, ୧୬/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅର୍ନ୍ତଗତ ରଘୁଆଳ ସାହି ନିକଟରେ ୫୨୦ ନମ୍ବର ଜାତୀୟ ରାଜପଥ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ପ୍ରାଣ ହରାଇଥିବା ଜଣାପଡିଛି । ମୃତକଙ୍କ ନାମ ରମେଶ ଚନ୍ଦ୍ର ବାରିକ, ଘର ନିକଟସ୍ଥ ରାମଚନ୍ଦ୍ର ପୁର ଗ୍ରାମରେ । ସେ ସକାଳୁ ମର୍ଣିଙ୍ଗ ୱ୍ୱାର୍କରେ ଘରୁ ବାହାରି ଥିବା ବେଳେ ରଘୁଆଳ ସାହି ନିକଟରେ ଅଜଣା ଗାଡ଼ି ଧକ୍କା ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ଚମ୍ପୁଆ ପୋଲିସ ସେଠାରେ ପହଂଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଫକୀରମୋହନଙ୍କ ଜୟନ୍ତୀ ଅବା ଶ୍ରାଦ୍ଧ ଦିବସକୁ ଓଡ଼ିଆ ଅସ୍ମିତା ଦିବସ ଭାବେ ସରକାରୀ ଘୋଷଣା ଦାବି

ନୀଳଗିରି, ୧୬/୬ (ନି.ପ୍ର): ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଫକୀରମୋହନଙ୍କ ୧୦୭ତମ ଶ୍ରାଦ୍ଧ ବାର୍ଷିକୀରେ ଆୟୋଜିତ ଈଓଡ଼ିଆ ଉପନ୍ୟାସରେ ଓଡ଼ିଆ ଜନଜୀବନ ଓ ଓଡ଼ିଆ ଅସ୍ମିତା ବନାମ ଫକୀରମୋହନଈ ନାମକ ଆଭାସୀ ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବରେ ଫକୀରମୋହନ ସାହିତ୍ୟର ଗବେଷକ ଡ଼ ଅରବିନ୍ଦ ଗିରି ଓ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଫକୀରମୋହନଙ୍କ ଜନ୍ମ ଅବା ଶ୍ରାଦ୍ଧ ଦିବସକୁ ଓଡିଶାରେ ଓଡିଆ ଅସ୍ମିତା ଦିବସ ଭାବେ ସରକାରୀ ଘୋଷଣା ହେଉବୋଲି ମତପୋଷଣ କରିଥିଲେ । ଉଭୟ ତାଙ୍କ ବକ୍ତବ୍ୟରେ ଫକୀରମୋହନଙ୍କ ଚାରିଗୋଟି ଉପନ୍ୟାସର ଚରିତ୍ର ଓ ଚରିତ୍ର ମୁଖରେ ସଂଳାପ ତଥା ସମୟ ଓ ପରିସ୍ଥିତିକୁ ତନ୍ନତନ୍ନ ଭାବରେ ବିଶ୍ଳେଷଣ କରି ପ୍ରକାଶ କଲେ ଅସ୍ମିତା ଗୋଟିଏ ଜାତିର ଆତ୍ମ ପରିଚିତି । ଜାତିର ବିଚାରଧାରା ଓ ସ୍ୱାଭିମାନ ସେହି ଜାତିର ଅସ୍ମିତାର ଉପାଦାନ । ଆଧ୍ୟାତ୍ମିକତା ଅସ୍ମିତାର ପରିଚୟ । ସାର୍ବଭୌମ ଭୂଖଣ୍ଡ, ଭାଷା ଓ ଜାତୀୟତାକୁ ନେଇ ଅସ୍ମିତାର ଜନ୍ମଜାତକ ଲେଖା ହୋଇଥାଏ । ମାଟି ଓ ଭାଷାରୁ ଦୂରେଇଗଲେ ସ୍ୱତନ୍ତ୍ର ଅସ୍ମିତାର ଚିହ୍ନବର୍ଣ୍ଣ ନାହିଁ । ମୂଳମାଟି ଓ ଭାଷାରେ ଜାତିର ପରିଚୟ ନିହିତ । ଫକୀରମୋହନ ଓଡ଼ିଆ ଅସ୍ମିତା ସୃଷ୍ଟି କରିବାରେ ପ୍ରଥମ ସ୍ରଷ୍ଟା । ପ୍ରାରମ୍ଭରେ ଆଭାସୀ ଆଲୋଚନା ଚକ୍ରରେ ସାହିତ୍ୟ ପରିବାରର ସମ୍ପାଦକ ତଥା ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ପୌରୋହିତ୍ୟ କରିଥିବାବେଳେ ସୁଶ୍ରୀ ଜ୍ୟୋତିପ୍ରଭା ଦାସ ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷରେ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ସମ୍ପାଦକ କବି କାଳୀପଦ ପଣ୍ଡା, ଉପେନ୍ଦ୍ରନାଥ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପିକା ସଂଯୁକ୍ତା ରାଉତ ଫକୀରମୋହନଙ୍କ ଉପରେ ସଂକ୍ଷିପ୍ତ ମନ୍ତବ୍ୟ ପ୍ରଦାନ କରିଥିବାବେଳେ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବରହମପୁର ବିଶ୍ୱବିଦ୍ୟାଳୟ , ଉତ୍କଳ ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷକ ଗବେଷିକା, ସ୍ନାତକୋତ୍ତର ଛାତ୍ରଛାତ୍ରୀ ତଥା ବାଲେଶ୍ୱର ଓ ମୟୂରଭଞ୍ଜର ଅନେକ ଡିଗ୍ରୀ ମହାବିଦ୍ୟାଳୟ ମାନଙ୍କର ଅଧ୍ୟାପକ ଅଧ୍ୟାପିକା ଓ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଏପରି କାର୍ଯ୍ୟକ୍ରମକୁ ଉପସ୍ଥିତ ଶିକ୍ଷାସମାଜର ପ୍ରତ୍ୟେକ ବ୍ୟକ୍ତି ପ୍ରଶଂସା କରିଛନ୍ତି ।

## କୁସୁମଗୁଡା ଗ୍ରାମରେ ବଜ୍ରାଘାତରେ ୨୦ ଗୋରୁଙ୍କ ମୃତ୍ୟୁ

ମାଲକାନଗିରି, ୧୬/୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ତଣ୍ଡିକି ପଂଚାୟତ କୁସୁମଗୁଡା ଗ୍ରାମରେ ଗତକାଲି ବଳମ୍ବିତ ରାତିରେ ବଡ଼ ଧରଣର ଅଘଟଣ ଘଟିଛି । ଗାଁରେ ବଜ୍ରାଘାତରେ ୨୦ ଗାଈଗୋରୁଙ୍କ ଜୀବନ ଯାଇଛି । ତଣ୍ଡିକି ପଂଚାୟତର କୁସୁମଗୁଡା ଗ୍ରାମରେ ବଜ୍ରାଘାତରେ ୨୦ ଗାଈଗୋରୁ ଅକାଳରେ ପ୍ରାଣ ହରାଇଛନ୍ତି । ସୂଚନା ଅନୁଯାୟୀ, ଗତକାଲି ରାତିରେ ପ୍ରବଳ ବିଜୁଳି ଘଡଘଡି ସହ ବର୍ଷା ହୋଇଥିଲା । ତେବେ କୁସୁମଗୁଡାର ଏକ ଗଛ ତଳେ ଗାଈମାନେ ବର୍ଷାକୁ ଦେଖି ଆଶ୍ରୟ ନେଇଥିଲେ । ଗାଈଗୋରୁ ଆଶ୍ରୟ ନେଇଥିବା ଗଛରେ ହିଁ ବଜ୍ରାଘାତ ହୋଇଥିଲା, ଯାହାଫଳରେ ଗଛ ତଳେ ଆଶ୍ରୟ ନେଇଥିବା ସମସ୍ତ ଗାଈଗୋରୁଙ୍କର ମୃତ୍ୟୁ ହୋଇଥିଲା । କୁସୁମଗୁଡା ଗ୍ରାମର ଚେନ୍ଦରୁ ଦୁରୁଆଙ୍କର ୩ଟି ବଳଦ,୨ଟି ଗାଈ ଓ ଗୋଟିଏ ବାଛୁରୀ, ବୁଦା ଦୁରୁଆଙ୍କ ଗୋଟିଏ ବଳଦ ଓ ଗୋଟିଏ ଗାଈ, ରାମୁ ମାଡ଼କାମୀଙ୍କ ଗୋଟିଏ ବଳଦ, ଯାଇତି ଦୁରୁଆଙ୍କ ଗୋଟିଏ ବଳଦ, ହୁଙ୍ଗା ମାଡ଼କାମୀଙ୍କ ଗୋଟିଏ ଲେଖାଏଁ ବଳଦ, ଗାଈ ଓ ବାଛୁରୀ, ଗଙ୍ଗା ଦୁରୁଆଙ୍କ ଗୋଟିଏ ବାଛୁରୀ, ବୁଟୁ ମାଡ଼କାମୀଙ୍କ ଗୋଟିଏ ବଳଦ, ପ୍ରହ୍ଲାଦ ଦୁରୁଆଙ୍କ ଗୋଟିଏ ବାଛୁରୀ, ଗାଗୁରୁ ଦୁରୁଆ ଗୋଟିଏ ବାଛୁରୀ, ରଶ୍ମି ଦୁରୁଆଙ୍କ ଗୋଟିଏ ଗାଈ ଓ ଗୋଟିଏ ବାଛୁରୀ ଏବଂ ସୁକୁଲୁ ଦୁରୁଆଙ୍କ ଗୋଟିଏ ଗାଈର ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ପଂଚାୟତର ପିଇଓ, ରାଜସ୍ୱ ନିରୀକ୍ଷକ, ତଣ୍ଡିକି ସରପଂଚ,ଏଲ ଆଇ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । କ୍ଷତିପୂରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ତଟ ରକ୍ଷକ ପାରାଦ୍ୱୀପ ତରଫରୁ ବିଶ୍ୱ ରକ୍ତଦାନ ଦିବସ ଅବସରରେ ରକ୍ତଦାନ ଶିବିର



ପାରାଦ୍ୱୀପ , ୧୬/୬ (ନି.ପ୍ର): ବିଶ୍ୱ ରକ୍ତ ଦାତା ଦିବସ ଅବସରରେ ଭାରତୀୟ ତଟରକ୍ଷକ ଜିଲ୍ଲା ମୁଖ୍ୟାଳୟ, ପାରାଦ୍ୱୀପ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଯାଇଛି । ବିଶ୍ୱ ରକ୍ତଦାତା ଦିବସ -୨୦୨୪ ଅବସରରେ ଦେଶବ୍ୟାପୀ ଚାଲିଥିବା ଅଭିଯାନକୁ ସ୍ମରଣୀୟ କରିବା ପାଇଁ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଚଳିତ ବର୍ଷର ଅଭିଯାନର ବିଷୟବସ୍ତୁ ହେଉଛି "ରକ୍ତଦାନ ଦେବାର ୨୦ ବର୍ଷ ପାଳନ: ରକ୍ତଦାତାମାନଙ୍କୁ ଧନ୍ୟବାଦ । ପାରାଦୀପରେ ଥିବା ତଟ ରକ୍ଷକ କାର୍ଯ୍ୟାଳୟରୁରୁ ମୋଟ ୮୩ ତଟରକ୍ଷକ କର୍ମଚାରୀ ଏବଂ ସେମାନଙ୍କ ପରିବାର ଏହି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିବା ସହ ରକ୍ତ ଦାନ କରିଥିଲେ । ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ ପାରାଦ୍ୱୀପର କମାଣ୍ଡର ପ୍ରଥମ ରକ୍ତ ଦାତା ହୋଇ ଦେଶର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରା ସହିତ ମେଳ ଖାଉଥିବା ଓ ଉତ୍ତମ କାର୍ଯ୍ୟରେ ଅଂଶଗ୍ରହଣ କରିଥିବାରୁ ସମସ୍ତ ରକ୍ତ ଦାତାଙ୍କୁ ଧନ୍ୟବାଦ ଜଣାଇଲେ । ଅଭିଯାନ ପରିଚାଳନାରେ ସାହାଯ୍ୟ କରିଥିବାରୁ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ, ପାରାଦ୍ୱୀପର କମାଣ୍ଡର ଜଗତସିଂହପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର ଏବଂ କର୍ମଚାରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଡାକ୍ତରୀ ଦଳ ରକ୍ତଦାନର ଗୁରୁତ୍ୱ ଉପରେ ଏହି ସମାବେଶରେ ଗୁରୁତ୍ୱାରୋପ କରିଥିଲେ ଏବଂ ରକ୍ତ ଏବଂ ରକ୍ତ ଦ୍ରବ୍ୟର ରକ୍ତଦାନ ପାଇଁ ବିଶ୍ୱ ସ୍ତରୀୟ ଆବଶ୍ୟକତା ସଚେତନ କରାଇଥିଲେ । ଏହି ଶିବିର ସମୟରେ ରକ୍ତଦାତା ମାନଙ୍କର ରକ୍ତଚାପ ଏବଂ ହେମୋଗ୍ଲୋବିନ୍ ସ୍ତର ଭଳି ସାଧାରଣ ଚିକିତ୍ସା ଯାଞ୍ଚ କରାଯାଇଥିଲା ଓ ରକ୍ତଦାନ ପାଇଁ ସେମାନଙ୍କର ସାମର୍ଥ୍ୟ ପରଖାଯାଇଥିଲା । ରକ୍ତ ଦାତାମାନଙ୍କ ପାଇଁ ହାଲୁକା ଜଳପାନର ବ୍ୟବସ୍ଥା କରାଯାଇଥିଲା । ଶେଷରେ ତଟ ରକ୍ଷକ ପରିବାରର ସଦସ୍ୟଙ୍କ ସମେତ ସମସ୍ତ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରି ଜୀବନ ବଞ୍ଚାଇବା ପାଇଁ ସାମୂହିକ ପ୍ରତିବଦ୍ଧତାକୁ ଦର୍ଶାଇଥିଲେ ।

# ଶାନ୍ତିକାନନରେ ବ୍ୟାସକବି ଫକୀରମୋହନଙ୍କ ଶ୍ରାଦ୍ଧୋତ୍ସବ ପାଳିତ




ବାଲେଶ୍ୱର, ୧୬/୬ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୦୭ତମ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଛି । ପ୍ରତ୍ୟୁଷରେ ପରିଷଦର ସଦସ୍ୟମାନଙ୍କ ଗହଣରେ ଶାନ୍ତିଘାଟ ଓ ଶାନ୍ତିକାନନଠାରେ ରେମୁଣା ବିଧାୟକ ଗୋବିନ୍ଦ ଦାସ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ନିଜର ଭକ୍ତିନୈବେଦ୍ୟ ଅର୍ପଣ କରିଥିଲେ । ସନ୍ଧ୍ୟାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ 'ରେବତୀ' ପତ୍ରିକାର ସଂପାଦିକା ତଥା ବକ୍ତା ବିଧାୟିକା ସୁବାସିନୀ ଜେନା ଓ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ବରେଣ୍ୟ ଅତିଥି ଭାବେ ଯୋଗଦାନ କରି ବ୍ୟାସକବିଙ୍କ ପ୍ରତି ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ସାହିତ୍ୟ ଏକତୀର୍ଥ ଯେଉଁଠି ମନ ଓ ଆତ୍ମା ଶୁଦ୍ଧ ହୋଇଥାଏ । ଅନତିକ୍ରମଣୀୟ ସ୍ରଷ୍ଟା ବ୍ୟାସକବି ନିଜ ସାହିତ୍ୟକୁ ସେହିପରି ଏକ ତୀର୍ଥରେ ପରିଣତ କରିଦେଇଛନ୍ତି । ପରିଷଦର ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ଫକୀରମୋହନଙ୍କ ରଚିତ ଗୋଟିଏ ଗୀତକୁ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ଶାନ୍ତି ବିଶି, ତୃପ୍ତିରାଣୀ ପାତ୍ର, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, ଅମିତା ଚାନ୍ଦ, କୃଷ୍ଣା ପ୍ରଧାନ, ଶାନ୍ତିଲତା ପଣ୍ଡା ପ୍ରମୁଖ ସମବେତ ଭାବରେ ଗାନ କରିଥିଲେ । ତବଲାରେ ସହଯୋଗ କରିଥିଲେ ଗୁରୁ ଲକ୍ଷ୍ମୀଧର ଜେନା । ଏହି ଅବସରରେ ବାଲେଶ୍ୱର ସଦର ନବନିର୍ବାଚିତ ବିଧାୟକ ଶ୍ରୀଯୁକ୍ତ ଦତ୍ତ ଓ ରେମୁଣା ବିଧାୟକ ଗୋବିନ୍ଦ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ମୃତ ମମିତାଙ୍କ ପରିବାର ଲୋକଙ୍କୁ ଭେଟିଲେ ବିଧାୟକ

ବଲାଙ୍ଗିର, ୧୬/୬ (ନି.ପ୍ର): ପୁଣି ଥରେ ଉଠିଲା ମମିତା ମେହେର ହତ୍ୟାକାଣ୍ଡ ଘଟଣା । ଆଜି ସକାଳେ ଟୁରେକେଲା ବ୍ଲକ ଅନ୍ତର୍ଗତ ଝରନୀ ଗାଁ ସ୍ଥିତ ମମିତାଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି ନବନିର୍ବାଚିତ କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ । ତେବେ ଘଟଣାରେ ଏଯାବତ୍ ନ୍ୟାୟ ମିଳିନଥିବା ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ ମୃତ ମମିତାଙ୍କ ବାପା । ଜେଲ୍ ରେ ଅଭିଯୁକ୍ତ ଗୋବିନ୍ଦ ସାହୁର ମୃତ୍ୟୁ ପରେ ତଦନ୍ତ ପ୍ରକ୍ରିୟା ଆଗଉନଥିବା ସେ କହିଛନ୍ତି । ଏଥିସହ ପୁଣି ଥରେ ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ମୃତ ମମିତାଙ୍କ ବାପା । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କୁ ସିବିଆଇ ତଦନ୍ତ ପ୍ରସ୍ତାବ ଦେବି ବୋଲି କହିଛନ୍ତି ବିଧାୟକ ଲକ୍ଷ୍ମଣ ବାଗ୍ । ଏଠାରେ ଉଲ୍ଲେଖଯୋଗ୍ୟ, ବଲାଙ୍ଗିର ଜିଲ୍ଲା ଟୁରେକେଲା ବ୍ଲକ ଅନ୍ତର୍ଗତ ଝରଣୀ ଗ୍ରାମର ମମିତା ମେହେର କଳାହାଣ୍ଡି ଜିଲ୍ଲା କେଗାଁ ସ୍ଥିତ ସନସାଇନ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଭାବେ ଚାକିରୀ କରିଥିଲେ । ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲା ଏହି ଘରୋଇ କଲେଜ ମାଲିକ ଗୋବିନ୍ଦ ଏବଂ ଏଥିରେ ତାକୁ ସହଯୋଗ କରିଥିଲା ତାର ଡ୍ରାଇଭର ରାଧେଶ୍ୟାମ । ହତ୍ୟା ପରେ ତାଙ୍କ ଶବକୁ ପୋଡି ମାଟିରେ ପୋତି ଦିଆଯାଇଥିଲା । ଗତ ଅକ୍ଟୋବର ୧୯ ତାରିଖ ୨୦୨୧ ରେ ମମିତା ନିଖୋଜ ହୋଇଥିଲେ । ପରେ ତାଙ୍କ ଦରପୋଡା ଶବକୁ ମାଟି ତଳୁ ଉଦ୍ଧାର କରିଥିଲା ପୋଲିସ । ଘଟଣାର କ୍ରାଇମବ୍ରାଂଚ ତଦନ୍ତ ହୋଇଥିଲେ ସୁଦ୍ଧା ଜେଲ୍ ଭିତରେ ଅଭିଯୁକ୍ତ ଗୋବିନ୍ଦର ମୃତ୍ୟୁ ପରେ ତଦନ୍ତ ପ୍ରକ୍ରିୟା ଆଗେଇ ପାରିନାହିଁ ।

# ପୁରୀ ରଥ ନିର୍ମାଣ ପାଇଁ ମନମୁଣ୍ଡା ରେଞ୍ଜରୁ ପଠାଗଲା ୨୪ ଗଣ୍ଡି କାଠ

ବୌଦ୍ଧ, ୧୬/୬ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ରଥ ନିର୍ମାଣ ସକାଶେ ପାଇଁ ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ ରୁ ୨୪ଟି କାଠଗଣ୍ଡି ପଠାଯାଇଛି । ଏହି ରେଞ୍ଜ ଅନ୍ତର୍ଗତ ଗୁନ୍ଦୁଳିଆ, ଶଗଡା ଏବଂ ମନମୁଣ୍ଡା ସେକ୍ସନ ଅଂଚଳରୁ ମଇ ୧୦ ଖଣ୍ଡ ଏବଂ ଶିମୁଳି ୧୪ ଖଣ୍ଡ ଏମିତି ମୋଟ ୨୪ ଖଣ୍ଡ କାଠ ପଠା ଯାଇଛି । ଶ୍ରୀ ମନ୍ଦିରରୁ ଆଜ୍ଞା ମାଳ ଆସିବା ପରେ ପୂଜାର୍ଚ୍ଚନା କରି ତିନି ସେକ୍ସନରୁ ଗଛ କଟା ଯାଇଥିଲା । ମନମୁଣ୍ଡା ସେକ୍ସନ ବାସୁଦେବପାଲିରୁ ୨୪ ଖଣ୍ଡ ମଇ ଓ ଶିମୁଳି କାଠ ଦୁଇଟି ଟ୍ରକ୍ ରେ ପାରମ୍ପରିକ ପୂଜାର୍ଚ୍ଚନା ସହ ନାମ ସଂକୀର୍ତନ କରି ସବୁଜ ପତାକା ଦେଖାଇ ପୁରୀ ଅଭିମୁଖେ ପଠାଇଥିଲେ ।
ପ୍ରଥମ ପର୍ଯ୍ୟାୟ ରେ ୧୩୧ ଖଣ୍ଡ ଅସନ, ୩୪ ଖଣ୍ଡ ଧଉରା, ୧ ଖଣ୍ଡ ଫାସୀ କାଠ ପୁରୀକୁ ପଠାଯାଇଥିଲା । ଚଳିତ ବର୍ଷ ବୌଦ୍ଧ ବନଖଣ୍ଡରୁ ମୋଟ ୨୪୧ ଖଣ୍ଡ କାଠ ପୁରୀ ରଥଯାତ୍ରାକୁ ପଠାଯିବ । ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ, ଶଗଡ଼ା ବନପାଳ ପ୍ରଶାନ୍ତ କୁମାର ପ୍ରଧାନ ଏବଂ ଗୁନ୍ଦୁଲିଆ ବନପାଳ ଦେବକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରି ତିନି ସେକ୍ସନରୁ ଗଛ କଟା ଯାଇଥିଲା । ବାସୁଦେବପାଲି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ବିଶିଷ୍ଟ ସମାଜସେବୀ ନମିତା ହୋତା ସବୁଜ ପତାକା ଦେଖାଇ ଦୁଇଟି ଟ୍ରକ୍ ପୁରୀ ଅଭିମୁଖେ ପଠାଇଥିଲେ । ମନମୁଣ୍ଡା ଡେପୁଟି ରେଞ୍ଜ ଅଫିସର ଦେବରାଜ ଛତ୍ରିଆ, ଫରେଷ୍ଟ ଗାର୍ଡ ରଞ୍ଜିତ ପ୍ରଧାନ, କର୍ମଚାରୀ ହୃଷୀକେଶ ନାଏକ, ପୀତବାସ ସିଂ, ବଂଶୀଧର ମହଲା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶତାଧିକ ଭକ୍ତ ରଥ କାଠକୁ ଦର୍ଶନ କରି ମୁଣ୍ଡିଆ ମାରି ଖୁସି ବ୍ୟକ୍ତ କରିଥିଲେ ।

# ଛେଳିମଳ ବ୍ୟବସାୟ



ବିଶ୍ୱର ବବିଭିନ୍ନ ପ୍ରାନ୍ତରେ ବିଚିତ୍ର ତଥା ଅଜବଧରଣର ବ୍ୟବସାୟ ଚାଲିଛି। ମନୁଷ୍ୟ ଚିନ୍ତାଧାରା ଯେ ସୀମାହୀନ, ତାହା କେତୋଟି ବିଚିତ୍ର କଥାରୁ ପ୍ରମାଣିତ ହୋଇଛି। ଦକ୍ଷିଣ-ପଶ୍ଚିମ ମରକକୋ ଓ ଆଲଜେରିଆର କେତୋଟି ଅଂଚଳରେ ପାଳିତ ଛେଳିଙ୍କ ପାଳନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଏଠାକାର ଏକ ଅଜବ ଦୃଶ୍ୟ ହେଲା ଯେ ଛେଳିଗୁଡ଼ିକ ଗଛ ଉପରକୁ ଚଢ଼ି ପତ୍ର ତଥା ଫଳ ଖାଇଥାନ୍ତି। ଏକ ବିଶେଷ ପ୍ରଜାତିର ବୃକ୍ଷ ଉପରେ ଛେଳିଙ୍କ ଭିଡ଼ ଅଧିକ ଦେଖିବାକୁ ମିଳେ। ଛେଳି ଏହି ଗଛର ପତ୍ର ଓ ଫଳକୁ ଖାଇ ସଫା କରିଦିଅନ୍ତି, ହେଲେ ଏହାର ମଞ୍ଜିକୁ ସେମାନେ ହଜମ କରିପାରୁ ନଥିବାରୁ ତାହା ମଳରେ ହିଁ ବାହାରିଥାଏ। ସ୍ଥାନୀୟ ବାସିନ୍ଦା ଏହି ମଳରୁ ମଂଜିକୁ ସଂଗ୍ରହ କରିଥାନ୍ତି। ଏହି ମଂଜିକୁ ହାଲକା ଭଜାଯାଇ ଏଥିରେ ଏକ ବିଶେଷ ତେଲ ବାହାର କରାଯାଏ। ଏହି ତେଲ ସୌନ୍ଦର୍ଯ୍ୟବର୍ଦ୍ଧକ ପ୍ରସାଧନ ସାମଗ୍ରୀ ତିଆରିରେ ବ୍ୟବହୃତ ହୋଇଥାଏ। ଏହି ତେଲ ୧ ଲିଟର ମୂଲ୍ୟ ୭୦ହଜାର ଟଙ୍କା ବୋଲି ଜଣାପଡ଼ିଛି। ଏବେ ସେଠାକାର ଲୋକେ ଅଧିକ ଛେଳି ପାଳନ କରିବା ସହ ଛେଳି ମଳ ସଂଗ୍ରହ କରିବାରେ ଆଦୌ ହେଳା କରୁନାହାନ୍ତି। ତେବେ ହାତରେ ଫଳରୁ ଏହି ମଞ୍ଜି ସଂଗ୍ରହ କରିବା ଖୁବ କାଠିକର ପାଠ ଅଟେ। ସେଥିପାଇଁ ଛେଳିର ସହାୟତା ନିଆଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# କ୍ଷୀର୍ ସହ ଏହି ସବୁ ଖାଦ୍ୟ ଖାଉଥିଲେ ହୋଇଯାଆନ୍ତୁ ସାବଧାନ




ଯଦି କୌଣସି ପାନୀୟ ଏକାସାଥୀରେ ମାଂସପେଶୀ, ହାଡ଼ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିପାରେ ତ ତାହା ହେଉଛି ଖିର। ଏହା ଅତ୍ୟନ୍ତ ପୁଷ୍ଟିକର, ଯାହା ସବୁ ବୟସର ଲୋକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ମନେରଖନ୍ତୁ, ଖୀର ଶରୀର ପାଇଁ ଉପକାରୀ ହେଲେ ବି ଏହାକୁ ସୀମା ମଧ୍ୟରେ ପିଇବା ଭଲ। ତେବେ ଏପରି କିଛି ଜିନିଷ ଅଛି ଯାହାକୁ ଖିର ସହ ମିଶାଇକି ଖାଇଲେ ଶରୀର ଉପରେ କୁପ୍ରଭାବ ପଡ଼େ। ପ୍ରତିଦିନ କ୍ଷୀର ପିଇଲେ ଆପଣ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ୍ ବି୧୨, ଭିଟାମିନ୍ ବି୨, ପଟାସିୟମ୍, ଫସଫରସ୍, ଭିଟାମିନ୍ ଏ ଏବଂ ଭିଟାମିନ୍ ଡି ପାଇପାରିବେ। ଏହା ଆପଣଙ୍କ ହାଡ ଏବଂ ମାଂସପେଶୀକୁ ମଜବୁତ୍ କରାଇଥାଏ। ତେଣୁ ଖିରକୁ ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚନା କରାଯାଏ। ଲୋକମାନେ ଜଳଖିଆରେ ଖୀର ସହିତ ଅନେକ ଫଳ ଖାଇଥାନ୍ତି। ବାସ୍ତବରେ, ଫଳ ସହିତ ଫଳ ଖାଇବା ଅନୁଚିତ। ବିଶେଷକରି ଲେମ୍ବୁ ଏବଂ କମଳା ପରି ଖଟା ଫଳ କେବେବି ଖିର ସହିତ ଖାଇବା ଉଚିତ୍ ନୁହେଁ। ଏହାକୁ ଏକାଠି ଖାଇଲେ ପେଟରେ ଏସିଡ୍ ବଢ଼ିଯାଏ ଏବଂ ଭଲ ହଜମ ହୁଏନାହିଁ। ଏହା ଗ୍ୟାସ, ପେଟ ଯନ୍ତ୍ରଣା, ପେଟ ଫୁଲିବା, ହୃଦଘାତର କାରଣ ହୋଇପାରେ। ଖୀର ଖାଇସାରି ଖଟାଜାତୀୟ ଖାଦ୍ୟ ଖାଇଲେ ତାହା ପେଟରେ ଛିଣ୍ଡିଯାଏ। ଅଧିକାଂଶ ଲୋକ ଖିର ସହ କଦଳୀ ଖାଇବାକୁ ଖୁବ୍ ଭଲପାଆନ୍ତି। କିନ୍ତୁ ଆୟୁର୍ବେଦ ଏହି ମିଶ୍ରଣକୁ ସବୁ ସମୟରେ ଉଚିତ ମଣେ ନାହିଁ। ବେଳେ ବେଳେ ଖିର, କଦଳୀ ମିଶାଇକି ଖାଇବା ଦ୍ୱାରା କଫ ହୋଇ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରିପାରେ। ଯଦି ଆପଣ କ୍ଷୀର ସହିତ ଫାଇବରଯୁକ୍ତ ଜିନିଷ ଖାଉଛନ୍ତି ତେବେ ସାବଧାନ ରୁହନ୍ତୁ।

# ଆପଣ କଫି ପିଇବାର ଅଭ୍ୟାସ ରଖିଛନ୍ତି କି ?: ଚା'ଠାରୁ କିନ୍ତୁ ଚା' ଭଲ

ଭାରତୀୟ ମାନେ ପ୍ରାୟତଃ ଚା ପିଇବାର ଅଭ୍ୟାସ ରଖିଥାନ୍ତି। ମାତ୍ର ଜାଣିରଖନ୍ତୁ ଯେ କଫି ପିଇବା ଚା'ଠାରୁ ବି ବେଶି ଭଲ ହୋଇଥାଏ। କଫିକୁ ନେଇ ନିକଟରେ ହୋଇଥିବା ଗୁଡ଼ାଏ ଗବେଷଣାରୁ ତା'ର ଅନେକ ସୁଗୁଣ ଥିବା ଦେଖିବାକୁ ମିଳିଛି। କଫି ବିଶ୍ୱର ଦ୍ୱିତୀୟ ଲୋକପ୍ରିୟ ପାନୀୟ। ଚାହା ତୁଳନାରେ କଫିରୁ ଦୁଇ ଗୁଣ ଶକ୍ତି ମିଳେ। ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ କ୍ଲୋରୋନିକ କିଡନୀ ଡିଜିଜ (ସିକେଡି) ରୋଗୀ ଯଦି ଅଧିକ ମାତ୍ରାରେ କଫି ପିଉଥିବେ ତେବେ ବଢ଼ିପାରିବ ସେମାନଙ୍କ ଜୀବନକାଳ। ଅଧିକ କଫି ନ ପିଉଥିବା ଲୋକଙ୍କ ପାଖରେ ୨୪ ପ୍ରତିଶତ ମୃତ୍ୟୁର ଆଶଙ୍କା ରହିଥିବା ବେଳେ, କଫି ପିଉଥିବା ଲୋକଙ୍କଠାରେ ୧୨ରୁ ୨୨ ପ୍ରତିଶତ କମ ଆଶଙ୍କା ରହିଥାଏ। ଏକ ଗବେଷଣା ଫଳାଫଳ ଅନୁଯାୟୀ କଫି, ଅନେକଙ୍କ ପାଇଁ ଏକ ଉପାଦେୟ ପାନୀୟ। କେତେକଙ୍କ କ୍ଷେତ୍ରରେ ଏହା ସ୍ମୃତି ଶକ୍ତି ବଢ଼ାଇବାରେ ସହାୟକ ହୁଏ। ପୁଣି, କେତେକ ଅଲଝାଇମର୍ସ ରୋଗୀଙ୍କ କ୍ଷେତ୍ରରେ ଔଷଧ ଭଳି କାର୍ଯ୍ୟ କରେ। ସ୍ମୃତିଶକ୍ତି ହ୍ରାସ ଜନିତ ସମସ୍ୟାରୁ ଏହା ମଣିଷକୁ ବଞ୍ଚାଇପାରେ। କଫି ପିଇବା ଦ୍ୱାରା କର୍କଟ ରୋଗ ହେବାର ସମ୍ଭାବନା କମ୍ ରହିଥାଏ। ମହିଳାଙ୍କ କ୍ଷେତ୍ରରେ ୨୫ ପ୍ରତିଶତ ଓ ପୁରୁଷଙ୍କ କ୍ଷେତ୍ରରେ ୨୦ ପ୍ରତିଶତ କର୍କଟ ସମ୍ଭାବନା ହ୍ରାସ ପାଇଥାଏ। ମସ୍ତିଷ୍କ ପାଇଁ ମଧ କଫି ଖୁବ୍ ଉପକାରୀ। କଫି ପିଇବା ଦ୍ୱାରା ମାନସିକ ରୋଗର ସମ୍ଭାବନା କମ୍ ରହିଥାଏ।



# ପିଲାଙ୍କୁ ମନାଇବେ କିପରି



**ଛୋଟ ପିଲାଙ୍କୁ କିଛି ବି ବୁଝାଇବା ମା'ମାନଙ୍କ ପାଇଁ କଣଠିକର କାମ। କାଣର ସେମାନେ ସ୍ୱଭାବତଃ ଅଝଟିଆ, ଚଂଚଳ ହୋଇଥାନ୍ତି। ଆଉ ବେଳେବେଳେ ଜିଦ୍ କରିବା, ମିଛ କହିବା ଏବଂ ଗୁରୁଜନଙ୍କୁ ଖରାପ ବ୍ୟବହାର କରିବା ମଧ୍ୟ ଲକ୍ଷ୍ୟ କରାଯାଇଛି।। ପିଲାଙ୍କୁ ସଜାଡ଼ିବାକୁ ହେଲେ ବିଶେଷ ସତର୍କ ରହିବା ଦରକାର। କାରଣ ପିଲାମାନେ କଂଚା ମାଟି ପିଣ୍ଡୁଳା ପରି। ଏହାକୁ ପେରି ରୂପ ଦେବା ତାହା ସେହି ଆକାର ନେଇଯାଏ। କେଉଁ ଦିଗ ପ୍ରତି ଆପଣ ସଚେତନ ହେବେ ଜାଣନ୍ତୁ।**

- ପିଲାଟିର ଯେତେବେଳେ ଶାରୀରିକ ଏବଂ ମାନିକ ବିକାଶ ଘଟୁଥାଏ ମା'ମାନେ ପିଲାକୁ ଅଧିକ ସମୟ ଦେବା ଠିକ୍ ହେବ। ପିଲାକୁ ମାଡ଼ ମାରି କିମ୍ବା ଗାଳିକରି ବୁଝାଇବା ଅପେକ୍ଷା ସେମାନପଙ୍କୁ ନିଜ ପାଖରେ ବସାଇ ଭଲ ଭାବରେ ବୁଝାଇବା ଦ୍ୱାରା ପିଲାଟି ଆପଣଙ୍କ କଥା ଶୁଣିଥାଏ।

- ପିଲାଟିର ଦୃଷ୍ଟିକୋଣରୁ ବୁଝିବାକୁ ଚେଷ୍ଟା କରନ୍ତୁ। ବେଳେବେଳେ ସେମାନେ ଅନେକ କଥା ଲୁଚାଇ ଥାଆନ୍ତି। ଏଣୁ ସତ ଏବଂ ମିଛର ଫରକ ସେମାନଙ୍କୁ ବତାନ୍ତୁ।

- ଏମିତି ଅନେକ ପିଲା ଅଛନ୍ତି ଯିଏ କାହାକଥା ଆଦୌ ଶୁଣନ୍ତି ନାହିଁ ଏବଂ ବେଳେବେଳେ ଆକ୍ରମଣାତ୍ମକ ବ୍ୟବହାର ଦେଖାନ୍ତି। ସେତେବେଳେ ପିଲାଙ୍କୁ ମାରନ୍ତୁ ନାହିଁ। କାରଣ ସବୁପିଲା ଏକାଭଳି ନୁହଁନ୍ତି। ମା'ମାନେ କିଛି ନୂଆ ରଣନୀତି ବାଛନ୍ତୁ। ସେମାନଙ୍କୁ ସେହି ସମୟରେ ନବୁଝାଇ ପରେ କିଛି ଉଦାହରଣ ଦେଇ ବୁଝାଇବାକୁ ଚେଷ୍ଟା କରନ୍ତୁ।

- ପିଲାଙ୍କୁ ସମୟାନୁବର୍ତ୍ତୀ ଏବଂ ନିୟମ ବୁଝାଇବା ଠିକ୍। କିନ୍ତୁ ସବୁବେଳେ ସବୁକଥାରେ ନିୟମ ମାନିବା ପାଇଁ ପିଲାଙ୍କୁ ବାଧ୍ୟ କରନ୍ତୁ ନାହିଁ। ସେମାନଙ୍କୁ କିଛି ସ୍ୱାଧୀନାତ ଦିଅନ୍ତୁ। ଏହା ଦ୍ୱାରା ପିଲାଟି ସ୍ୱ ଇଚ୍ଛାରେ ମନର କଥା ଆପଣଙ୍କ ଆଗରେ ପ୍ରକାଶ କରିଥାଏ ଏବଂ ମିଛ ମଧ୍ୟ କହି ନଥାଏ।

# ଅଧିକ ଫାଷ୍ଟ୍‌ଫୁଡ୍ ଖାଇଲେ ନିଶ୍ୱାସରୁ ଦୁର୍ଗନ୍ଧ ଆସେ



ସକାଳୁ ଉଠିଲେ ମୁହଁ ବା ପାଟିରରୁ ଗନ୍ଧ ଆସିବା ଏକ ସାଧାରଣ କଥା। କିନ୍ତୁ ,କ ନୂତନ ରିସର୍ଚ୍ଚ ଅନୁଯାୟୀ ଯେଉଁମାନେ ଫାଷ୍ଟଫୁଡ଼ ଅଧିକ ପରିମାଣରେ ଖାଆନ୍ତି ସେମାନଙ୍କ ପାଟିରୁ ଅନ୍ୟ ସମୟରେ ମଧ୍ୟ ଦୁର୍ଗନ୍ଧ ଆସିଥାଏ। ଅନ୍ୟପକ୍ଷରେ ଯେଉଁମାନେ କଦବା କ୍ୱଚିତ ଫାଷ୍ଟଫୁଡ଼ ଖାଆନ୍ତି ସେମାନଙ୍କ ପାଟିରୁ ଦୁର୍ଗନ୍ଧ ଆସି ନଥାଏ। ଏହି ଷ୍ଟଡ଼ିରୁ ଦେଖିବାକୁ ମିଳିଛି ଫାଷ୍ଟଫୁଡ୍ ପ୍ରସ୍ତୁତ କରିବା ବେଳେ ପ୍ରୟୋଗ ହେଉଥିବା ତେଲରୁ ଲୋକଙ୍କର ଏସିଡିଟି ସମସ୍ୟାର ଆଶଙ୍କା ଦେଖାଦେଇଥାଏ। ଏସିଡିଟି କାରଣରୁ ଗ୍ୟାସଟ୍ରିକ ରିଫ୍ଲେକ୍ସ ହୋଇଥାଏ ଯାହା ନିଶ୍ୱାସରେ ଦୁର୍ଗନ୍ଧର ଏକ ପ୍ରମୁଖ କାରଣ ଅଟେ। ଏଥିସହିତ ଯଦି ଡାଇବେଟିସ ଭଳି କୌଣସି ସମସ୍ୟା ଅଛି ତେବେ ମିଂଶ ପଦାର୍ଥ ଖାଇଲେ ମୁହଁରେ ବ୍ୟାକ୍ଟେରିଆ ବଢ଼ିଯାଇଥାନ୍ତି। ଫଳରେ ନିଶ୍ୱାସରେ ଦୁର୍ଗନ୍ଧ ସମସ୍ୟା ବହୁଗୁଣରେ ବଢ଼ିଯାଇଥାଏ। ଯଦି ଆପଣ ପାଟିକୁ ଫ୍ରେଶ ରଖିବାକୁ ଚାହୁଁଛନ୍ତି ତେବେ ପନିପରିବା ଓ ଫଳ ଆଦି ଖାଆନ୍ତୁ ସେଓ ଖାଇଲେ ନିଶ୍ୱାସ ପ୍ରଶ୍ୱାସ ତାଜା ରହିଥାଏ। କମଳା ଓ ଷ୍ଟ୍ରବେରୀ ମଧ୍ୟ ଆପଣଙ୍କ କାମରେ ଆସିପାରେ। ଏହି ଫଳରୁ ଭିଟାମିନ ସି ମିଳିଥାଏ ତାହା ଏସିଡ଼ିକୁ ପରିବେଶ ସୃଷ୍ଟି କରିଥାଏ। ତେଣଉ ଏଠାରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇପାରି ନଥାଏ ଓ ମୁହଁରେ ଦୁର୍ଗନ୍ଧ ହୋଇ ନଥାଏ।

## ଜାଣନ୍ତି କି....

୧. ମହିଳାଙ୍କ ମସ୍ତିଷ୍କ ତୁଳନାରେ ପୁରୁଷଙ୍କ ମସ୍ତିଷ୍କ ୧୦ ପ୍ରତିଶତ ବଡ଼।

୨. ଆମ ମସ୍ତିଷ୍କ ସର୍ବଦା ୧୨ରୁ ୨୫ ୱାଟ୍ ବିଦ୍ୟୁତ ଉତ୍ପନ୍ନ କରିଥାଏ, ଯେଉଁଥିରେ ଏକ ଛୋଟ ଏଲଇଡି ବଲବ ଜଳିପାରିବ।

୩. ମସ୍ତିଷ୍କରେ ଥିବା ଶିରା ପ୍ରଶିରାର ଲମ୍ବ ୬୪୫ କିଲୋମିଟର।।

୪. ମସ୍ତିଷ୍କର ଆକାର ଧୀରେ ଧୀରେ ଅବକ୍ଷୟ ହେବାରେ ଲାଗିଛି। ବିଗତ ୨୦ ହଜାର ବର୍ଷରେ ଟେନିସ ବଲ ଆକାର ମସ୍ତିଷ୍କ ଛୋଟ ହୋଇଛି।

୫. ମସ୍ତିଷ୍କକୁ କଷ୍ଟ ହୋଇନଥାଏ। ତେଣୁ ଯଦି ମସ୍ତିଷ୍କର ସର୍ଜରୀ କରାଯାଏ, ତେବେ ଅନାସ୍ଥେସିଆର ଆବଶ୍ୟକ ହେବନାହିଁ। କିନ୍ତୁ ଖପୁରି ପାଇଁ ଅନାସ୍ଥେସିଆର ଆବଶ୍ୟକତା ପଡ଼ିଥାଏ।

୬. ମସ୍ତିଷ୍କ ନ୍ୟୁରେନ୍ସ ମାଧ୍ୟମରେ ପରିଚାଳିତ ହୋଇଥାଏ। ଏହା କମ୍ପ୍ୟୁଟରର ସିପିୟୁ ଭଳି କାମ କରିଥାଏ। ମନୁଷ୍ୟର ମସ୍ତିଷ୍କରେ ୧୦ହଜାର କୋଟି ନ୍ୟୁରେନ୍ସ ରହିଥାଏ। ୩୫ବର୍ଷ ପରେ ଦୈନିକ ୭୦୦୦ ନ୍ୟୁରେନନ୍ସ କମିବାରେ ଲାଗେ।

୭. ଏକ ବୟସ୍କ ବ୍ୟକ୍ତି ମସ୍ତିଷ୍କର ସଜନ ୧୪୦୦ରୁ ୧୫୦୦ଗ୍ରାମ।

୮. ଆଲବର୍ଟ ଆଇନଷ୍ଟାଇନଙ୍କ ମସ୍ତିଷ୍କ ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ୧୦% କମ୍ ଥିଲା। କିନ୍ତୁ ତାଙ୍କ ମସ୍ତିଷ୍କ ନ୍ୟୁରେନ୍ସ ଅଧିକ ରହିଥିଲା ଯାହା ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରିଥାଏ।

୯. ହସିଲେ ଆମ ମସ୍ତିଷ୍କର ୫ଟି ଭାଗ ଏକସଙ୍ଗେ କାର୍ଯ୍ୟ କରିଥାଏ।

୧୦. ଅବଚେତନ ମସ୍ତିଷ୍କ ଚେତନ ମସ୍ତିଷ୍କ ଠାରୁ ୩୦,୦୦୦ ଗୁଣ ଅଧିକ ଶକ୍ତିଶାଳୀ ହୋଇଥାଏ।

# 'ଚିଲି କଙ୍କଡ଼ା' ପାଇଁ ୫୬,୦୦୦ ଟଙ୍କା ବିଲ୍ ଆସିବାରୁ ରେସ୍ତୋରାଁକୁ ପୁଲିସ ଡକାଇଲେ ମହିଳା



କିଛି ଦିନ ତଳେ ସାଙ୍ଗମାନଙ୍କୁ ସାଥିରେ ନେଇ ସିଙ୍ଗାପୁରସ୍ଥିତ ଏକ ରେସ୍ତୋରାଁକୁ ଖାଇବାକୁ ଯାଇଥିବା ଜଣେ ଜାପାନୀ ମହିଳା ପର୍ଯ୍ୟଟକ 'ଭୋଜନ ବିଲ୍' ଦେଖି ହତବାକ୍ ହୋଇ ପୁଲିସ ଡକାଇଥିବା କଥା 'ନ୍ୟୁୟର୍କ ପୋଷ୍ଟ' ରିପୋର୍ଟ କରିଛି।

ରିପୋର୍ଟରେ ଉଲ୍ଲେଖ ଅଛି, ସାମାନ୍ୟ କଙ୍କଡ଼ା ବ୍ୟଞ୍ଜନ ପାଇଁ ୬୮୦ ଡଲାର (ଭାରତୀୟ ମୁଦ୍ରାରେ ୫୬,୫୦୩ ଟଙ୍କା) ଦେବାକୁ ପଡ଼ିବ ବୋଲି ତାଙ୍କୁ ଆଗରୁ ଠିକ୍ ଭାବେ ଜଣାଇ ଦିଆଯାଇ ନ ଥିବା କଥା ସେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ସମ୍ବାଦପତ୍ର 'ଏସିଆ ୱାନ୍' ରିପୋର୍ଟ କରିଛି ଯେ, ଜାପାନୀ ମହିଳା ଜୁନ୍‌କୋ ଶିନ୍‌ବା 'ସିଫୁଡ୍ ପାରାଡାଇଜ୍' ରେସ୍ତୋରାଁକୁ ଯାଇ 'ଚିଲି କ୍ରାବ୍' ପାଇଁ ବରାଦ ଦେଇଥିଲେ। ଏ ସଂକ୍ରାନ୍ତରେ ଶିନ୍‌ବା କହିଛନ୍ତି ଯେ, ଜଣେ 'ୱେଟର'ଙ୍କ ସୁପାରିସ ଅନୁସାରେ ସେ 'ଆଲାସ୍କାନ୍ କିଙ୍ଗ୍ ଚିଲି କ୍ରାବ୍' ବ୍ୟଞ୍ଜନ ପାଇଁ ବରାଦ ଦେଲେ। ଏହି ବ୍ୟଞ୍ଜନର ମୂଲ୍ୟ ୨୦ ଡଲାର ବୋଲି 'ୱେଟର'ଜଣକ କହିଥିଲେ। କିନ୍ତୁ, ଏହି ଦର ଯେ, ପ୍ରତି ୧୦୦ ଗ୍ରାମ୍ ଓଜନ ପାଇଁ ଧାର୍ଯ୍ୟ, ତାହା ସେ ବୁଝାଇ କହି ନ ଥିଲେ। ଅର୍ଥାତ୍ ସେମାନେ ରାନ୍ଧିବାକୁ ଯାଉଥିବା କଙ୍କଡ଼ାଟିର ସମୁଦାୟ ଓଜନ କେତେ ବୋଲି ପ୍ରଥମରୁ ତାଙ୍କୁ ସୂଚନା ଦିଆଯାଇ ନ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ୪ ସାଙ୍ଗ ମିଶି ସମୁଦାୟ ୩,୫୦୦ ଗ୍ରାମ୍ ଓଜନରୁ ଅଧିକ 'ଚିଲି କଙ୍କଡ଼ା' ଖାଇବାରୁ ଦର ହେଲା ୬୮୦ ଡଲାର।

୫୦ ବର୍ଷୀୟ ଶିନ୍‌ବା କହିଛନ୍ତି, ୪ଜଣ ପ୍ରାପ୍ତବୟସ୍କଙ୍କ 'ଡିନର'ର ଦାମ ଏତେ ହୋଇଥିବା ଜାଣି ଆମେ ହତବାକ୍ ହୋଇଗଲୁ। ଅନେକ ରେସ୍ତୋରାଁ କଙ୍କଡ଼ା କାଟି ସେଥିରୁ କିଛି ଅଂଶ ରାନ୍ଧନ୍ତି। କିନ୍ତୁ, ଏଠାରେ କେବଳ ଆମମାନଙ୍କ ପାଇଁ ଗୋଟିଏ କଙ୍କଡ଼ା ସମୁଦାୟ ରନ୍ଧା ହେବ ବୋଲି ଧାରଣା ନ ଥିଲା।

ଶେଷରେ ବାଧ ହୋଇ ଶିନ୍‌ବା ପୁଲିସ ଡକାଇବା ଲାଗି 'ସିଫୁଡ୍ ପାରାଡାଇଜ୍'କୁ କହିଲେ ଓ ପରେ ପରେ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଲେ। ରେସ୍ତୋରାଁ କର୍ମଚାରୀମାନେ 'ଚିଲି କଙ୍କଡ଼ା' ମୂଲ୍ୟ କଥା ପୁଲିସକୁ ଜଣାଇବା ସହିତ ଅନ୍ୟ ଗ୍ରାହକମାନଙ୍କ ପାଖରୁ ସମ ପରିମାଣର ମୂଲ୍ୟ ନିଆଯାଇଥିବା କଥାର ପ୍ରମାଣ ବି ଦେଲେ।

ବହୁ ବିତର୍କ ପରେ ଦୟାପରବଶ ହୋଇ ବା ସଦିଚ୍ଛା ଦୃଷ୍ଟିରୁ ରେସ୍ତୋରାଁ ଶିନ୍‌ବାଙ୍କୁ ୭୮ ଡଲାର (୬,୪୭୯ ଟଙ୍କା) ରିହାତି ଦେବାକୁ ରାଜି ହୋଇଥିଲେ।

# ବାଥ୍‌ରୁମ୍ ରଖନ୍ତୁ: ଚମକଦାର୍

ଘରର ବାଥ୍‌ରରୁମ୍ ଘର ଉପରେ ପକାଇଥାଏ ନାନା ପ୍ରକାର କୁପ୍ରଭାବ। ଏଥିପାଇଁ ଘରର ବାଥରୁମକୁ ସବୁବେଳେ ପରିଷ୍କାର ରଖିବା ଉଚିତ୍। ନଚେତ କୀଟାଣୁ ସଂକ୍ରମଣ ଯୋଗୁ ନାନା ପ୍ରକାର ରୋଗ ସୃଷ୍ଟି ହୁଏ। ଏଥିପାଇଁ ବାଥରୁମକୁ ସଫା ରଖିବା ନିହାତି ଜରୁରି।

- ପ୍ରଥମେ ବାଥରୁମରେ ଲାଗିଥିବା ୱାଶ ବେସିନକୁ ସଫା ରଖନ୍ତୁ। ଏହାକୁ ସଫା କରିବା ପାଇଁ କିଛି ପରିମାଣରେ ଲେମ୍ବୁ ରସ ନେଇ ସେଥିରେ କିଛି ଲୁଣ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳକୁ ୱାଶଲ ବେସିନରେ ଦେଇ କିଛିସମୟ ପର୍ଯ୍ୟାପ୍ତ ଛାଡ଼ିଦିଅନ୍ତୁ। ୫ ମିନିଟ ପରେ ଏହାକୁ ଗରମ ପାଣିରେ ବ୍ୟବହାର କରି ଧୋଇ ଦିଅନ୍ତୁ। ଏହାଦ୍ୱାରା ବେସିନ ସଫା ହୋଇବା ସହ ଏଥିରୁ ବାହାରୁଥିବା ଦୁର୍ଗନ୍ଧ ମଧ୍ୟ କମହୋଇଯିବ।

- ବାଥୁରୁମ ସଫା କରିବା ସମୟରେ ଟଏଲେଟକୁ ସଫା କରିବା ପାଇଁ ଭୁଚଲନ୍ତୁଚ ନାହିଁ। ଭିନେଗାରରେ କିଛି ପରିମାଣରେ ଲେମ୍ବୁ ରସ ଏବଂ ଲୁଣ ମିଶାନ୍ତୁ। ତାପରେ ଏହାକୁ ଟଏଲଟରେ ବ୍ରଶ ସାହାଯ୍ୟରେ ଭଲ ଭାବରେ ଲଗାନ୍ତୁ। ୨୦ ମିନିଟ ପର୍ଯ୍ୟନ୍ତ ଏହାକୁ ଏପରି ଲାଗି ରଖନ୍ତୁ। ତାପରେ ଟଏଲଟର ଫ୍ଲାଶ ମାରିଦିଅନ୍ତୁ। ଏଭଳି କରିବା ଦ୍ୱାରା ଟଏଲଟରେ ଲାଗିଥିବା ସମସ୍ତ ଦାଗ ଦୂର ହୋଇଯିବ।

- ବାଥରୁମର କବାଟ ଏବଂ ଝରକାକୁ ସଫା କିରବା ପାଇଁ ଆପଣ ଚାହିଁଲେ ପୁରୁଣା ଟୁଥବ୍ରଶର ବ୍ୟବହାର ମଧ୍ୟ କରିପାରିବେ। ସାବୁନ ଏବଂ ସର୍ଫର ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହା ମଧ୍ୟରେ ବ୍ରଶ ବୁଡ଼ାଇ ଝରକା ଏବଂ କବାଟକୁ ଭଲ ଭାବରେ ସଫା କରନ୍ତୁ।

ବାଥରୁମ ନଳରେ ମଇଳା ବସିଥିଲେ ଏହାକୁ ଛଡ଼େଇବା ପାଇଁ ଏକ କପଡ଼ାକୁ ଭିନେଗାରରେ ବୁଡ଼ାଇ ଏହି କପଡ଼ାକୁ ନଳ ଉପରେ ରଗଡ଼ନ୍ତୁ। ନଳା ସଫା ହୋଇଯିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆନ୍ଧ୍ରର ଉଚ୍ଚ ଆଶା...

ନିଜ ଜୀବନର ଏକ ସର୍ବବୃହତ୍ ନିର୍ବାଚନୀ ବିଜୟ ହାସଲ କରିବା ପରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ମୁଖ୍ୟ ନର ଚନ୍ଦ୍ରାବାବୁ ନାଇଡୁ ଆନ୍ଧ୍ରପ୍ରଦେଶର ଏକ ରେକର୍ଡ ଚତୁର୍ଥ ଥର ମୁଖ୍ୟମନ୍ତ୍ରୀ ଭାବରେ ଶାସନ ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇ ସାରିଛନ୍ତି। ଆଉ କ୍ଷମତାକୁ ତାଙ୍କର ପ୍ରତ୍ୟାବର୍ତ୍ତନ ସହିତ ଗତ ପାଞ୍ଚ ବର୍ଷ ଭିତରେ ନୀତିଗତ ସ୍ତରରେ କ୍ୱଚିତ୍ ବା ଆଦୌ ବିକାଶ ହୋଇ ନଥିବା, ନିବେଶ ବିହୀନ, କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ସ୍ଥାଣୁ ଅବସ୍ଥାକୁ ଆପଣାଇ ଥିବା ବା ଭିତ୍ତିଭୂମିର କୌଣସି ଉନ୍ନତିକରଣ ନହୋଇ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ଏହି ରାଜ୍ୟରେ ସମସ୍ତଙ୍କର ଆଶା ଆକାଂକ୍ଷା ଆକାଶଛୁଆଁ ହୋଇ ଯାଇଛି । ତାମିଲ ସୁପରଷ୍ଟାର ରଜନୀକାନ୍ତ ଏବଂ ତେଲୁଗୁ ମେଗାଷ୍ଟାର କେ ଚିରଞ୍ଜିବୀ, ଯାହାଙ୍କ ସାନଭାଇ ତଥା ଟଲିଉଡ୍‌ର ପାୱାର ଷ୍ଟାର ଏବଂ ଏନ୍‌ଡିଏ ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ତଥା ନୂଆ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁଙ୍କ କ୍ୟାବିନେଟ୍‌ର ଜଣେ ମନ୍ତ୍ରୀ, ଜନ ସେନା ପାର୍ଟିର ମୁଖ୍ୟ କେ ପୱନ୍ କଲ୍ୟାଣ, ଏନ୍‌ଡିଏ ଅଂଶୀଦାରବୃନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ, କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଏବଂ ଜେପି ନଡ୍ଡା ତଥା ଭାରତର ପୂର୍ବତନ ଉପରାଷ୍ଟ୍ରପତି ଏମ୍ ଭେଙ୍କିଆ ନାଇଡୁଙ୍କ ଭଳି ବିଶିଷ୍ଟ ରାଜନେତା ଏବଂ ଫିଲ୍ମଷ୍ଟାରମାନଙ୍କ ଉପସ୍ଥିତିରେ ବୁଧବାର ଦିନ ଶପଥ ଗ୍ରହଣ କରିବା ପରେ ଶ୍ରୀଯୁକ୍ତ ନାଇଡୁ ବର୍ତ୍ତମାନ ଆନ୍ଧ୍ରରେ ଏକ ନୂଆ ଯୁଗର ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶରେ ସର୍ବକାଳୀନ ଦୀର୍ଘ ସମୟର ମୁଖ୍ୟମନ୍ତ୍ରୀ ହୋଇଥିବାରୁ ରାଜ୍ୟର ପାଞ୍ଚ କୋଟିରୁ ଅଧିକ ଜନତାଙ୍କର ତାଙ୍କ ଉପରେ ଅଧିକ ଆଶା ରହିଛି । ସଂଯୁକ୍ତ ଆନ୍ଧ୍ରପ୍ରଦେଶର ପ୍ରଥମ ଦୁଇ ପାଳିରେ ସେ ପରିଚିତ ଥିଲେ ଆନ୍ଧ୍ରପ୍ରଦେଶ, ଆଇଏନ୍‌ସି.ର ପୂର୍ବତନ ସିଇଓ ଭାବରେ। ଏବେ ଆନ୍ଧ୍ରର ଜନତା ତାଙ୍କଠାରୁ କିଛି ସେହିଭଳି ଚମତ୍କାରିତା ଆଶା କରିବେ, ଯେମିତି ସେତେବେଳେ ସେ କରିଥିଲେ, ଅର୍ଥାତ୍ ବ୍ରାଣ୍ଡ୍ ସାଇବରାବାଦ ପୁନଃକଳ୍ପନା ଏବଂ ପୁନଃସୃଜନ। ୧୯୯୫ ଏବଂ ୨୦୦୪ ମଝିରେ ସଂଯୁକ୍ତ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ନଅ ବର୍ଷର ଶାସନ କାଳରେ ଶ୍ରୀଯୁକ୍ତ ଚନ୍ଦ୍ରାବାବୁ ନାଇଡୁ ନିଜ ପାଇଁ ଖ୍ୟାତି ଅର୍ଜନ କରିଥିଲେ ତାଙ୍କର ବ୍ୟବସାୟ-ଅନୁକୂଳ ନୀତି ସମୂହ ପାଇଁ ତଥା ହାଇଦ୍ରାବାଦକୁ ସଫ୍ଟୱେର ଏବଂ ଫାର୍ମା ବ୍ୟବସାୟରେ ବୈଶ୍ୱିକ ଲକ୍ଷ୍ୟସ୍ଥଳୀରେ ପରିଣତ କରିବା ସଙ୍ଗେ ସଙ୍ଗେ ଭିତ୍ତିଭୂମି ନିର୍ମାଣ ଉପରେ ଅଧିକ ଜୋର୍ ଦେବା ଯୋଗୁଁ । ଭାରତୀୟ ଗଣତନ୍ତ୍ରରେ ଅର୍ଥନୀତିକ ସଂସ୍କାର ଆଣିବା ସହିତ ଉତ୍ତମ ରାଜନୀତି ଭାବରେ ଚାକିରି ସୃଷ୍ଟି ଉଦ୍ଦେଶ୍ୟରେ ନିବେଶକୁ ଆକର୍ଷିତ କରିବାକୁ କରା ଯାଇଥିବା ଉଦାରୀକରଣ-ଉପରାନ୍ତ ପର୍ଯ୍ୟାୟ ପାଇଁ ଏକ ସ୍ଥାନ ସୃଷ୍ଟି କରିବାରେ ସେ ଥିଲେ ପ୍ରଥମ ମୁଖ୍ୟମନ୍ତ୍ରୀ। ସେଥିପାଇଁ ତାଙ୍କୁ କୃଷି ଓ ଏହାର ସହଯୋଗୀ କ୍ଷେତ୍ରଗୁଡ଼ିକୁ ଅବହେଳା ପ୍ରଦର୍ଶନ କରି ଜଣେ କର୍ପୋରେଟ୍-ଅଭିମୁଖୀ ସହରୀକରଣକାରୀ ନେତା ଭାବରେ ବିବେଚନା କରାଯାଇଥାଏ ଯିଏକି ସହରାଞ୍ଚଳ ନିର୍ମାଣ କରିବାରେ ଅଧିକ ଧ୍ୟାନ କେନ୍ଦ୍ରିତ କରିଥାନ୍ତି। ପରବର୍ତ୍ତୀ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦୀଙ୍କ ଚମତ୍କାରିତା, ଏବଂ ଜନ ସେନା ମୁଖ୍ୟ ପନ୍ କଲ୍ୟାଣଙ୍କ ସହଯୋଗରେ ଏନ୍‌ଡିଏର ଅଂଶୀଦାର ଭାବରେ ଏକ ସନ୍ତୁଳିତ ଶାସନ କାଳ ଅତିବାହିତ କରିବାର ପ୍ରତିଶ୍ରୁତି ସହିତ କ୍ଷମତାକୁ ଆସିବା ପରେ ରାଜ୍ୟର ନୂଆ ରାଜଧାନୀ ଭାବରେ ତାଙ୍କ ସ୍ୱପ୍ନର ଅମରାବତୀରେ ସବୁକିଛି ନିବେଶକୁ କେନ୍ଦ୍ରିତ କରିବାର ଉଦ୍ୟମ କଲେ, ପରନ୍ତୁ, ପୁଣି ଥରେ ୨୦୧୯ରେ ଅତି ଶୋଚନୀୟ ଭାବରେ ୱାଇଏସ୍‌ସିର ମୁଖ୍ୟ ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କଠାରୁ ପରାଜୟ ବରଣ କରି କ୍ଷମତାରୁ ବିଦା ହେଲେ। ଜଣେ ଦୃଢ଼ମନା ଯୋଦ୍ଧା ଭାବରେ ପରିଚିତ ଶ୍ରୀଯୁକ୍ତ ଚନ୍ଦ୍ରବାବୁ ନାଇଡୁ କେବେହେଲେ ପଛଘୁଞ୍ଚା ଦେବାର ମନୋଭାବ ପୋଷଣ କରୁ ନଥିବା ଏକ ବ୍ୟକ୍ତିତ୍ୱ । ଆଉ ସେଇଥିପାଇଁ ତ ସେ ଜଗନମୋହନ ରେଡ୍ଡୀ ସରକାରଙ୍କ ଦ୍ୱାରା ଦୁର୍ନୀତି ଅଭିଯୋଗରେ ଜେଲ୍ ଯିବା ପରେ ସୁଦ୍ଧା ରାଜନୀତିରୁ ଓହରି ଯାଇ ନଥିଲେ ଏବଂ ଜେଲ୍‌ରୁ ଫେରିବା ପରେ ପୁନର୍ବାର ଏନ୍‌ଡିଏ ଶିବିରରେ ଯୋଗ ଦେଇ ବର୍ତ୍ତମାନ ଅଭୂତପୂର୍ବ ନିର୍ବାଚନୀ ସଫଳତାର ସ୍ୱାଦ ଚାଖୁଛନ୍ତି। ନିଜର ଚତୁର୍ଥ ପାଳିର ଶାସନ କାଳରେ ସେ ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେବେ । ଏଇ ଆହ୍ୱାନଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ନିଜ ରାଜ୍ୟର ଭିତ୍ତିଭୂମି ଏବଂ ଆର୍ଥିକ ସ୍ୱାସ୍ଥ୍ୟର ପୁନଃନିର୍ମାଣ, ଯାହା ପ୍ରାୟ ଏକ ଦଶନ୍ଧି ଧରି ଏହାର ନିଜସ୍ୱ ଅର୍ଥ ଏବଂ ରାଜଧାନୀର ଅଭାବରେ ତଥା ଏହାର ନୂତନ ସାମାଜିକ ବାସ୍ତବତା ଭାବରେ ଏକ ବିଶାଳ ପକ୍ଷପାତିତାପୂର୍ଣ୍ଣ ବିଭାଜନର ଶିକାର ହୋଇ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି । ପୁନଶ୍ଚ, ତାଙ୍କ ଉପରେ ସର୍ବାଧିକ ଚାପ- ପ୍ରୟୋଗକାରୀ ସମସ୍ୟା ଭାବରେ ରହିବ ଚାକିରି ସୃଷ୍ଟି, ଯେତେବେଳେ କି ତାଙ୍କୁ ତାଙ୍କର ପୂର୍ବସୁରୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବେକାରୀ ଭତ୍ତା ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ବଜାୟ ରଖିବାକୁ ପଡ଼ିବ। ତେବେ, ଶ୍ରୀଯୁକ୍ତ ଚନ୍ଦ୍ରବାବୁ ନାଇଡୁଙ୍କୁ ଆନ୍ଧ୍ରପ୍ରଦେଶର ଜନତା ଯେଉଁ ମତ ଦେଇଛନ୍ତି, ତାକୁ ବିଚାର କଲେ ଜଣାପଡ଼େ ଯେ ରାଜ୍ୟବାସୀଙ୍କର ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ରହିଛି- ଯଦି କେହି ଜଣେ ଆନ୍ଧ୍ରର ପରିସ୍ଥିତିରେ ପରିବର୍ତ୍ତନ ଆଣିପାରେ, ତା'ହେଲେ ସେ ହେଉଛନ୍ତି ନର ଚନ୍ଦ୍ରାବାବୁ ନାଇଡୁ, ଯାହାଙ୍କର କଥା ହିଁ କାମ।

## ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ପଣ୍ଡିତ ଦୈତ୍ୟାରି ମହାପାତ୍ର

ମାତ୍ର ୫୨ ବର୍ଷ ବୟସରେ ଓଡ଼ିଶାଭଳି ରାଜ୍ୟର ମୁଖ୍ୟମନ୍ତ୍ରୀଭାବେ ଶାସନଭାର ଦାୟିତ୍ୱ ବହନ କରିବା ନିଶ୍ଚିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଉତ୍କଳମାତାର ଆଶୀର୍ବାଦ କହିଲେ ଅତ୍ୟୁକ୍ତି ହେବନାହିଁ। ସେହି ଅନନ୍ୟ ପ୍ରତିଭାଧାର ଧୀସମ୍ପନ୍ନ ବ୍ୟକ୍ତିତ୍ୱ ତଥା ଓଡ଼ିଶାର ଗର୍ବ ଓ ଗୌରବ ହେଉଛନ୍ତି ମୋହନ ଚରଣ ମାଝୀ। ଛାତ୍ର ଜୀବନରୁ ସମାଜସେବାରେ ନିଜକୁ ସାମିଲ କରି ଭାରତୀୟ ଜନତା ପାର୍ଟିର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟକରି ସମିତିସଭ୍ୟରୁ ସରପଞ୍ଚ ଏବଂ ବିଧାୟକରୁ ମୁଖ୍ୟମନ୍ତ୍ରୀ ହେବା ସର୍ବୋପରି ଜଣେ ସରଳ, ନିଷ୍କପଟ, ମିଷ୍ଟଭାଷୀ, ଆଦର୍ଶ ଗୁରୁରୁ ଓଡ଼ିଶାର ବିଭିନ୍ନ ସରକାରୀ ବିଭାଗର ପ୍ରମୁଖ ସଭ୍ୟଭାବରେ କାର୍ଯ୍ୟକରି ଯେଉଁଭଳି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଛନ୍ତି ତାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସେ ନିଜେ। ସେ ଏଠାରେ ପ୍ରମାଣ କରିଛନ୍ତି କର୍ମ କେବେ ନିଷ୍ଫଳ ଯାଏନାହିଁ। ସମର୍ପଣ ଭାବଆଣି ସମର୍ପିତ ହୋଇ କାର୍ଯ୍ୟ କଲେ ଭଗବାନ ଦିନେ ନା ଦିନେ ପ୍ରତିଫଳ ଦେବେ, ଏଥିରେ ସନ୍ଦେହର ଅବକାଶ ନାହିଁ। ସେହିଭଳି ଉତ୍କଳ ଆକାଶର ଜଣେ ଧ୍ରୁବ ତାରା ହେଉଛନ୍ତି ମୋହନ ଚରଣ ମାଝୀ।

କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ନିକଟବର୍ତ୍ତୀ ରାୟକଳା ଗ୍ରାମରେ ୧୯୭୨ ମସିହା ଜାନୁୟାରୀ ମାସ ୬ ତାରିଖ ଦିନ ଗରିବି ଆଦିବାସୀ ସାନ୍ତାଳ ପରିବାରରେ ତାଙ୍କର ଜନ୍ମ। ପିତା ସ୍ୱର୍ଗଗ ଗୁଣରାମ ମାଝୀ ଗ୍ରାମନିକଟବର୍ତ୍ତୀ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିଲେ। ମାତା ସ୍ୱର୍ଗତା ବାଲେଶ୍ୱରୀ ମାଝୀ ଜଣେ ସୁଗୃହିଣୀ ଏବଂ ଧର୍ମପରାୟଣ ଥିଲେ। ୧୯୮୭ ମସିହାରେ ସେ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟରୁ ମ୍ୟାଟ୍ରିକ୍ ପାସ କରି ଚମ୍ପୁଆ ଚନ୍ଦ୍ରଶେଖରପୁର କଲେଜରୁ +୨ ପାସ୍ କରିଥିଲେ। ପତ୍ନୀ ଡକ୍ଟର ପ୍ରିୟଙ୍କା ମାର୍ଣ୍ଡି ଜଣେ ଆୟୁର୍ବେଦ ଡାକ୍ତର ଥିଲେ। ପରିବର୍ତ୍ତୀ ସମୟରେ ଚାକିରୀ ଛାଡ଼ି ଗୃହିଣୀ ଭାବେ କାର୍ଯ୍ୟ କରିବା ସହିତ ସ୍ୱାମୀଙ୍କ ପଥକୁ ଅନୁସରଣ କରି ସମାଜସେବା ଓ ଧର୍ମକୁ ଆଦରି ନେଇଥିଲେ। ପ୍ରେମାନନ୍ଦ ଓ କ୍ରିଷ୍ଟାନନ୍ଦ ତାଙ୍କର ଦୁଇପୁଅ। ମୋହନ ଚରଣ ପ୍ରଥମେ ଗ୍ରାମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷକତା ଜୀବନ ଆରମ୍ଭ କରି ସମାଜସେବାକୁ ଆପଣେଇ ନେଇଥିଲେ। ପ୍ରଥମେ ସମିତିସଭ୍ୟରେ ଲଢ଼ି ପରାଜିତ ହେଲେ ମଧ୍ୟ ସମାଜସେବା ପାଖରୁ ସେ କେବେବି ଦୂରେଇ ଯାଇନଥିଲେ। ତାପରେ ସେ ସମରପଞ୍ଚ ନିର୍ବାଚନରେ ଲଢ଼ି ବିଜୟଲାଭ କରି ରାଜନୀତିରେ ପ୍ରଥମ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୯୩ ମସିହାରେ ଚମ୍ପୁଆ ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ଶେଷ କରିଥିଲେ। ତାପରେ ୨୦୧୧ ସେ ଆଇନ୍ ଶିକ୍ଷା (ଏଲ୍ .ଏଲ୍.ବି) କୃତିତ୍ୱର ସହିତ ହାସଲ କରିଥିଲେ।

ପିଲାଟି ଦିନୁ ସେ ମାଆଙ୍କ ହରାଇଥିଲେ। ବାପାଙ୍କ ଠାରୁ ଉଭୟ ବାପା ମାଆର ସ୍ନେହ ପାଇଥିଲେ। କେବେହେଲେ ସେ ବାପାଙ୍କୁ କଷ୍ଟ ଦେଇନାହାନ୍ତି, ଦୁଃଖ ଦେଇନାହାନ୍ତି। ସବୁବେଳେ ସେ ବାପାଙ୍କ ସହିତ ସୁଖ ଦୁଃଖର ସାଥୀ ହୋଇ ପରିବାରର ବଡ଼ପୁଅ ଭାବେ ଅନ୍ୟ ଦୁଇଭାଇ ଓ ଭଉଣୀଙ୍କୁ ସାହାଯ୍ୟ କରିଛନ୍ତି। ସେମାନଙ୍କୁ ପାଠ ପଢ଼ାଇବା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଛନ୍ତି। ବାପା ଗୁଣରାମ ମାଝୀ ସ୍ଥାନୀୟ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରି ଯେତିକି ଉପାର୍ଜ୍ଜନ କରନ୍ତି ସେତିକିରେ ପରିବାର ଚଳିବା ସମ୍ଭବ ନୁହେଁ। ଚାରି ପିଲାଙ୍କୁ ଅନାଇ ବାପା ଦୁଃଖେସୁଖେ ସମୟ କାଟୁଥିଲେ। ମୋହନ ପରିବାରର ବଡ଼ପୁଅ ଥିଲେ। ତାଙ୍କର ଦୁଇଭାଇ ଏବଂ ଗୋଟିଏ ଭଉଣୀ। ପିଲାଟି ଦିନୁ ସେ ଭାଇ ଭଉଣୀଙ୍କୁ ଦୁଃଖ ଦେଇନାହାଁନ୍ତି। ପଡ଼ୋଶୀ ଗ୍ରାମକୁ ଚାଲି ଚାଲି ଯାଇ ଟ୍ୟୁସନ୍ କରି ଅନ୍ୟ ଭାଇଭଉଣୀଙ୍କୁ ମଣିଷ କରିବାପାଇଁ ଚେଷ୍ଟା କରିଛନ୍ତି। କିଛି ବର୍ଷ ତଳେ ତାଙ୍କର ଜଣେ ଭାଇ ଓ ବାପା ଇହଲୀଳା ସମ୍ବରଣ କରିବାପରେ ତାଙ୍କ ଉପରେ ଥିଲା ପରିବାରର ସମ୍ପୂର୍ଣ୍ଣ ଦାୟୀତ୍ୱ। ତାଙ୍କ ସାନ ଭାଇଙ୍କ ନାମ ପୂର୍ଣ୍ଣଚନ୍ଦ୍ର ମାଝୀ ଓ ଭଣୀଙ୍କ ନାମ ରାସମଣୀ।

ନିଜ ଜନ୍ମସ୍ଥାନ ରାଇକଳାର ୫ କି.ମି. ଦୂର ଝୁମ୍ପୁରାଙ୍କୁ ଚାଲି ଚାଲି କରି ଯାଇ ଟ୍ୟୁସନ୍ କରି ଘରର ଗୁଜରାଣ ମେଣ୍ଟାଉଥିଲେ। ଗାଁର ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଝୁମ୍ପୁରାରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିରରେ ପାଠ ପଢ଼ିଥିଲେ। ୧୯୮୭ ରେ ମ୍ୟାଟ୍ରିକ୍, ୧୯୯୦ରେ +୨ ଏବଂ ୧୯୯୩ରେ ସମ୍ପୁଆ ଚନ୍ଦ୍ରଶେଖର କଜେଲରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରି ୨୦୧୧ ମସିହାରେ ଢେଙ୍କାନାଳ ଆଇନ୍ ମହାବିଦ୍ୟାଳୟରୁ ଏଲ୍.ଏଲ୍.ବି ହାସଲ କରିଥିଲେ। ୧୯୯୦ ମସିହାରେ ସେ ସ୍ୱଳ୍ପ ବେତନରେ ଝୁମ୍ପୁରା ସରସ୍ୱତୀ ବିଦ୍ୟା ମନ୍ଦିରରେ ଶିକ୍ଷକତା କରିଥିଲେ। ୧୯୯୭ ମସିହା ପର୍ଯ୍ୟନ୍ତ ଶିକ୍ଷକତା କରିବାପରେ ସେ ରାଇକଳା ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତା ପୂର୍ବରୁ ୧୯୯୪-୯୫ରେ ନିଜ ଗ୍ରାମର ସମିତିସଭ୍ୟ ଭାବେ ନିର୍ବାଚନ ଲଢ଼ି ସେ ପରାଜିତ ହୋଇଥିଲେ। ପରେପରେ ଭାରତୀୟ ଜନତା ପାର୍ଟିର ନେତୃତ୍ୱ ନେବା ସହିତ ଆର.ଏସ୍.ଏସ୍.ର ସଦସ୍ୟତା ଗ୍ରହଣ କରି ସଂଘର କାର୍ଯ୍ୟକ୍ରମକୁ ପରିଚାଳନା କରିଆସୁଥିଲେ। ସେ ସର୍ବଦା ଦଳ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରୁଥିଲେ। ୫୨ ବର୍ଷୀୟ ମୋହନ ଚରଣ ମାଝୀ ଜଣେ ସାଧାରଣ ମଣିଷ ଭାବେ ଜୀବନ ଅତିବାହିତ କରୁଥିଲେ। ୧୯୯୭ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସେ ସରପଞ୍ଚ ଭାବେ କାର୍ଯ୍ୟକରି ଅଞ୍ଚଳର ବହୁ ସୁନାମ ଅର୍ଜନ କରିଛନ୍ତି।

ମୋହନଙ୍କ କ୍ୟାରିୟର ହେଉଛି ଲୋକମାନଙ୍କ ପ୍ରତି ଉତ୍ସର୍ଗୀକୃତ। ସେ ରାଜନୀତିକୁ ଆସିବା ପୂର୍ବରୁ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁଜୀ ଥିଲେ। ପରେ ପରେ ସରପଞ୍ଚ ହୋଇଥିଲେ। ରାଜନୈତିକ ଯାତ୍ରାରେ ତାଙ୍କର ଉତ୍ଥାନ ପତନ ଥିଲା ମାତ୍ର କର୍ମ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା। ଦଳ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ତାହାକୁ ସେ ସୁଚାରୁ ରୂପେ ତୁଲାଇଛନ୍ତି। ସରପଞ୍ଚ ଥିବା ସମୟରେ ଗାଁର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟକରି ସମସ୍ତଙ୍କର ଅତ୍ୟନ୍ତ ପ୍ରିୟର ପାତ୍ର ଥିଲେ। ସେଥିପାଇଁ ଗ୍ରାମବାସୀଙ୍କ ନିକଟରେ ସେ "ମୋହନ ଭାଇ" ନାମରେ ପରିଚତ ଥିଲେ। କୃଷ୍ଣଙ୍କର ମୋହନ ବଂଶୀର ସ୍ୱନ ଗୁଞ୍ଜରଣ ପରି ସେ ସମସ୍ତଙ୍କର ଅତି ପ୍ରିୟ ଥିଲେ।

ରାଇକଳା ପଞ୍ଚାୟତର ସରପଞ୍ଚ ଭାବେ ବିଜୟଲାଭ କରି ସେ ପ୍ରଥମେ ରାଜନୀତିରେ ପାଦ ଦେଇଥଲେ ଓ ନିଜର କାର୍ଯ୍ୟକୁ ଉଚିତ୍ ମାର୍ଗରେ ସମ୍ପାଦନ କରିବାପାଇଁ ଚେଷ୍ଟା ଜାରିରଖିଥିଲେ। ଯେଉଁଥିପାଇଁ ଅଞ୍ଚଳର ସେ ଥିଲେ ସୁଖ ଦୁଃଖର ସାଥୀ। ସରପଞ୍ଚରୁ ବିଧାୟକ ହେବା ଏବଂ ବିଧାୟକ ଭାବେ କାର୍ଯ୍ୟକରି ଲୋକମାନଙ୍କର ସୁଖ ଦୁଃଖର ଭାଗୀ ହେବାକୁ ସେ ଭଲପାଉଥିଲେ। "ଜାଣେ ଅନୁଭବୀ ଅନୁଭବ" ନ୍ୟାୟରେ ସେ ଗରିବମାନଙ୍କର ଥିଲେ ଅତି ଆପଣାର ଓ ସୁଖ ଦୁଃଖର ସାଥୀ। ଦିନେ ଶିଶୁ ମନ୍ଦିରରେ ଶିକ୍ଷକତା କରୁଥିବା ମୋହନ ଆଜି ଏକ ବିରାଟ ରାଜ୍ୟର ଦାୟୀତ୍ୱଭାର ଗ୍ରହଣ କରିବା ନିଶ୍ଚିତ ଭାବରେ ଗର୍ବ ଓ ଗୌରବର କଥା। ତାଙ୍କୁ ପାଇ ଓଡ଼ିଶାବାସୀ ଅତ୍ୟନ୍ତ ଗର୍ବୀତ ଏବଂ ଉତ୍‌ଫୁଲ୍ଲିତ।

ଜଣେ ସାଧାରଣ ସାନ୍ତାଳୀ ପାରିବାରର ପିଲା ଗରିବ ପରିବାରରେ ଜନ୍ମ ଗ୍ରହଣ କରି ରାଜ୍ୟ ସିଂହାସନର ମୁକୁଟ ପିନ୍ଧିବା ନିଶ୍ଚିତ ଭାବେ ମହାପ୍ରଭୁ ବିଶ୍ୱଠାକୁର ଶ୍ରୀଜଗନ୍ନାଥଙ୍କର ଇଚ୍ଛା କହିଲେ ଅତ୍ୟୁକ୍ତି ହେବନାହିଁ। ୨୦୦୦ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଅର୍ଥାତ୍ ୨୦୦୦, ୨୦୦୯, ୨୦୧୯, ଏବଂ ୨୦୨୪ କେନ୍ଦୁଝରର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଯଥାକ୍ରମେ ୧୨ଶ, ୧୩ଶ, ୧୬ଶ ଏବଂ ୧୭ଶ ଓଡ଼ିଶା ବିଧାନସଭାକୁ ନର୍ବାଚିତ ହୋଇ ବହୁ ସୁନାମ ଅର୍ଜ୍ଜନ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ସମୟରେ ଦେଇଥିବା ସୂଚନା ମୁତାବକ ମୋହନ ଚରଣ ମାଝୀଙ୍କ ମୋଟ୍ ସମ୍ପତ୍ତି ହେଉଛି ୧ କୋଟି ୯୪ ଲକ୍ଷ ଟଙ୍କା। ଏହା ସହ ତାଙ୍କ ଉପରେ ୯୫.୯୮ ଲକ୍ଷ ଟଙ୍କାର ମଧ୍ୟ ଋଣ ଭାର ରହିଛି। ତା ସହିତ ୯ଟି ଭିନ୍ନ ଭିନ୍ନ ବ୍ୟାଙ୍କରେ ତାଙ୍କ ସ୍ତ୍ରୀ ଏବଂ ତାଙ୍କର ପାଖାପାଖି ୧୦ ଲକ୍ଷରୁ ଅଧିକ ଟଙ୍କା ଜମା ରହିଛି। ତାଙ୍କ ପତ୍ନୀଙ୍କ ନାମରେ ଏସ୍.ବି.ଆ. ବ୍ୟାଙ୍କର ୫୧ ଲକ୍ଷ ଟଙ୍କାର ଏକ ଫିକ୍ସ ଡିପୋଜିଟ୍ ଅଛି।

୨୦୦୦ ମସିହାରେ ଓଡ଼ିଶା ବିଧାନସଭା ନିର୍ବାଚନରେ ମୋହନ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ କେନ୍ଦୁଝର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନ ମଣ୍ଡଳୀରୁ ସେ ସମୁଦାୟ ୫୧,୪୪୯ ଖଣ୍ଡ ଭୋଟ ପାଇଥିଲେ। ସେତେବେଳେ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଜଗ୍‌ଦିଶ୍ ନାୟକଙ୍କୁ ୨୨,୧୬୩ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଥିଲେ। ଏହି ବିଧାନସଭାରେ ସେ ୨୦୦୦ ମସିହାରୁ ୨୦୦୪ ମହିସା ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳ ଭାଗିଁବାଯାଏ କାର୍ଯ୍ୟକରିଥିଲେ। ୨୦୦୪ ମସିହାର ଓଡ଼ିଶା ବିଧାନସଭା ନିର୍ବାଚନରେ ମୋହନ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ କେନ୍ଦୁଝରର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ସେ ସମୁଦାୟ ୪୬,୧୪୬ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇ ୧୩ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ତାଙ୍କର ନିକଟତ୍ତମ ପ୍ରତିଦ୍ୱନ୍ଦୀ ମାଧବ ସରଦାରଙ୍କୁ ୧୧,୦୦୨ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଥିଲେ। ଏହି ବିଧାନସଭାରେ ସେ ୨୦୦୪ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ସଫଳତାର ସହିତ କାର୍ଯ୍ୟ ତୁଲାଇଥିଲେ।

୨୦୦୯ ମସିହାର ଓଡ଼ିଶା ବିଧାନସଭା ନିର୍ବାଚନରେ ମୋହନ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢି ଦ୍ୱିତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ। ଏହି ନିର୍ବାଚନରେ ସମୁଦାୟ ୨୯,୨୦୨ ଖଣ୍ଡ ଭୋଟ୍ ପାଇ ପରାଜିତ ହୋଇଥିଲେ। ବିଜୁ ଜନତା ଦଳର ପ୍ରାର୍ଥୀ ଶୁଭମ ନାଏକ ତାଙ୍କୁ ୭,୨୬୯ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ୧୪ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେହିପରି ୨୦୧୪ ମସିହାର ଓଡ଼ିଶା ବିଧାନସଭା ନିର୍ବାଚନରେ ମଧ୍ୟ ମୋହନ ମାଝୀ ପରାଜିତ ହୋଇଥିଲେ। ଏହି ନିର୍ବାଚନରେ ସେ ସମୁଦାୟ ୪୭,୨୮୩ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ। ବିଜୁ ଜନତା ଦଳର ପ୍ରାର୍ଥୀ ଅଭିରାମ ନାଏକ ତାଙ୍କୁ ୮,୬୭୬ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ୧୫ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

୨୦୧୯ ମସିହାର ଓଡ଼ିଶା ବିଧାନସଭା ନିର୍ବାନଚରେ ମୋହନ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ କେନ୍ଦୁଝର ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ସେ ବିଜୟୀ ହୋଇ ୧୬ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ସେ ନିକଟତମ ପ୍ରତିଦ୍ୱନ୍ଦି ଅଭିରାମ ନାଏକଙ୍କୁ ପରାସ୍ତ କରି ବିଜୟୀ ହୋଇ ୧୬ଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ ମସିହାରେ ହୋଇଥିବା ଓଡ଼ିଶା ବିଧାନସଭା ନିର୍ବାଚନରେ ସେ ବିଜେପିର ପ୍ରାର୍ଥୀ ଭାବରେ କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ସେ ସମୁଦାୟ ୮୭,୮୧୫ ଖଣ୍ଡ ଭୋଟ୍ ପାଇଥିଲେ। ଏବଂ ତାଙ୍କର ନିକଟତ୍ତମ ପ୍ରତିଦ୍ୱନ୍ଦି ମିନା ମାଝୀଙ୍କୁ ୧୧,୫୭୭ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ୧୭ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।

ଭାରତୀୟ ଜନତା ପାର୍ଟିର ଓଡ଼ିଶା ପ୍ରଦେଶ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜେପି ଏକକ ସଂଖ୍ୟା ଗରିଷ୍ଠତା ଲାଭ ପରେ ମୁଖ୍ୟମନ୍ତି ଆସନ କିଏ ଗ୍ରହଣ କରିବ ବହୁ କଳ୍ପନା ଜଳ୍ପନା ଲାଗିଥିବାବେଳେ ଶେଷରେ ଗରିବ ଆଦିବାସୀ ସାନ୍ତାଳି ସନ୍ତାନ ମାନ୍ୟବର ବିଧାୟକ ମୋହନ ଚରଣ ମାଝୀଙ୍କ ମୁଣ୍ଡରେ ହାତୀ ସୁନା କଳସ ଢାଳିଲା ପରି ମୁଖ୍ୟମନ୍ତ୍ରୀ ଆସନ ଅର୍ପଣ କରାଯାଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ବାଛିବା ପାଇଁ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଭୁପେନ୍ଦ୍ର ଯାଦବଙ୍କୁ ଦାୟୀତ୍ୱ ଦିଆଯାଇଥିଲା। ବିଜେପିର ଏହି ଦୁଇ ତୁଙ୍ଗ ଏବଂ ଅଭିଜ୍ଞ ନେତା ଓଡ଼ିଶାରେ ପହଁଚିବା ପରେ ତା ୧୦.୦୬.୨୦୨୪ ରିଖ ମଙ୍ଗଳବାର ଅପରାହ୍ନ ୫ ଘଟିକା ସମୟରେ ବିଧାୟକ ଦଳ ବୈଠକ ବସିଥିଲା। ଏଥିରେ ମୋହନ ଚରଣ ମାଝୀଙ୍କୁ ସର୍ବସମତି କ୍ରମେ ନେତା ବା ଭାବି ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଥଲା। ଏଥିସହିତ ନିମାପଡ଼ାର ବିଧାୟୀକା ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ପାଟଣାଗଡ଼ର ବିଧାୟକ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭାବୀ ଉପମୁଖ୍ୟମନ୍ତ୍ରୀ ଭାବେ ଚନୟ କରାଯାଇଥିଲା। ଓଡ଼ିଶାର ବିଜେପି ସରକାର ଭାବି ମୁଖ୍ୟମନ୍ତ୍ରୀ ଭାବେ ଚନୟ ହୋଇଥିବାରୁ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ବିଧାୟକ ଦଳ ବୈଠକରେ ସର୍ବସମ୍ମୁଖରେ ଯେଉଁ ପ୍ରଥମ ଉଦ୍‌ବୋଧନ ଦେଇଥିଲେ ତାର ସାରାଂଶ ନିମ୍ନରେ ପ୍ରଦତ୍ତ କରାଗଲା। ଯଥା- "ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମୁଁ କୋଟି କୋଟି ନମସ୍କାର ଏବଂ ପ୍ରଣାମ ଜଣାଉଛି। ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି। ସରକାର ପ୍ରତିଷ୍ଠା କରିବାରେ ମହାପ୍ରଭୁଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ରହିଛି। ତାହା ସହିତ ଓଡ଼ିଶାର ଶାଢ଼େ ଚାରିକୋଟି ଲୋକମାନେ ସରକାର ପରିବର୍ତ୍ତନ କରିବାପାଇଁ ଯେଉଁ ସଙ୍କେତ ଦେଇଥିଲେ ତାହା କାର୍ଯ୍ୟରେ ପରିଣତ କରି ଭାରତୀୟ ଜନତା ପାର୍ଟିକୁ ପୂର୍ଣ୍ଣ ସମର୍ଥନ କରି ବହୁମତରେ ବିଜୟୀ କରିଛନ୍ତି। ସେହି ସମସ୍ତ ଓଡ଼ିଆବାସୀମାନଙ୍କୁ ମୁଁ ବହୁତ ବହୁତ ଧନ୍ୟବାଦ ଦେଉଛି ଏବଂ ତା ସହିତ ଭାରତବର୍ଷର ଜସ୍ୱସୀ ପ୍ରଧାମନ୍ତ୍ରୀ ଯେଉଁ ପ୍ରତିଶୃତି ଦେଇଥିଲେ ଆମେ ନିଶ୍ଚିତ ଭାବେ ସରକାର ପରିବର୍ତ୍ତନ କରିବୁ। ତାଙ୍କରି ପୂର୍ଣ୍ଣ ସହଯୋଗରେ ପ୍ରତିଶ୍ରୁତି ଆଜି ପୂର୍ଣ୍ଣତା ଲାଭକରିଛି। ସାରା ଓଡ଼ିଶା ବାସୀଙ୍କୁ ସୁବର୍ଣ୍ଣସୁଯୋଗ ଆସିଛି। ଏଥର ସରକାର ଗଠନ କରିବାକୁ ଯାଉଛି ଭାରତୀୟ ଜନତା ପାର୍ଟୀ। ସାରା ଭାରତବର୍ଷରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାପାଇଁ ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ପ୍ରତିଶ୍ରୁତି ଆମକୁ ଦେଇଥିଲେ ଆଜି ତାହା ଓଡ଼ିଶାର ଲୋକମାନେ ପୁରଣ କରିଛନ୍ତି। ତେଣୁ ମୁଁ ଓଡ଼ିଶାର ଲୋକମାନଙ୍କୁ ଧନ୍ୟବାଦ ଦେବା ସହିତ ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଉଛି। ପର୍ଯ୍ୟବେକ୍ଷକ ହିସାବରେ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ପରିବେଶ ମନ୍ତ୍ରୀ ଭୂପେସ୍ ଯାଦବ ଓଡ଼ିଶାକୁ ଆସି ସରକାର ପ୍ରତିଷ୍ଠା ନିମନ୍ତେ ସଫଳ ରୂପାୟନ କରିଛନ୍ତି। ତାଙ୍କୁ ମୁଁ ମଧ୍ୟ ଧନ୍ୟବାଦ ଦେଉଛି। ରାଜ୍ୟର ସଭାପତି ମନମୋହନ ସାମଲ ମହାଶୟ ଯାହାଙ୍କ ନେତୃତ୍ୱରେ ଓଡ଼ିଶାର ସରକାର ପରିବର୍ତ୍ତନ କରିବାରେ ଯେଉଁ ଅକ୍ଳାନ୍ତ ଚେଷ୍ଟା କରିଛନ୍ତି ଏବଂ ଓଡ଼ିଶାର ଲୋକମାନେ ତାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୁରଣ କରିଛନ୍ତି ସେଥିପାଇଁ ମନମୋହନ ଭାଇଙ୍କୁ ମୁଁ ବହୁତ ବହୁତ ଧନ୍ୟବାଦ ଦେଉଛି। ଧନ୍ୟବାଦ। ବନ୍ଦେ ଉତ୍କଳ ଜନନୀ। "

ତା ୧୨.୦୬.୨୦୨୪ ରିଖ ଗୁରୁବାର ଅପରାହ୍ନ ୫ ଘଟିକା ସମୟରେ ଲକ୍ଷ ଲକ୍ଷ ଜନତାଙ୍କ ସମାଗମରେ ସମଗ୍ର ଭାରତବର୍ଷର ପ୍ରମୁଖ ନେତୃମଣ୍ଡଳୀଙ୍କ ସମ୍ମୁଖରେ ସର୍ବୋପରି ଏକାଧିକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରର ପ୍ରତିରକ୍ଷା, ପରିବେଶ, ଶିକ୍ଷା, ଆଦିବାସୀ, ରେଳମନ୍ତ୍ରୀ ଓ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଭୁବନେଶ୍ୱର ଜନତା ମଇଦାନରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ, କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କୁ ଉପମୁଖ୍ୟମନ୍ତ୍ରୀ ଏବଂ ୧୬ ଜଣ ବିଧାୟକଙ୍କୁ କ୍ୟାବିନେଟ୍ ଓ ରାଷ୍ଟ୍ର "ସ୍ୱାଧୀନ" ମନ୍ତ୍ରୀ ଭାବେ ସର୍ବସମ୍ମୁଖରେ ଗୋପନୀୟତାର ଶପଥ ପାଠ କରାଇଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଆରମ୍ଭରୁ ବାଲେଶ୍ୱରକୁ ଅଣଦେଖା କାହିଁକି ?



ସୁବ୍ରତ କର

ଜନସାଧାରଣ ଚାହୁଁଥିଲେ ରାଜ୍ୟରେ ପରିବର୍ତ୍ତନ ଆସିବା ଉଚିତ । ମହାପ୍ରଭୁ ଜନସାଧାରଣଙ୍କ କଥାକୁ ରଖିଲେ ଏବଂ ୨୪-୨୫ ବର୍ଷର ସରକାରର ପଦେ ଘଟିଲା ଏବଂ ରାଜ୍ୟରେ ଡବଲ ଇଂଜିନର ସରକାର ଆରମ୍ଭ ହେଲା । ଲୋକେ କିନ୍ତୁ ସମସ୍ତଙ୍କ ଆଶାକୁ ଧୂଳିସାତ୍ କରି କେଉଁଝର ଜିଲ୍ଲାର ଏମ.ଏଲ.ଏ ଶ୍ରୀଯୁକ୍ତ ବାବୁ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଲେ । ଲୋକେ ଚକିତ୍ ମଧ୍ୟ ହେଲେ କେଉଁଠି ଆଗ ମୁଖ୍ୟମନ୍ତ୍ରୀ ଆଉ କେଉଁଠି ଏବେକାର । କାହାରି କିଛି କରିବାର ନାହିଁ କାରଣ ଜଗା ହାତରେ ପଘା । ମୁଖ୍ୟମନ୍ତ୍ରୀଙ୍କ ସହିତ ୮ଜଣ କେବିନେଟ ପାହ୍ୟା ଏବଂ ୫ଜଣ ରାଜ୍ୟ ପାହ୍ୟା ମନ୍ତ୍ରୀ ଶପଥ ମଧ୍ୟ ନେଲେ ଏବଂ ଲେଖା ହେବା ପର୍ଯ୍ୟନ୍ତ ବିଭାଗ ବଣ୍ଟନ ହୋଇନାହିଁ । ଏଥର କିନ୍ତୁ ସବୁ ଜିନିଷ ଦେରୀରେ ଚାଲିଛି ଏବଂ ଏହାରି ଭିତରେ ଲୋକମାନଙ୍କର କଳ୍ପନା ଜଳ୍ପନା କରିବାକୁ ସମୟ ମିଳୁଛି । ଏହା ମଧ୍ୟରେ ଅନେକ ବରିଷ୍ଠ ଜନ ପ୍ରତିନିଧି ଅସନ୍ତୁଷ୍ଟ ହେବା ସ୍ୱାଭାବିକ । ଲୋକଙ୍କ ଗ୍ରହଣୀୟ ହେବା ଉପରେ ମନ୍ତ୍ରୀମଣ୍ଡଳ ନିଭର କରେନାହିଁ । ସର୍ବୋପରୀ ଦଳ ଏବଂ ଦଳର ଜିତିଥିବା ସଭ୍ୟମାଙ୍କ ଗ୍ରହଣୀୟତା ଅତି ଦରକାର ଏବଂ ଏହା କେତେଦୂର ହୋଇଛି ଭବିଷ୍ୟତ କହିବ । ଆମ ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୧୩ଟି ଜିଲ୍ଲାରୁ ୧୩ଜଣ ମନ୍ତ୍ରୀ ବଛା ହୋଇଛି । ଆଉ ୧୭ ଜିଲ୍ଲାକୁ ଏ ପର୍ଯ୍ୟନ୍ତ ଅଣଦେଖା କରାହୋଇଛି । ହିସାବ ଅନୁସାରେ ଆମ ମନ୍ତ୍ରୀ ମଣ୍ଡଳରେ ୨୨ଜଣ ସଭ୍ୟ ସ୍ଥାନ ପାଇ ପାରିବେ । ଏବେଠୁ କିଛି କହିବା ଠିକ୍ ହେବ ନାହିଁ । କାରଣ ଏ ପର୍ଯ୍ୟନ୍ତ ବହୁତ ସମୟ ପଡ଼ି ରହିଛି । ଏକା ସାଙ୍ଗରେ ନ କରିବାର ମଧ୍ୟ କାରଣ ଜଣା ପଡୁନାହିଁ । ବିଶେଷ ଡେରି କରିବା ଠିକ୍ ହେବ ନାହିଁ । କାରଣ ଦଳର ସଂଖ୍ୟା ସାଧାରଣ ସଂଖ୍ୟା ଗରିଷ୍ଠତା ଠାରୁ ଅଳ୍ପ ବେଶି ଅଛି । ଏବେକାର ସମୟରେ ସବୁ କିଛି ହୋଇପାରେ କାରଣ ମିଶ୍ରିତ (କଂଗ୍ରେସ + ବିଜେଡି) ବିରୋଧୀ ଦଳ ପାଖରେ ସଂଖ୍ୟା କିଛି କମ ନୁହେଁ (ପ୍ରାୟ୬୬)। ଦଳର ମୁଖିଆ ଏବଂ ରାଜ୍ୟର ମୁଖିଆ ଠିକ୍ ଭାବରେ ଚଳେଇ ନ ପାରିଲେ ଯେ କୌଣସି ମୁହୂର୍ତ୍ତରେ ଅଘଟଣା ଘଟିପାରେ । ଏବେଠୁ ଅସନ୍ତୁଷ୍ଟଙ୍କୁ (ଯଦି କେହି ଥାଆନ୍ତି) ସନ୍ତୁଷ୍ଟ କରିବା ନିହାତି ଆବଶ୍ୟକ ।

ଏବେ ଆସିବା ଆମ ଜିଲ୍ଲା କଥା । ବାଲେଶ୍ୱର ଶାସନ କରୁଥିବା ଦଳକୁ ପ୍ରାୟ ୪ଜଣ ପ୍ରତିନିଧିଙ୍କୁ ବାଛିଛନ୍ତି। ଏମାନଙ୍କ ଭିତରୁ ପ୍ରଥମ ଥର ପାଇଁ ବଛା ହୋଇଥିବା ଅଛନ୍ତି ଏବଂ ଅଭିଜ୍ଞତା ଥିବା ବ୍ୟକ୍ତି ମଧ୍ୟ ଅଛନ୍ତି । ଏମାନେ ସବୁ ଚାହିଁ ବସିଛନ୍ତି ନିକଟ ଭବିଷ୍ୟତରେ କଣ ହେବାକୁ ଯାଉଛି । କିନ୍ତୁ ଅପେକ୍ଷା କେତେ ସମୟ ପର୍ଯ୍ୟନ୍ତ କରିବେ ? ଏହାର ମଧ୍ୟ ସୀମା ରହିଛି ଏବଂ ସୀମା ଟପିବା ଉଚିତ ନୁହେଁ । କାରଣ ସମସ୍ତେ ଚାହାନ୍ତି କ୍ଷମତା ଏବଂ ଯେଉଁମାନଙ୍କ ଦ୍ୱାରା ବଛା ହୋଇଛନ୍ତି ସେମାନେ ମଧ୍ୟ ଅପେକ୍ଷା କରିଛନ୍ତି ଆମ ଲୋକଙ୍କୁ କୌଣସି ପଦ ପଦବୀ ମିଳିଛି କି ନାହି ? ନୂଆ ସରକାର ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରଥମ କେବିନେଟ୍ ବୈଠକର ଦୁଇ ତିନୋଟି ଭଲ ନିଷ୍ପତ୍ତି ନେଇଛନ୍ତି । ମନ୍ଦିରର ଚାରି ଦ୍ୱାର ଖୋଲିବା, ସୁଭଦ୍ରା ଯୋଜନାକୁ କାର୍ଯ୍ୟକାରୀ କରିବା ଏବଂ ଚାଷୀ ମାନଙ୍କ ପାଇଁ ଧାନର ଧାର୍ଯ୍ୟ ମୂଲ୍ୟ ବଢ଼ାଇବା । ନିଶ୍ଚିତ ଏ ସବୁ କରି ପ୍ରଥମ ସ୍ତରକୁ ଟପିଛନ୍ତି କିନ୍ତୁ ଆମ ଜିଲ୍ଲାର ଖୁବ୍ କମ୍‌ରେ ଗୋଟିଏ ମନ୍ତ୍ରୀ ନ ହୋଇ ପାରିଲେ ଆମେ ବା ବାଲେଶ୍ୱରବାସୀ ଦୁଃଖୀ ହୋଇ ରହିବୁ ।




### ବହୁ ବିଳମ୍ବରେ ବାବା

**ସିଦ୍ଧେଶ୍ୱର ତ୍ରିପାଠୀ**

ବାବାଙ୍କ ନାଁରେ କେତେନୋକ ପରା
ଡକ୍ଟରେଟ କରୁସନ୍ତି
ବାବାଙ୍କ ନାଁ ର ପୂର୍ବରୁ ସିଏବି
ଡକ ଟର ନେଖୁସନ୍ତି
ରାଜନେତାରେ ସେ ଖାଣ୍ଟି
ପାଞ୍ଚବର୍ଷ ତଳୁ କାଇଁ ନଧରିଲେ
ପଦୁଅଁ ଫୁଲକୁ
ପଙ୍କ କାଦୁଅ ନଘାଣ୍ଟି ।

ଭାଗ ବଣ୍ଟାବାଣ୍ଟି ସରିତ ଗଲାଣି
ଆଉବା ମିଳିବ କିସ
ଶଙ୍ଖ ଭବନ ଟା ଆଖିରେ ପଡିଲେ
ବଢୁଥିବ ଅବଶୋଷ ।

ଅଛି ରାଜ୍ୟସଭା ବେଳ
ନହେଲେ କୋଉଠି
ଥଇଥାନ ହେବେ
ହେଇଗଲେ ରାଜ୍ୟପାଳ ।

ଯଦି କିଛି ନପାରିଲା ହୋଇ
ପଦ୍ମ ପୁରସ୍କାର
ଭାରତ ରତନ
ମିଳିଯାଇ ପାରେ
ମୁଖିଆଙ୍କ ପାଖ ନୋକ ଗଲେ ହୋ।

+କୁଣ୍ଡିଲୋ କେରଙ୍ଗ
ଖୋର୍ଦ୍ଧା

### ବାପା

**ତପନ କୁମାର ବେହେରା**

ବାପା !
କେବେ ଛଣଛପର ଘରର ଛାତ
ତ କେବେ ମନ୍ଦିର ର ମୁଖଶାଳା
କେବେ ଜଖମରେ ବୋଳା ମଲମ ତ
କେବେ ବିଜୟର ବରମାଳା।

ବାପା !
କେବେ ଭରା ନିଦାଘର ଝାଞ୍ଜିଖରା
ତ କେବେ ଶ୍ରାବଣର ବାରିଧାରା
କେବେ ସେ ଧରାର କାଳ ବଇଶାଖି
କେବେ ଚୋରା ମଳୟର ଧାରା।

ବାପା !
କେବେ ସେ ଅନ୍ଧାରେ ଆଲୋକ
ଦିହୁଡ଼ି
ତ କେବେ ଝୁଣ୍ଟି ପଡ଼ିବାର ଆହାଃ
କେବେ ପଥଟିଏ ସିଏ ପଥିକ ପ୍ରାଣର
କେବେ ଜୀବନ ନଈରେ ରାହା ।

ବାପା
ପ୍ରଥମ ଶବ୍ଦ ସୃଷ୍ଟିର ଆଦ୍ୟ ଓଁ କାର
ପ୍ରଥମ ଶିଳ୍ପୀ ତୁମେ ଏ ଧୂଳି ଧରାର
ହୃଦୟ ମନ୍ଦିରେ ଜୀବନ୍ତ ଈଶ୍ୱର
ଚିରନ୍ତନ ସତ୍ୟ ଏ ଆଶ୍ଚର୍ଯ୍ୟ ବିଶ୍ୱର।

+କାନପୁର, ନରସିଂହପୁର, କଟକ
ମୋ: ୭୦୦୮୧୮୮୩୫୬

### ଓଡ଼ିଆ ଅସ୍ମିତା

**ଭାସ୍କର ରାଉତ**



ଉତ୍ରରୁ କଳିଙ୍ଗ ପୁଣି ସେ ଉତ୍କଳ
ନାମରେ ଥିଲା ବିଖ୍ୟାତ
ଗଙ୍ଗା ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାରି
ଥିଲା ତାହାର ସୀମାନ୍ତ।
ଦେଖି ତା ବିଭବ ବଳାଇଣ ଲୋଭ
ବିଦେଶୀ ବଣିକ ଦଳ
କପଟତା କରି ବିଷମଞ୍ଜି ଭରି
କରାଇ ଦେଇ ଦୁର୍ବଳ।
ସୁଯୋଗକୁ ନେଇ ଖଣ୍ଡ କରିଦେଇ
କ୍ଷତାକ୍ତ କରିଲେ ସେହି
ଯନ୍ତ୍ରଣାରେ ସଢ଼ି ଛାଡୁଥିଲା ରଡ଼ି
ସନ୍ତାନ କାନେ ବାଜଇ।

ନବଜାଗରଣ ଭାଷା ଆନ୍ଦୋଳନ
ଆରମ୍ଭ କରିଲେ ସେହି
ଓଡ଼ିଆ ଅସ୍ମିତା ଜଗନ୍ନାଥ ନେତା
ବିଶ୍ୱେ ଚହଳ ପକାଇ।

ସେହି ଅସ୍ମିତାକୁ ବୁଡ଼ାଇ ଦେବାକୁ
କୁଚକ୍ରୀ ଯୋଜନା କଲା
ଓଡ଼ିଆ ପୁଅଟା ନଭିଡ଼ିଲା ଅଣ୍ଟା
ଓଡ଼ିଆଣୀ ପଣ କଲା।
ଚଖାଇବ ପାନେ ବିଚାରିଲା ମନେ
ସୁଯୋଗ ଉଣ୍ଡି ରହିଲା
ଅମୋଘ ଅସ୍ତ୍ରକୁ ପେଶିଲା ତାହାକୁ
ଦଳବଳ ଭାଙ୍ଗି ଦେଲା।
ମାଆ ମାତୃଭାଷା ହେଲେ ଲୋକହସା
କେମିତି ବଞ୍ଚିବୁ ତୁହି ?
ଏହାଙ୍କ ସୁରକ୍ଷା କର ନିଜ ଦୀକ୍ଷା
ଚାଟୁକାର ସାଜ ନାହିଁ।

+ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ:୯୭୭୬୪୮୬୬୨୮

# ଅଭିସାରିକା

ଲିଜା ପଣ୍ଡା



ଦିନଥିଲା ନିଜ ମନର ଅପ୍ସରୀ ନାୟିକା ରୂପେ ନିର୍ଦ୍ୱନ୍ଦରେ ବିଚରଣ କରୁଥିଲା ଜୋୟା। ନିଜର ସୁନ୍ଦର ଚେହେରା ସହ ଆକର୍ଷଣ ରୂପରେ ସଭିଙ୍କୁ ବିମୁଗ୍ଧ କରାଉଥିଲା । ତାର ମୁଖର ସୁନ୍ଦରତା, ଶାରୀରିକ ଗଠନ, ଆଉ ଅଙ୍ଗଭଙ୍ଗୀରେ ମୁକ୍ତ ଗଗନର ସେହି ପରୀଗଣ ମଧ୍ୟ ହାର ମାନୁଥିଲେ। ଏମିତି ଲାଗୁଥିଲା ସତେ ଯେପରି ଜୋୟା ପ୍ରତିଦିନ ସୌନ୍ଦର୍ଯ୍ୟର ନବକଳେବର ହଉଛି ଆଉ ସୁନ୍ଦର ପ୍ରତିମାଟି ପରୀ ଝଟକୁଛି । ତାର ଆଖି ଦେଖିଲେ ଲାଗୁଥିଲା ଅଳସୀ ନଦୀ ଉଷାର ଅଳସ ଭାଙ୍ଗି ଅସୁମାରି ସ୍ୱପ୍ନକୁ ନିଜର ଲହରୀରେ ଭସେଇ ନେଉଛି ଆଉ ତାକୁ ଭସିବାରେ ସାହାଯ୍ୟ କରୁଛି ନିତ୍ୟ ଧପଧପ ହେଉଥିବା ତାର ସୁଅ ରୂପୀ ଆଖି ପତା। ତାର ଛୁଞ୍ଚି ମୁନ ପରି ନାକ ଆଗରେ କଳାଯାଇ ଯେମିତି ଶୋଭା ପାଉଥିଲା ଠିକ୍ ସେମିତି ରାଗ ମଧ୍ୟ ବିରାଜମାନ କରୁଥିଲା। ତା ଓଠର ଲାଲିମାକୁ ଦେଖିଲେ ସ୍ମୃତି ପଟରେ ନାଚି ଉଠୁଥିଲା ସେହି ରକ୍ତ ଗୋଲାପର ସଜଳ ଢଳଢଳ ପାଖୁଡ଼ା। ସୃଷ୍ଟିର ସମସ୍ତ ଆଭା ତା କପୋଳ ରେ ଉଜ୍ଜୀବିତ ହେଉଥିଲା। ମାତ୍ର ତାର ସୁନ୍ଦର କପାଳରେ କୌଣସି ରେଖା ନଥିଲା, ଭୃକୁଞ୍ଚନ ବିହୀନ ତାର କପାଳ କେବେ ଶୁଭ ବାର୍ତ୍ତାର ସଂକେତ ପ୍ରଦାନ କରୁଥିଲା ତ କେବେ ସୁଲକ୍ଷଣକୁ ଦର୍ଶାଇ ସ୍ୱଂୟର ସୌନ୍ଦର୍ଯ୍ୟତାକୁ ମଣ୍ଡିତ କରାଉଥିଲା।

ଯୌବନର ଆଗମନ ଜୋୟା ପାଇଁ ପୂର୍ଣ୍ଣ ରୂପରେ ନୂତନ ଥିଲା। ସବୁ ଝିଅଙ୍କ ପରି ସେ ମଧ୍ୟ କିଛି ଅନୁଭବ କରୁଥିଲା ମାତ୍ର ତାର ଅନୁଭବ କେବଳ କଳ୍ପନାରେ ସୀମିତ ରହିଯାଉଥିଲା। ତାକୁ ବାସ୍ତବ ରେ ପ୍ରତିରୂପ ଦେବାକୁ ସେ ନିରନ୍ତର ପ୍ରୟାସ କରୁଥିଲା। ଶେଷରେ ସେ ତାର ବିହ୍ୱଳିତ ମନକୁ ନିଜ ନିୟନ୍ତ୍ରଣତାର ଆବଦ୍ଧରୁ ମୁକ୍ତ କରି ଦେଇଥିଲା। ତା ଅଜାଣତରେ କେତେବେଳେ ତା ମନରୂପୀ ପକ୍ଷୀଟି ତାର ଶରୀର ରୂପୀ ପିଞ୍ଜରାରୁ ଫିଟି ମୁକ୍ତାକାଶରେ ବିଚରଣ କରୁଛି ଏ ପ୍ରସଙ୍ଗରେ ସେ ନିଜ ମଧ୍ୟ ଅନଭିଜ୍ଞ ଥିଲା ।

ଜୋୟା ସମସ୍ତଙ୍କଠାରୁ ଭିନ୍ନ ଥିଲା। ତାର ବ୍ୟକ୍ତିତ୍ୱ ଅତ୍ୟନ୍ତ ନିଆରା ଥିଲା। କିନ୍ତୁ କିଛି ଘଟଣା ତା ଜୀବନ ର ମୋଡକୁ ପୂରା ବଦଳାଇ ଦେଇଥିଲା। ଘଟଣା ଭାବି ମୋ ଲେଖନୀ ମୁନ କିଛି କ୍ଷଣ ପାଇଁ ଅଚଳ ରହିଯାଏ......... କିନ୍ତୁ ତାର ପୂର୍ଣ୍ଣ ଚରିତ୍ରର ବ୍ୟାଖ୍ୟା ବଖାଣିବାକୁ ମୁଁ ନିଜକୁ ଗୌରବାନିତ୍ୱ ମନେକରେ, ବାସ୍ତବରେ ଜୋୟା ଭଳି ନାରୀ ଏ ସଂସାର ରେ ବିଲୁପ୍ତ ପ୍ରାୟ।

ଜୋୟା କେବେ ପବିତ୍ର ଚିନ୍ତାଧାରାର ପ୍ରତିମୂର୍ତ୍ତି ତ କେବେ ସତ୍ ଚରିତ୍ରର ସୁନ୍ଦର ଉଦାହରଣ । ବାପା ମାଆଙ୍କର ଗେହ୍ଲା ଝିଅ। ପିଲାଟି ବେଳୁ ଅନେକ ସ୍ୱପ୍ନ ଦେଖେ ମାତ୍ର ତାହା ଅପୂରଣ ଆଶାରେ ହିଁ ମରିଯାଏ, କିଛି ଉଭେଇଯାଏ ତ କିଛି ପୂରା କରିବାର ଅପୂର୍ଣ୍ଣ ଲକ୍ଷ୍ୟରେ ଥାଏ। ନିଜ ଜୀବନ ର ରାସ୍ତା ରେ ସେ ନିଜ ଇଚ୍ଛାରେ ଚାଲିବାକୁ ପସନ୍ଦ କରେ। କାହାର ବାଧ୍ୟବାଧକତାରେ ନୁହେଁ । ରାସ୍ତାରେ ଚାଲୁ ଚାଲୁ ତା ଜୀବନର ଭେଟ ଯୌବନ ସହ ହୁଏ । ଆଉ ଯୌବନ ତାକୁ ଅନୁରାଗ, ପ୍ରେମ, ପ୍ରୀତିର ଉପହାର ଦେଇ ଚାଲିଯାଏ। ସର୍ବ ପ୍ରଥମେ କେଉଁ ଉପହାରକୁ ଜୀବନ ରେ ପ୍ରୟୋଗ କରିବ ଭାବୁ ଭାବୁ ହଠାତ୍ ତା ଜୀବନରେ ଆହ୍ଲାଦ ନାମକ ପୁରୁଷର ପ୍ରବେଶ ପ୍ରେମ କାହାଣୀ ଗୁପ୍ତରୁ ପ୍ରଚାର ହୁଏ। ଦୁହେଁ ଦୁହିଁଙ୍କ ଅତି ନିକଟକୁ ଆସନ୍ତି। ଆହ୍ଲାଦର ଇଚ୍ଛାନୁସାରେ ଜୋୟା ତାକୁ ଚୁମ୍ବନ କରେ। ପୁନଃ ଘରକୁ ଆସି ବିଚାର କରେ ଆଜି ଯାହା ସବୁ ଘଟିଗଲା ସେ କଣ ଠିକ୍ ଥିଲା। ପ୍ରେମ ତ ଶାଶ୍ୱତ , ଚିରନ୍ତନ ଏହା ତ ଆତ୍ମାରୁ ହୁଏ ପୁଣି ଏଥିରେ ଶରୀର ର ଅବା କଣ ପ୍ରୟୋଜନ ? ଏହିସବୁ ଚିନ୍ତା କରି ସେ ଶୋଇପଡେ, ମାତ୍ର ସେଦିନର ସେ ଅନୁଭୂତିକୁ ସେ ଭୁଲିପାରେ ନାହିଁ । ଜୋୟାର ମନରେ ସଂବେଗର ଜୁଆର ଲଘୁତର ହେବାକୁ ଲାଗେ। ସେପଟରେ ଆହ୍ଲାଦର ମଧ୍ୟ ସମ ସ୍ଥିତି ଥାଏ। ମିଳନର ଅନ୍ତିମ ଅନୁଭବ କୁ ପ୍ରାପ୍ତି କରିବାକୁ ଦୁହିଁଙ୍କ ମନ ବ୍ୟାକୁଳ ହୋଇ ଉଠେ। ଶେଷରେ ଇନ୍ଦ୍ରିୟର ନିୟନ୍ତ୍ରଣ ହରାଇ ଦୁହେଁ ଅସଂଯମତାର ନଦୀକୁ ପାର କରନ୍ତି। କ୍ଷଣିକ ଖୁସିର ଆହ୍ଲାଦନରେ ସମ୍ପୂର୍ଣ୍ଣ ଜୀବନର ସଂଯମତାକୁ ଭୁଲିଯାଇ ନିଜର ସଂସ୍କାର, ଶିକ୍ଷା , ସଭ୍ୟତାକୁ ପାସୋରି ବିବାହ ପୂର୍ବରୁ ମୁଁ ଅସତୀ ହୋଇଗଲି ଭାବି ଜୋୟା ମନେମନେ ବହୁତ କାନ୍ଦେ ଓ ଭାଙ୍ଗିପଡ଼େ । ଆତ୍ମଗ୍ଲାନିର କଟୁକ୍ତିରେ ପ୍ରତିକ୍ଷଣ ସେ ଜର୍ଜରିତ ହୁଏ। ପ୍ରେମର ଭାଷା ଯଦି ଶାରୀରିକ ସମ୍ବନ୍ଧ ତେବେ ଏହା ମୋର ଦରକାର ନାହିଁ କହି ସେ ଆହ୍ଲାଦକୁ ନିଜଠାରୁ ଦୂରେଇ ଯିବାକୁ କହେ। ମାତ୍ର ଜୀବନ ର ପ୍ରଥମ ପ୍ରେମ କୁ ନା ସେ ଭୁଲିପାରେ ନା ତାକୁ ଛାଡି ରହିପାରେ। ଆହ୍ଲାଦ ଭଳି ସଚ୍ଚୋଟ,ସହୃଦୟ, ନ୍ୟାୟବନ୍ତ ପୁରୁଷଠାରୁ ଦୂରେଇ ଯାଇ ନିଜ ଅସ୍ତିତ୍ୱକୁ ବଞ୍ଚି ଥାଉ ଥାଉ ମାରିଦେବାକୁ ଜୋୟା ଚାହେଁନି। ଦୁହେଁ ପୂର୍ବ ପରି ପୁଣି ପ୍ରେମର ବନ୍ଧନରେ ବାନ୍ଧି ହୋଇ ରୁହନ୍ତି ।

କିଛି ଦିନ ପରେ ଜୋୟାର ଜୀବନରେ ଦିଗହରା ବାତୋଇ ରୂପେ ପ୍ରବେଶ କରେ ପ୍ରତାପ ନାମକ ପୁରୁଷ । ଜୋୟାର ରୂପ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଜୋୟାକୁ ପ୍ରେମ ନିମନ୍ତ୍ରଣ ପ୍ରଦାନ କରେ। ଏହି ଯେ ସେହି ପ୍ରତାପ ଯାହାକୁ ଜୋୟା ଦୀର୍ଘ ଦଶ ବର୍ଷ ଧରି ଜାଣିଛି ମାତ୍ର ତାର ବ୍ୟକ୍ତିତ୍ୱରେ ଏଭଳି ପରିବର୍ତ୍ତନ ଦେଖି ଜୋୟା ଆଶ୍ଚର୍ଯ୍ୟ ହୁଏ। ପ୍ରତାପର ପ୍ରେମ ନିମନ୍ତ୍ରଣକୁ ସ୍ୱୀକାର କରିବ କି ନାହିଁ ଭାବୁ ଭାବୁ ସେ ପ୍ରତାପକୁ ହଁରେ ଜବାବ ଦେଇଦିଏ ମାତ୍ର ସମ୍ମୁଖରେ ପ୍ରତ୍ୟେକ୍ଷ ରୂପେ ନୁହେଁ ପ୍ରେମ ପତ୍ର ଜରିଆରେ। ପୁଣି ନିଜକୁ ଧିକାର କରିବାକୁ ଲାଗେ ଜଣଙ୍କୁ ସଚ୍ଚୋଟ ପ୍ରେମ କରିସାରିବା ପରେ ଆଉ ଜଣଙ୍କୁ କେମିତି ପ୍ରେମ କରୁଛି ବୋଲି ଲେଖି ପାରିଲି ? ପୁଣି ଜୋୟା ଭାବେ ମୁଁ ତ କେବଳ ପ୍ରେମ ନିବେଦନର ଉତ୍ତର ହଁ ରେ ଦେଇଛି ମାତ୍ର ଅନ୍ତରରୁ ତା ପ୍ରତି ମୋର ଭଲପାଇବା ତ ନାହିଁ । ପ୍ରତାପ ଜୋୟା ସହ ଯୋଗାଯୋଗ କରିବାକୁ ଚାହେଁ କିନ୍ତୁ ଜୋୟା ଦୁରେଇ ରୁହେ, ତା ସହ ନା କଥାବାର୍ତ୍ତା କରେ ନା କୌଣସି ସମ୍ପର୍କ ରଖେ। ମନେମନେ କେବଳ ଭାବୁଥାଏ ମୋର ପ୍ରଥମ ପ୍ରେମ ଆହ୍ଲାଦ ଆଉ ସେ ମୋ ଜୀବନର ସବୁକିଛି । ଏମିତିରେ ଆହ୍ଲାଦ ମଧ୍ୟ ଜୋୟାକୁ ନିଜ ଜୀବନଠାରୁ ଅଧିକ ଭଲପାଏ। ଦୁହେଁ ଆନନ୍ଦ ରେ ଦିନ କାଟନ୍ତି ।

କାଳର କରାଳ ଗତି ଜୋୟା ଜୀବନର ସୁଖର ପୃଷ୍ଠାକୁ ଲେଉଟାଇ ଦୁଃଖର ପୃଷ୍ଠାରେ ସମୟକୁ ସ୍ଥଗିତ ରଖେ । ଛଅ ମାସର ଦୀର୍ଘ ଅବଧି ପରେ ଜୋୟାର ଜୀବନ କୁ ପୁନଃ ହିମାଂଶୁ ନାମକ ଏକ ପୁରୁଷ ଆସେ । ଜୋୟା ସେ ସବୁ ପୁରୁଷଙ୍କ ଠାରୁ ଭିନ୍ନ ଲାଗେ । ଜୋୟା ମନେମନେ ହିମାଂଶୁକୁ ଭଲ ପାଇ ବସେ । ଦିନେ ହିମାଂଶୁ ସହ ତାର ରାସ୍ତାରେ ଦେଖା ହୁଏ । କିଛି ନକହି ସେ ସେହି ସ୍ଥାନରୁ ଚୁପଚାପ୍ ଚାଲି ଆସେ। ଆଉ ନିଜକୁ କିଛି କ୍ଷଣ ପାଇଁ ଅସହାୟ ମନେକରେ । ଭାବନାର ରାଜ୍ୟରେ ବୁଡ଼ିଯାଇ ସ୍ୱପ୍ନ ଦେଖେ... ସୌନ୍ଦର୍ଯ୍ୟର ନବ ଚେତନା ଉଦ୍ଦିପ୍ତମୟ । ଉଜ୍ଜୀବିତ କାମନାର ହିଲ୍ଲୋଳରେ ବଶବର୍ତ୍ତୀ ଏ ମାନବ ସମାଜ ସଂବେଗମୟ ସ୍ରୋତରେ ଭାସିଯାଇ ସ୍ୱଂୟର ସ୍ୱତନ୍ତ୍ରତା, ସ୍ୱାଧୀନତାକୁ ବଳି ଚଢ଼ାଏ ତଥା ଅନ୍ୟର ସମ୍ମୁଖରେ ବ୍ୟବହାର ଓ ପ୍ରୟୋଗର ପ୍ରସାଧନ ସାମଗ୍ରୀ ପଲଟିଯାଏ । ତେଣୁ ଜୀବନରେ ନିୟନ୍ତ୍ରଣ ଏକାନ୍ତ ଆବଶ୍ୟକ ଅଟେ । ହଠାତ୍ କାହାର ଆସିବାର ଆଭାସ ରେ ତାର ନିରବତା ଭଙ୍ଗ ହୁଏ। ଉଠି ଦେଖେ ତ ଆହ୍ଲାଦ ତାକୁ ଆପଲକ ନୟନ ରେ ଚାହିଁ ଛିଡ଼ା ହୋଇଚି । ଜୋୟାର ଖୁସି କହିଲେ ନସରେ । ସେ ଆଶ୍ଚର୍ଯ୍ୟ ହେବ କି ଖୁସି ହେବା ନିଜେ ଜାଣି ପାରୁ ନଥାଏ । ଆହ୍ଲାଦ ସହିତ କିଛି ଘଣ୍ଟା କଥା ହେବା ପରେ ଦୁହେଁ ବିବାହ କରିବାକୁ ମନସ୍ଥ କରନ୍ତି। ସବୁ ଠିକ୍ ଥାଇ ମଧ୍ୟ ଗୋଟେ ପରିସ୍ଥିତି ପାଖରେ ହାର ମାନନ୍ତି। ଦୁହିଁ ଙ୍କର ଜାତି ଅଲଗା। ବିବାହ ପାଇଁ ଘରର ସଦସ୍ୟଙ୍କୁ ରାଜି କରାଇବା ଏକଥା ଦୁହେଁ ବୁଝିସାରିଥିଲେ । ମାତ୍ର ଆହ୍ଲାଦର ଏକମାତ୍ର ଜିଦି ଯିଏ ବାସ୍ତବରେ ପ୍ରେମ କରୁଥିବ ସେ କେବେବି ପ୍ରେମକୁ ଛାଡ଼ି ରହିପାରିବନି । ହେଲେ ଜୋୟା ର ଏକମାତ୍ର ମତ ମୋର ବାପା ମାଆଙ୍କୁ ଛାଡି ଘରୁ ଲୁଚି ମୁଁ କିପରି ତୁମ ସହ ଚାଲିଆସିବି କୁହତ ? ଜୋୟା ଆହ୍ଲାଦକୁ ବହୁତ ବୁଝାଏ ଯେ ଜଣଙ୍କ ପ୍ରେମକୁ ପ୍ରାପ୍ତି କରିବାକୁ ଯାଇ ଯଦି ମୁଁ ପରିବାରର ଦଶ ଜଣଙ୍କ ସ୍ନେହକୁ ବଳି ପକାଇ ଦେଇ ତୁମ ସହ ଚାଲିଆସେ ତାହା ହେଲେ ସେ ପ୍ରେମ ନୁହେଁ ସ୍ୱାର୍ଥପରତା । ପୁନଃ ଯୁକ୍ତି ବାଢେ ଆହ୍ଲାଦ ତେବେ ଜୋୟା ତମେ ମତେ ପ୍ରେମ କରୁନଥିଲ କେବଳ ମିଛ ଆଶ୍ୱସନା ଦେଉଥିଲ । ତୁମ ପ୍ରେମ ମୋ ପାଇଁ। କେବଳ ମାତ୍ର ପ୍ରତାରଣା ଅଟେ। ତୁମେ ପ୍ରେମ ନାମରେ କଳଙ୍କ, ନାରୀ ଜାତିରେ ଅଭିଶପ୍ତ, ତୁମେ ଗୋଟେ ପୁରୁଷ ପାଇଁ ମନ କିଣୁଥିବା କଣ୍ଢେଇ ତୁମର ଯଥାର୍ଥତା ନାହିଁ, ତୁମେ ଭୋଗବାଦୀ, ବାସ୍ତବତାହୀନ ତୁମେ ତୁମେ...... କହି ଚାଲିଯାଏ ଆହ୍ଲାଦ ।

ଜୋୟା ଏବେ ସଂପୂର୍ଣ୍ଣ ଏକା, ନିଃସହାୟ, ନିର୍ବଳ ନାରୀ କାହାକୁ ଅବା ନିଜ ମନର କଷ୍ଟକୁ ଖୋଲିକି କହିବ। ଯେଉଁ ପ୍ରେମ ପାଇଁ ସେ ନିଜକୁ ଭୁଲି ଯାଇଥିଲା, ନିଜ ମନ ଆଉ ଶରୀରକୁ ସଂପୂର୍ଣ୍ଣ ସମର୍ପଣ କରି ଦେଇଥିଲା, ନିୟନ୍ତ୍ରଣତାର ବଳୟ ଭିତରେ ନିଜକୁ ବାନ୍ଧି ରଖିଥିଲା ଆଜି ସେହି ପ୍ରେମ ଜୋୟାର ଜୀବନକୁ ଆଣି ଦୋଛକି ରେ ଛିଡ଼ା କରିଦେଇ ଚାଲିଗଲା। ତାର ସବୁ ସ୍ୱପ୍ନ, ଆଶା, ଇଚ୍ଛା ଗୋଟେ କ୍ଷଣରେ ଭାଙ୍ଗି ଚୁରମାର ହେଇଗଲା। ଜୋୟା ନିଜ ଅଜାଣତରେ ଭାବନାର ଗମ୍ଭୀର ଜଙ୍ଗଲ ଭିତରକୁ ପ୍ରବେଶ କରିସାରିଥିଲା। ମନ୍ଦ୍ର ଗତିରେ ତା ମୁହଁରୁ କିଛି ଶବ୍ଦପୁଞ୍ଜି ଉଙ୍କି ମାରୁଥିଲା .. ମୁଁ ଯେ ସେହି ସ୍ୱପ୍ନିଳ ଗଗନର ଉନ୍ମୁକ୍ତ କଳାନିଧ, ଆବଦ୍ଧତାର ଦିଗବଳୟର ସ୍ୱର୍ଣ ମୋ ପାଇଁ ଅସହ୍ୟ , ପୂର୍ଣ୍ଣମାର ଉଜ୍ଜ୍ୱଳତା ସହ ଜ୍ୟୋସ୍ନା ସିକ୍ତ ମଳୟର ଶିଥିଳତା ମୁଁ ସଭିଙ୍କୁ ପ୍ରଦାନକରେ, ମାତ୍ର ସେହି ମୁହୂର୍ତ୍ତର ଆନନ୍ଦ ପ୍ରାପ୍ତି ପରେ ଏ ସମାଜ ଭୁଲିଯାଏ ମୋର ଦାନପଣିଆକୁ ପାସୋରି ଦିଏ ମୋର ସମ ଭାବନାକୁ କେବଳ ଧରି ବସେ ମୋର ଅମାବାସ୍ୟାର ଘୋର ଅନ୍ଧକାର ରୂପୀ କାଳିମା ରୂପକୁ । ଭାବିନିଏ ଗୋଟେ ପକ୍ଷ ଆଲୋକର ପ୍ରତୀକ ବେଳେ ଗୋଟେ ପକ୍ଷ ଅନ୍ଧକାରର ସଂକେତ, ସେ କଣ ଆମ ପରି ସାଧାରଣ ଯେ ଆମେ ତାର ଦୁଇ ରୂପକୁ ଗ୍ରହଣ କରିବାକୁ ବାଧ୍ୟ। କିନ୍ତୁ ଏ ସମାଜ ଅନଭିଜ୍ଞ ଥାଏ ସେହି ସୁଧାଂଶୁର ମହତ ଉଦ୍ଦେଶ୍ୟ ପାଖେ, ଯେ କି କେବଳ ଆଲୋକ ଓ ଅନ୍ଧକାର ରୂପକୁ ପ୍ରଦର୍ଶନ କରେନି ମାତ୍ର ଜୀବନର ସତ୍ୟକୁ ଉନ୍ମୋଚିତ କରାଏ ଆଲୋକ ବା ସୁଖ ସମୟରେ ସମସ୍ତେ ତୁମର ସାଥି ହୋଇଥାନ୍ତି ମାତ୍ର ଅନ୍ଧାର ବା ଦୁଃଖ ମୁହୂର୍ତ୍ତରେ କେହି ତୁମ ପାଖେ ନଥାନ୍ତି ।

ଜୋୟା ଏବେ ଭାବନାର ଜଙ୍ଗଲରୁ ବାହାରି ବାସ୍ତବତାର ମୁକ୍ତ ଆକାଶରେ ବିଚରଣ କରୁଛି। ଭାବିନେଇଚି ସେ କେବେ କାହାକୁ ପ୍ରେମ କରିନଥିଲା କି କାହାର ପ୍ରେମିକା ନଥିଲା। ବର୍ତ୍ତମାନ ସେ କେବଳ ଜଣଙ୍କର ପ୍ରେମିକା ସେ ହେଉଛନ୍ତି ଭଗବାନ ଶ୍ରୀ କୃଷ୍ଣ । କଥାଟା ଶୁଣିବାକୁ ଅଡୁଆ ଲାଗୁଥିଲେ ମଧ୍ୟ ସତ୍ୟ ଅଟେ। ସେହି ଦିନଠାରୁ ଜୋୟା ନିଜ ଘର, ପରିବାର ସବୁ ତ୍ୟାଗ କରିଦେଲା। ଜୀବନରେ ଜଣେ ମାତ୍ର ସତ୍ୟ ରୂପେ ଜୀବନସାଥି ହୋଇପାରିବ ସେ ହେଉଛନ୍ତି ପ୍ରଭୁ ଶ୍ରୀ କୃଷ୍ଣ । ଏହା ଭାବି ସେ ନିରନ୍ତର ପୂଜା, ଭକ୍ତି, ପ୍ରେମ ଓ ସ୍ନେହ ବନ୍ଧନରେ ଶ୍ରୀ କୃଷ୍ଣଙ୍କୁ ବାନ୍ଧିବାକୁ ଚାହେଁ। ମନେମନେ ଭାବେ ମଣିଷ ଯେଉଁ ରୂପରେ ଭଗବାନଙ୍କୁ ଭକ୍ତି କରିବ ଭଗବାନ ତାଙ୍କୁ ସେହି ରୂପରେ ଦର୍ଶନ ଦେବେ। ଶ୍ରୀ କୃଷ୍ଣଙ୍କୁ ନିଜର ମନର ଆରାଧ୍ୟ ନାୟକ ଭାବି ଜୋୟା ଦର୍ଶନ ନିମନ୍ତେ ଭକ୍ତି ରୂପୀ ପ୍ରେମର ଅଭିସାରରେ ଯାଏ। ଲୋକେ ତାକୁ ପାଗିଳି ଅଭିସାରିକା କୁହନ୍ତି। କିନ୍ତୁ ଜୋୟା କୌଣସି କଥାକୁ ଖାତିରି ନକରି ନିଜ ପ୍ରେମ ଅଭିସାର ନିମନ୍ତେ ନିରନ୍ତର ଚାଲିଥାଏ ।

ଜୋୟା ଅନାଦି କାଳର ନା ସେହି ପିଙ୍ଗଳା ବେଶ୍ୟା ଥିଲା ନା ରାଜକୁମାରୀ ନନ୍ଦିକେଶ୍ୱରୀ ଥିଲା, ଯିଏ ଦିନେ ବେଶ୍ୟା ବୃତ୍ତିରୁ ନିଜକୁ ନିବୃତ୍ତ କରି ଭଗବାନଙ୍କ ଦର୍ଶନ ନିମନ୍ତେ ଅଭିସାରିକା ସାଜିଥିଲା, ଯିଏ ଦିନେ ନିଜର ପ୍ରେମକୁ ପାଇବା ପାଇଁ ପିତା ସହ ବିଶ୍ୱାସଘାତ କରି ପ୍ରେମିକର ସାହାଯ୍ୟ ନିମନ୍ତେ କୃଷ୍ଣାଭିସାରିକା ସାଜିଥିଲା । ଜୋୟା ତ କେବଳ ମାତ୍ର ଅଭିସାରରେ ଯାଉଥିଲା ତାର ଆରାଧ୍ୟର ଦର୍ଶନ ପ୍ରାପ୍ତି ନିମନ୍ତେ କିନ୍ତୁ ଏ ସମାଜ ତାକୁ ସଜେଇ ଦେଲା ଅଭିସାରିକା। ଜୀବନର ଅନ୍ତିମ କ୍ଷଣର ଆଜି ମଧ୍ୟ ଜୋୟା ଗର୍ବରେ କହେ ହଁ ମୁଁ ନିତ୍ୟ ଅଭିସାର କରେ ମୋର ଆରାଧ୍ୟଙ୍କ ପାଇଁ । ମୁଁ କେବଳ ଅଭିସାରିକା ନୁହେଁ, ମୁଁ ଦିବାଭିସାରିକା, ମୁଁ କୃଷ୍ଣାଭିସାରିକା, ମୁଁ ଶୁକ୍ଳାଭିସାରିକା,ମୁଁ ମୁଗ୍ଧାଭିସାରିକା, ମୁଁ ମଧ୍ୟାଭିସାରିକା । କାରଣ ମୁଁ ଜୋୟା ମୁଁ ନାରୀ ରୂପୀ ଜୋୟା ଯାହାର ଅର୍ଥ ଭଗବାନଙ୍କୁ ସମର୍ପିତ ..........ଆଜି ମୁଁ ଅଭିସାରିକା ସାଜି ମୋର ପ୍ରାଣକୁ ମୁଁ ସମର୍ପିତ କରୁଛି ମୋର ଆରାଧ୍ୟଙ୍କ ନିକଟରେ । ମୁଁ ଜୋୟା ମୁଁ ଅଭିସାରିକା ......... ନିଃଶବ୍ଦ ଓ ନିଃସ୍ତବ୍ଧତାର ବାଦଲ ଚତୁର୍ଦ୍ଦିଗକୁ ଘଉଡାଇ ଦିଏ, କିଛି କ୍ଷଣ ଅନ୍ତରାଳରେ ପ୍ରାଞ୍ଜଳତା ଆଲୋକ ରେ ଦୃଶ୍ୟମାନ ହୁଏ ଯେ ଜୋୟା ତାର ଶେଷ ନିଃଶ୍ୱାସ ତ୍ୟାଗ କରିଛି। ଅଭିସାରିକାର ଅନ୍ତ ଘଟିଛି.......।

+କେନ୍ଦ୍ରାପଡ଼ା , ତରାଣ୍ଡୋ

# ଅଭିଆଡ଼ିର ସାବିତ୍ରୀ

ଅରୁଣ କୁମାର ତ୍ରିପାଠୀ



ସମୟ ସକାଳ ସାଢେ ତିନି । କାଳେ କିଏ ଆଗ ମେସେଜ କରିଦବ ଭାବି ବାବୁନା ସବନମକୁ 'ଗୁଡ଼ମର୍ଣ୍ଣିଂ ହନି' ବୋଲି ମେସେଜ କଲା । ଏକଡ଼ ସେକଡ଼ ଲେଉଟି ହେଉଥିବା ପ୍ରାଣଟି ସତେକି ଏୟାର କଣ୍ଡିସନରର ଶୀତଳତା ଅନୁଭବ କଲା । କାଳବୈଶାଖି ପ୍ରଭାବରେ ରାତି ସାଢେ ଏଗାରରୁ ଲାଇନ ନଥାଏ । ଗଦି ତଳର ବେଡ଼ସିଟ୍ ତା କୋମଳ ତନୁରୁ ବାହାରିଥିବା ଝାଳରେ ଓଦା ହେଇଯାଇଥାଏ । ସେପଟେ ଗୋଟିଏ ଯୋଡ଼େ ମଶା ନିୟମିତ ଆସିଥାନ୍ତି ତା ରକ୍ତ ଚାଖିବାକୁ । ଏମିତିରେ ପ୍ରାଣପ୍ରିୟ ପ୍ରେମିକର ମେସେଜ ଦେଖି ସେ ସବୁ ଯାତନା ମାନଙ୍କୁ ପାଶୋରିଗଲା । ହ୍ୱାଟସଅପ୍‌ରେ ପପିର ଇମୋଜିଟେ ଦେଇସେ ପ୍ରତ୍ୟୁତ୍ତର ଲେଖିଲା ମିସ୍ ୟୁ ଭେରିମଚ୍ ସୋନା ଗୁଗୁ । ତଳେ ଦୁଇଟି ଲୁହ ବୋହୁଥିବା ଇମୋଜି । 'କ୍ୟା ହୁଆ ଜାନୁ' କହି ସବନମର ଦୁଃଖ ପଚାରିଲା ବାବୁନା । ସେପଟେ ବୁଢାର ରଙ୍ଗଶାଳାରୁ ଗୀତଟି ଆସୁଟାଏ ଯାହାକୁ ଚାଟ୍ ରେ ଲେଖିଦେଲା ସବନମ, 'ରାତି ପାହିଗଲା ଶେଜରେ ଶେଜରେ, ସବନମ ଶୋଇନାହିଁ ନିଦରେ ।'

ଏମିତି କେତେ କଣ କଥାହେଇ ପରସ୍ପରର ସୁଖ ଦୁଃଖ ବାଣ୍ଟିଲେ ଆହାଃ କରି କେତେବେଳେ ବିକଳ ହେଲେତ କେତେବେଳେ ଶୁଭେଚ୍ଛା ତଥା ହାସ୍ୟରୋଳରେ ଦୁଇଘଣ୍ଟା ବିତିଗଲା ଜଣାପଡ଼ିଲାଣି । ଶେଷରେ ବାବୁନା ତା ସବୁଦିନର ଶେଷ ପାଉଣା ଫ୍ଲାଇଂ କିସ୍‌ଟେ ମାଗିଲା । ଏପଟ ସେପଟ ଅନେଇ ଅତି ଯତ୍ନସହକାରେ ଆଖି ମାରିଦେଇ ସବନମ ଦେଇଦେଲା ଏକ ଉଡ଼ନ୍ତା ଚୁମ୍ବା । କିନ୍ତୁ ତା ପରେ ପୁଣି ବାବୁନା କହିଲା, ସବୁ ନିବାନିବି ସାବିତ୍ରୀ ବ୍ରତ ରଖୁଛନ୍ତି । ତୁ ଆମର ମୋ ପାଇଁ ରଖିବୁନି । ହଁ ଧନ କହି ସମ୍ମତି ଜଣେଇଲା ସବନମ । ତମେ ଆର ଗାଁ ମନ୍ଦିର ରେ ସାଢେ ଦଶ ସୁଦ୍ଧା ଥିବ । କୌଣସି ବାହାନା କରି ମୁଁ ନିଶ୍ଚୟ ପହଁଚିବି । ଆଉ ତମ ଆୟୁଷବୃଦ୍ଧି ପାଇଁ ସମସ୍ତଙ୍କ ଗହଳିରେ ବ୍ରତ କଥା ଶୁଣିବି । ତମର ଅଇଁଠ ? ଟିକିଏ ଖାଇ ଆଶୀର୍ବାଦ ନେବି । ଆଉ ମନେ ରଖିଥିବ, ସାଢେ ଆଠରେ ମୁଁ ଭିଡୁଅ କଲ୍ କରି ତମ ନାମରେ ସିନ୍ଦୁର ପିନ୍ଧିବି। ସେ ସମୟଟା ଯେମିତି ଏପଟ ସେପଟ ନକର। ଡ୍ରେସ୍ ପାଲଟିବାରେ ଡେରି ହେଲେ ବୋଉର ସନ୍ଦେହ ବଢୁଛି । କହି ଦଉଛି, ଗୋଟେ ମିନିଟ ଡେରି ହେଲେ ଜାଣିବ । ନାମ ନବ ।

ଏଇଟା ତାଙ୍କର ପ୍ରଥମ ସାବିତ୍ରୀ । ମନରେ ବହୁତ ଆଶା, ଆକାଂକ୍ଷା, ଅଭିଳାଷା ଥାଏ । ବିବାହ ନକଲେ କ'ଣ ହେଲା, ତା ଜାନୁ କ'ଣ ସାବିତ୍ରୀ ଓଷେଇତି ହେଇପାରିବ ନାହିଁ । ମୋ ବେବୁ ପାଇଁ କୌଣସି ଅବସର ସେ ନରଖିବାପାଇଁ ଭାବିଲା । ତା ସାଙ୍ଗ ଟୁବୁନା ଯାହାକୁ ତା ଭାଇ ବୋଲି ଡାକେ ଆଉ ତାଙ୍କ ମିଳାମିଶାରେ ଏକ ସକ୍ରିୟ ଅଂଶ ରଖେ, ତାହାକୁ ଏବିଷୟରେ କହିବା ସହ ତା ଆକାଉଣ୍ଟ ନମ୍ବରରେ ଟଙ୍କା ପାଞ୍ଚଶହ ଛାଡ଼ିଦେଲା । କହିଲା ମୋ ହନିକୁ ଗୁଗୁଲ ପେ କରିଦବୁ ସେତକ । ଯଦିଓ ଟୁବୁନା କେବେ ପରିପ୍ରକାଶ କରିନଥିଲା, କିନ୍ତୁ ତା ସାଙ୍ଗର ଉଡ଼ ବି'କୁ ଦେଖିଲେ ତା ମନ କନ କନ ହୁଏ । ଏମିତିରେ ତାଙ୍କୁ ଦେଖିଲେ କିଛିତ କହିପାରେନି କିନ୍ତୁ ଏକାନ୍ତରେ ବହୁତ ଝୁରେ । ସେ ସାଙ୍ଗକୁ ତା ନମ୍ବର ନଥିବା କହିଲା, ସତେକି ସେଥିପ୍ରତି ନିଘା କି ନିଷ୍ଠା ନାହିଁ । ହଉ ମୁଁ ହ୍ୱାଟସଅପ କରିଦଉଛି କହି ବୁଲିକି ଗଲା ବେଳକୁ ଟୁବୁନାର ଶୁଖିଲା ତଣ୍ଟି ଓଦା ହେଇସାରିଥାଏ। ପୁଣି ସେ ସାଙ୍ଗର ସହାୟତା ନେଲା । ଚାଲ୍ ସାଙ୍ଗ, ତାଙ୍କ ଘରେ ସାବିତ୍ରୀ ଭାର ଦେଇ ଆସିବ ।

'କିରେ ପାଗଲୁ ହେଲୁ ନା' କଣ' ବୋଲି କହନ୍ତେ, ସେ ତା ଚଉଡ଼ା ମସ୍ତିଷ୍କରେ ଥିବା ଯୋଜନାଟି କଲା । କହିଲା ମୁଣ୍ଡରେ ଗାମୁଛାଟେ ବାନ୍ଧିବା । ଧଳା ସଫା ଟି ସାର୍ଟରେ ମଇଳା ଟିକେ ବୋଲି ଘରେ ଦେଇ ଆସି କହିବା ଯେ, ଏହି ୱାର୍ଡ଼ରେ ସମସ୍ତଙ୍କ ଘରେ ଆମେ ଭାର ଦଉଛୁ । କାହାକୁ ବି ଭାଇର ଅଭାବବୋଧ କରେଇବାକୁ ଦେବି ନାହିଁ । ଆମକୁ କେବଳ ଆଶୀର୍ବାଦ ଦେବେ । ସାଢେ ସାତ ସୁଦ୍ଧା ସେତକ ଦେଇ ତା ଭାବି ଶାଶୁଙ୍କ ସହ ସେଲ୍ଫିଟେ ନେଇ ପ୍ରେମିକା ଫୋନ୍‌ରେ ସେଣ୍ଡ କରି ମନଖୁସିରେ ଯାଇ ଗାଧେଇ ହେଲା।

ନଖାଇ ନପିଇ ଫୋନ୍‌କୁ ଫୁଲ ଚାର୍ଜରେ ବସେଇକି ଅପେକ୍ଷା କଲା ପ୍ରାଣପ୍ରିୟା ସବନମ ରାଣୀର ଭିଡୁଓ କଲ୍‌କୁ । ସମାନ ୮.୩୦ ରେ ଫୋନ୍ ଶବ୍ଦ ହେଲାନି ଯେ, ତା ବନ୍ଦ ଥିବା ହୃଦୟର ଗତି ଚଳଚଞ୍ଚଳ ହେଲା । ସବନମ ମୁଣ୍ଡ ଧୋଇ ଟାୱାଲରେ ଆସିଥିଲା । ତା ସାମ୍ନାରେ ସେ ଚୁଟି ପୋଛିଲା । ହେୟାର ଡ୍ରାୟରରେ ସୁଖେଇ ବେଣୀ ବାନ୍ଧିଲା । ଲୁଚେଇ ଆଣିଥିବା ତା ବୋଉର ଲାଲ ଶାଢି ପିନ୍ଧିଲା । 'ହେଲାଟି' ବୋଲି କହିବା ବେଳେ ସେପଟୁ ବାବୁନା କହିଲା ଓଢଣା ଦିଅ । ଭିଡ଼ିଓ କଲ୍‌ରେ ତା ପାଦେ ଦେଖେଇବାକୁ କହି ଆଶୀର୍ବାଦ ନେଲା । ସିନ୍ଥି ମଝିରେ ଚୁଟି ବଙ୍କେଇ ଭିତରକୁ ସିନ୍ଦୁର ଲଗେଇଲା । ଏହାଦେଖି ଟୁବୁନା ଦଶ ଡଜନ ଖଣ୍ଡେ ଉଡ଼ନ୍ତା ଚୁମ୍ବନ ପ୍ରଦାନ କରୁଥାଏ। ଶେଷରେ ସେ ସାଲୱାର କମିଜ ପିନ୍ଧି ମନ୍ଦିରକୁ ସାଢେ ଦଶ ସୁଦ୍ଧା ପହଞ୍ଚିବାର ଆଦେଶ ଦେଲ। ସକାଳୁ ସକାଳୁ ସଜବାଜ ଦେଖି ସବନମର ବୋଉର ଡାଉଟ ହେଲା । ଝିଅ ଖାଇବୁ ବୋଲି କହିବାକୁ ସେ ପେଟକୁ ଧରି ମୁହଁ ମୋଡ଼ିକି କହିଲା ବୋଉ ! ପେଟ କାମୁଡୁଛି। ଆଜି ଖାଇବି ନାହିଁ। ଯଦି ଭଲ ଲାଗେ ଦିପହରକୁ ଦେଖିବା। ସୁନୈନା ଘରକୁ ଯାଉଛି । ଗତ ଗୁରୁବାର କଲେଜ ଯାଇନଥିଲି, ସାର୍ ସେଦିନ ବହୁତ ଇମ୍ପୋର୍ଟାଣ୍ଟ ପାଠ ପଢେଇ ଦେଇଛନ୍ତି । ସେୟାର ଆଲୋଚନା ତଥା ନୋଟ୍ କରିବାର ଅଛି । ମୁଁ ଆସିଲା ବେଳକୁ ଦିପହର ହେଇଯିବ। ଜଗିବୁନି । ଖାଇଦେଇଥିବୁ ।

ବୋଉଠୁ ଯେତେ ବାଟ ପଛକୁ ଆସୁଥିଲା ସବନମର ମୁଚୁକୁନ୍ଦିଆ ହସଟି ସେତେ ବିକଶିତ ହେଉଥିଲା । ପୂର୍ବରୁ ସୁନୈନାକୁ ସବୁକଥା କହିସାରିଥାଏ ଅଣୀ ଟଙ୍କିଆ ଡାଏରିମିଲ୍କର ଲୋଭ ଦେଖେଇ । ତା ସ୍କୁଟିର ଏକ୍ସଲିରେଟର ମଧ୍ୟ ସେଇମିତି ବଢୁଥିଲା, ୧୦ କିମିର ବାଟକୁ ୭ ମିନିଟରେ ପହଁଚିଗଲା । ଆଗୁଆ ପହଁଚି ବରଗଛମୂଳେ ଅପେକ୍ଷା କରୁଥିଲେ ପ୍ରେମିକ ପ୍ରବର । ସ୍କୁଟିକୁ ଯଥାସ୍ଥତା ଥୋଇଦେଇ ଟୁବୁନାର ସାମ୍ନାପଟୁ ଲାଉ ହେଇଗଲା ସୁନୟନା । ଦୁଇଜଣ କଥା ହେଇ ଆକାଶିଆ ରଙ୍ଗର ଡ୍ରେସ୍ ପିନ୍ଧିଥିଲେ । ଛୁଆଙ୍କୁ ବୋକ ଦେଲାଭଳି ଖୁନ୍ଦାଖୁନ୍ଦି ହେଇଥିବା ଆବେଗରେ ଓଦା କରିଦେଉଥିଲା ସବନମ । ପୂଜା ସରିନି ମୋତେ ଅଇଁଠା କରିବୁ ନା କଣବେ କହି କ୍ଷୀଣତନୁକୁ ଓହ୍ଲେଇଦେଲା ଟୁବୁନା । ଏଥର ସେମାନେ ମନ୍ଦିର ସାମ୍ନା ଚଉତରାକୁ ଗଲେ । ଅନ୍ୟ ସମସ୍ତଙ୍କ ଭଳି ସେଠି ସବନମ ସାବିତ୍ରି ବ୍ରତ କଲା । ଗୋଡ଼ଛୁଇଁ ମୁଣ୍ଡିଆ ମାରିଲା । ଗୋଡ଼ଧୋଇ ପାଦଦୋକ ଗର୍ଭକୁ କ୍ଷେପିଲା ।

ତାପରେ ଦିହେଁ ପାଖକୁ ପାଖ ବସି ଆଗାମୀ ଜୀବନ ବିଷୟରେ ବହୁତ ସାରା କଥା ହେଲେ। ଟୁବୁନାର ବିଶାଳ ଛାତିରେ ସବନମ ନିଜକୁ ଛୋଟପିଲାଟେ ଭାବି ଆଖି ମୁଦି ଦେଇଥିଲା । ଘଡ଼ଘଡ଼ି ଶବ୍ଦରେ ସେମାନେ ପ୍ରକୃତିସ୍ଥ ହେଲେ। ବାଏ ଶବ୍ଦରେ ଦିହେଁ ବାହୁଡ଼ିଗଲେ ନିଜ ଘର ଅଭିମୁଖେ । ଯିବାକୁ ବାହାରନ୍ତେ ପାଖ ବାଟରେ ଥିବା ଚଉମିନ୍ ସେଣ୍ଟରରେ ନଜର ପଡ଼ିଲା । ଧନ ବୋଲି ଜୋର୍ ରେ ଡାକଛାଡ଼ିଲା । ଅମାବାସ୍ୟା ପୂଜା ତ ସରିଲା, ଚାଲୁନ ଟିକିଏ ଅଣ୍ଡା ଚଉମିନ୍ ଖାଇନବା । ଆଦରରେ ଦିହେଁ ଖୁଆଖୁଇ ହେଲେ । ମନଶାନ୍ତିରେ ଘରକୁ ଫେରିଲେ ।

ସେ ରାତିରେ ସବନମ ଛଅଥର ପାଇଖାନା ଗଲା । ଆଉ ଟୁବୁନାର ବେଶି ନହେଲେ ମଧ୍ୟ ଅଳ୍ପ । ଦିହେଁ ଭିଡ଼ିଓ କଲ୍ ରେ ନିଜର ଦୁର୍ବିଧା କୁହାକୁହି ହେଲେ । କିଳା କଥା ତ ଘରେ ଆଉ କହିପାରିବେନି । ଲୁଚେଇକି ଘର ଔସଧ ତ ଖାଇ ବି ହବନି । ତା ମମ୍ମିର ଚିଲଭଳି ଆଖି ସବୁବେଳେ ତା ଉପରେ ଘୁରୁଥାଏ । ଏତିକିରେ ଟୁବୁନା ତାକୁ ଦେଇଥିବା କେୟାର ବକ୍ସ କଥା ମନପକେଇଥିଲା । ସେଥିରେ ଥିବା ଓ-ଟୁ ଗୋଟିଏ ଢୋକିଦେଲା । ତା ପରେ ପୁରା ଆରାମ, ଆଉ ଆଖି ଖୋଲିନି । ବାସିଦିନ ସକାଳ ଦଶଟାରେ ନିଦ ଭାଙ୍ଗିଲା ବେଳକୁ ତା ଜାନୁର ଦଶଟା ମିସଡ଼ କଲ୍ । ପୁଣି ପ୍ରେମର ଆୟୁଷ ବଢୁଥିଲା । ପୁଣି ସେମାନେ ଆଭାସୀ ମଧ୍ୟମରେ ପରସ୍ପରର ଦୂରତା ଊଣା କରୁଥିଲେ।

+ ଜୟପୁର
ମୋ: ୯୦୭୮୮୩୮୬୨୭

# ହଳଦୀ ଯୋଗାଣ ନାଁରେ ୮୦ ଲକ୍ଷ ଠକେଇ: ୪ ଗିରଫ, ୨୦ଲକ୍ଷ ଟଙ୍କା ଫ୍ରିଜ୍ କଲା ପୁଲିସ



ବ୍ରହ୍ମପୁର, ୧୬/୬ (ନି.ପ୍ର): ହଳଦୀ ଯୋଗାଣ ନାଁରେ ନାସିକର ଜଣେ ବ୍ୟବସାୟୀଙ୍କ ଠାରୁ ୮୦ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ବଂସଡ଼ା ଥାନା ଅନ୍ତର୍ଗତ ତରଫରାଜପୁର ଗ୍ରାମର ଅଜୟ ନାୟକ, ନୂଆପଡ଼ା ନେତାଜୀପଲ୍ଲୀର ଗୁରୁଚାନ୍ଦ୍ର ବିଶ୍ୱାସ, ବାଲେଶ୍ୱରର ପ୍ରମୋଦ କୁମାର ମୁଖୀ ଓ ପଶ୍ଚିମବଙ୍ଗ ବଟକୃଷ୍ଣପୁର ମେନ୍‌ରୋଡ଼ର ଦେବସେନା ନନ୍ଦ। ଏହି ମାମଲାରେ ପୁଲିସ ୨୦ଲକ୍ଷ ଟଙ୍କା ଫ୍ରିଜ୍ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ନାସିକର ବ୍ୟବସାୟୀ ଅମଜାଦ୍ ବାବୁ ସାହାଙ୍କ ଏବିଏସ୍ ଟ୍ରେଡର୍ସ ନାମକ ଏକ କମ୍ପାନି ରହିଛି। ଗତମାସରେ ଅମଜାଦ୍‌ଙ୍କ କମ୍ପାନିକୁ ଥାନେ ଅଞ୍ଚଳର ପ୍ରିୟଙ୍କା ଏକ୍ସପର୍ଟ ନାମକ ଏକ କମ୍ପାନିରୁ ୧୨୦ ମେଟ୍ରିକ ଟନ୍ ହଳଦୀ ଯୋଗାଣ ପାଇଁ ଅର୍ଡର ମିଳିଥିଲା। ହଳଦୀ ସଂଗ୍ରହ କରିବାକୁ ଅମଜାଦ୍ ଏହି ବ୍ୟବସାୟରେ ସଂପୃକ୍ତ ଥିବା ବାଂଲାଦେଶର ସୌରଭ ଘୋଷ ଓରଫ ଗୁରୁଚାନ୍ଦ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଅମଜାଦ୍‌ଙ୍କ କମ୍ପାନିର ଏଜେଣ୍ଟ ସାନ୍ତନୁ ନାଗ ଓ ରାକେଶ ମଣ୍ଡଳଙ୍କ ଜରିଆରେ ସେ ସୌରଭ ଘୋଷଙ୍କ ସହ ଯୋଗାଯୋଗ କରିଥିଲେ। ଅମଜାଦ୍ ବ୍ରହ୍ମପୁର ଆସି ସୌରଭ ଘୋଷଙ୍କ ସହ ମିଶିଥିଲେ। ସୌରଭ ତାଙ୍କୁ ବ୍ରହ୍ମପୁରର ଲୋକାଲ ବ୍ୟବସାୟୀ ତଥା ବ୍ରହ୍ମପୁର ଖୋଡ଼ାସିଂ ଠାରେ ଥିବା ୟୁନିଭର୍ସାଲ ଏଗ୍ରୋ ଇନୋଭେସନ୍ କମ୍ପାନିର ମାଲିକ ପ୍ରମୋଦ କୁମାର ମୁଖୀଙ୍କ ସହ ସାକ୍ଷାତ କରାଇଥିଲେ। ଏହି କମ୍ପାନିରୁ ହଳଦୀ ଯୋଗାଣ ହେବ ବୋଲି ଅମଜାଦ୍‌ଙ୍କୁ କୁହାଯିବା ସହ ଶୋଭନ୍ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ଗୋଦାମରେ ହଳଦୀ ମହଜୁଦ ଥିବା କୁହାଯାଇଥିଲା। ଅମଜାଦ୍ ଉକ୍ତ ଗୋଦାମକୁ ଯାଇ ମାଲ ଯାଞ୍ଚ କରିଥିଲେ। ଅମଜାଦ୍ ଗତମାସ ୧୮ ରୁ ଚଳିତ ମାସ ୧୧ ତାରିଖ ଭିତରେ ପ୍ରମୋଦ କୁମାର ମୁଖୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୮୦ ଲକ୍ଷ ଟଙ୍କା ପଠାଇଥିଲେ। ଚଳିତ ମାସ ୧୧ ତାରିଖରେ ୧୨୦ ମେଟ୍ରିକ୍ ଟନ୍ ହଳଦୀ ଏଠାରୁ ଟ୍ରକ୍ ଯୋଗେ ପଠାଇ ଦିଆଯିବ ବୋଲି ଅମଜାଦ୍‌ଙ୍କୁ କୁହାଯାଇଥିଲା। ଗତ ୧୧ ତାରିଖ ଦିନ ଟ୍ରକ୍‌ରେ ହଳଦୀ ଲୋଡ୍ ହୋଇଥିବା ନେଇ ଏକ ଭିଡିଓ ଅମଜାଦ୍‌ଙ୍କ ନିକଟକୁ ପଠାଯାଇଥିଲା। ତେବେ ହଳଦୀ ପହଞ୍ଚିବାରେ ବିଳମ୍ବ ହେବାରୁ ସେ ବାରମ୍ବାର ଫୋନ୍ କରି ବିଫଳ ହେବା ପରେ ଠକାମିର ଶିକାର ହୋଇଥିବା ଜାଣି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

# ଗାନ୍ଧି ସେବାଶ୍ରମରେ ରଜପର୍ବ ପାଳିତ



ଜଳେଶ୍ୱର ୧୫/୬ (ନିପ୍ର) : ଓଡିଶାର କୃଷି ଭିତ୍ତିକ ଗଣପର୍ବ ରଜ ଉତ୍ସବ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ୩ଦିନ ଧରି ପାଳିତ ହେବାକୁଥିବା ଏହି ଉତ୍ସବରେ ବିଭିନ୍ନ ସୁଆଦିଆ ପିଠା, ମିଠା, ବିଭିନ୍ନ ଖାଦ୍ୟ ସହିତ ପ୍ରତି ଘରର ଝିଅ, ପୁଅମାନେ କାର୍ଯ୍ୟକ୍ରମ ମନାଉଛନ୍ତି । ଦୋଳି ଖେଳ ଏହି ପର୍ବର ଶ୍ରେଷ୍ଠ କାର୍ଯ୍ୟକ୍ରମ । ତେଣୁ ବିଭିନ୍ନ ସଂଗଠନ, ଅନୁଷ୍ଠାନ ଏପରିକି ଗାଁ ଗହଳିର ସାଧାରଣ ପିଲାମାନେ ଦୋଳିଖେଳରେ ମାତିଛନ୍ତି । ଜଳେଶ୍ୱରରେ ଥିବା ଗାନ୍ଧି ସେବାଶ୍ରମ ଈଶ୍ୱରଲାଲ ଶିଶୁ ଭବନ ପରିସରରେ ଆଶ୍ରମର ଅନ୍ତେବାସୀ ରଜଉତ୍ସବକୁ ମହା ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି । ଏହି ଅବସରରେ ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତିତ ନୃତ୍ୟଶିକ୍ଷା ଫାଉଣ୍ଡେସନ ଓ ବାଗପୁଞ୍ଜିଠାରେ ମହାଆଡମ୍ବରରେ ରଜପର୍ବ, କୁନିକୁନି ପିଲାଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ, ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପାରମ୍ପରିକ ରିତିରେ ମାଟି, ନାରୀ ଓ ମେଘକୁ ସମ୍ମାନ ଜଣାଇ ବିଭିନ୍ନ ରୁଚିକର ଖାଦ୍ୟ, ଦୋଳିଖେଳ ଇତ୍ୟାଦି ଅନୁଷ୍ଠିତ ହେଉଛି । ସେବା ଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସିତାଂଶୁ ସେନାପତି, ସଂପାଦକ ଅଶୋକ ଜେନା, ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ, ଦିଲ୍ଲିପ ଗିରି, ଡ. ଲଳିତ ରଂଜନ ସେନାପତି, ଅଶ୍ୱନୀ ନାଥ, ଜ୍ୟୋତିଶ କର, ଅନିତା ଜେନା, ଦେବକୃଷ୍ଣ ଦେ, ରତ୍ନାକର ଗିରି ଓ ମାନିକ ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେଠରେ ରହୁଥିବା ୭୫ଜଣ ଅନ୍ତେବାସୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି ।

# ବ୍ରହ୍ମଗିରିର ମା’ ବାଲିହରଚଣ୍ଡୀଙ୍କ ପୀଠରେ ରଜ ଉତ୍ସବ

ପୁରୀ, ୧୬/୬ (ନି.ପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରିର ମା ବାଲିହରଚଣ୍ଡୀଙ୍କ ପୀଠରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହେଉଛି ରଜ ଉତ୍ସବ । ସମଗ୍ର ଅଂଚଳ ରଙ୍ଗିନ ଆଲୋକମାଳରେ ଝଲସି ଉଠିଛି । ଏହି ପର୍ବ ଏଠାରେ ୪ ଦିନ ଧରି ପାଳନ ହେଉଥିବା ବେଳେ ଆଜି ତୃତୀୟ ଦିବସରେ ମା ଙ୍କ ସରସ୍ୱତୀ ବେଶ ଅନୁଷ୍ଠିତ ହୋଇଛି । ସେହିପରି ଆସନ୍ତାକାଲି ଅନ୍ତିମ ଦିବସରେ ମା ମହାକାଳୀ ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ । ରଜ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି । ପ୍ରକାଶ ଥାଉକି, ରଜ ଉତ୍ସବର ପ୍ରଥମ ଦିବସରେ ମା ଙ୍କ କୁମାରୀ ବେଶ, ଦ୍ୱିତୀୟ ଦିବସ ରଜ ସଂକ୍ରାନ୍ତୀରେ ମା ଙ୍କ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହୋଇଥିଲା ।

# ମୟୁରଭଂଜ ଜିଲ୍ଲା ପକ୍ଷରୁ ଜଳେଶ୍ୱର ଜୀବନବିନ୍ଦୁ ସଂଯୋଜକଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର ୧୫/୬ (ନିପ୍ର) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଜୀବନବିନ୍ଦୁ ସଂଗଠନର ସଂଯୋଜକ ମଧୁସୂଦନ ସେନାପତିଙ୍କୁ ମୟୁରଭଂଜ ଜିଲା ପ୍ରସାଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ୨୦୨୩ ମସିହାରେ ସଂଗଠନ ପକ୍ଷରୁ ଜିଲାରେ ରେକଡ ସଂଖ୍ୟକ ରକ୍ତଦାନ କରାଯାଇଥିବା ବେଳେ ଅଧିକ ରକ୍ତଦାତା ଆସିଥିବାରୁ ମୟୁରଭଂଜ ଜିଲା ରକ୍ତଭଣ୍ଡାର ପକ୍ଷରୁ ଡାକ୍ତର ଓ କର୍ମଚାରୀ ଅଣାଯାଇ ରକ୍ତ ସଂଗ୍ରହ କରାଯାଇଛି । ୨୦୨୩ ମସିହାରେ ୨ଟି ପର୍ଯ୍ୟାୟରେ ମୋଟ ୫୮୩ ୟୁନିଟ ରକ୍ତ ମୟୁରଭଂଜ ଜିଲାକୁ ଦିଆଯାଇଥିବା ପ୍ରକାଶ । ତେଣୁ ଗତ ୧୪ତାରିଖ ବିଶ୍ୱ ରକ୍ତଦାତା ପାଳନ ଅବସରରେ ଶ୍ରୀ ସେନାପତିଙ୍କୁ ମୟୁରଭଂଜ ଜିଲାର ମୁଖ୍ୟ ଚିକିତ୍ସାଧିକାରୀ ଅଭୟ କୁମାର ଦାସ ଓ ବ୍ଲକ ବ୍ୟାଙ୍କ ଅଫିସର ସୌମ୍ୟରଂଜନ ନାୟକ, ଡ. ପ୍ରତାପ ଦାସ ଓ ପାର୍ଥସାରଥି ମହନ୍ତ ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି ।

# ଝରାବାହାଲ ଚର୍ଚ୍ଚରେ ଡକାୟତି: ଦୁଇ ଫାଦରଙ୍କୁ ହାତଗୋଡ ବାନ୍ଧି ନିସ୍ତୁକ ମାଡ଼



ରାଉରକେଲା, ୧୬/୬ (ନି.ପ୍ର): ରାଉରକେଲା ଗତକାଲି ବିଳମ୍ବିତ ରାତିରେ ଲାଠିକଟା ବ୍ଲକ ଅନ୍ତର୍ଗତ ଝରାବାହାଲ ଚର୍ଚ୍ଚରେ ୧୫ରୁ ଅଧିକ ଅସାମାଜିକ ଯୁବକ ପଶି ଆତଙ୍କ ଖେଳାଇଥିଲେ। ସେମାନେ ଚର୍ଚ୍ଚ ସଂଲଗ୍ନ ଫାଦରଙ୍କ ବଙ୍ଗଳାରେ ପଶି ଦୁଇ ଫାଦରଙ୍କ ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଚର୍ଚ୍ଚ ପରିସରସ୍ଥ ବିଦ୍ୟାଳୟର ଆଲମିରା ଭାଙ୍ଗି ପ୍ରାୟ ୧୦ ଲକ୍ଷରୁ ଅଧିକ ଟଙ୍କା ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିଲେ। ଅସାମାଜିକ ଯୁବକଙ୍କ ମାଡ଼ରେ ଗୁରୁତର ଦୁଇ ଫାଦରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ର ସ୍ୱତନ୍ତ୍ର କ୍ୟାବିନ୍‌ରେ ଭର୍ତ୍ତି କରାଯାଇଛି। ରାଉରକେଲା ଏସ୍‌ପି ବ୍ରିଜେଶ ରାୟ, ଡିଏସ୍‌ପି ନିର୍ମଳ ମହାପାତ୍ର ଆରଜିଏଚ୍‌ରେ ପହଞ୍ଚି ଦୁଇ ଫାଦରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଲିଖିତ ଅଭିଯୋଗ ଆଧାରରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବ୍ରାହ୍ମଣୀତରଙ୍ଗ ପୁଲିସ ଘଟଣାର ତଦନ୍ତ କରିବା ସହ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଘଟଣା ପରେ ସୁରକ୍ଷା ଦୃଷ୍ଟିରୁ ଚର୍ଚ୍ଚରେ ପୁଲିସ ମୁତୟନ କରାଯାଇଛି। ରାତି ଅଧରେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଲାଠିକଟା ବ୍ଲକ ଅନ୍ତର୍ଗତ ଝରାବାହାଲରେ ଏକ ଚର୍ଚ୍ଚ ରହିଛି। ଚର୍ଚ୍ଚ ପରିସରସ୍ଥ ଫାଦରବଙ୍ଗଳାରେ ଫାଦର ନାରିଆଲ ବିଲୁଙ୍ଗ (୫୦) ଓ ଫାଦର ଆଲଓ୍ୱିସ୍ ଖାଲକୋ (୬୦) ରହନ୍ତି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୩ଟାରେ ୧୫ରୁ ଅଧିକ ଅସାମାଜିକ ଯୁବକ ଚର୍ଚ୍ଚର ଗେଟ୍ ଭାଙ୍ଗି ଜୋରଜବରଦସ୍ତ ଭିତରକୁ ପଶିଥିଲେ। ନାରିଆଲ ବିଲୁଙ୍ଗ ରହୁଥିବା ପ୍ରକୋଷ୍ଠକୁ ୭ ଜଣ, ଆଲଓ୍ୱିସ୍‌ଙ୍କ କୋଠରିକୁ ୫ ଜଣ ପଶିଥିଲେ। ଅନ୍ୟ ୩ରୁ ଅଧିକ ଯୁବକ୍ ଗେଟ୍ ବାହାରେ ଛିଡା ହୋଇଥିଲେ। ନାରିଆଲଙ୍କ ହାତଗୋଡ଼ ବାନ୍ଧି ଲାଠି, ଲୁହାରଡ୍ ଆଦିରେ ନିସ୍ତୁକ ମାଡ଼ ମାରିଥିଲେ। ଟଙ୍କା କେଉଁଠୁ ଅଛି ବୋଲି ପଚାରିଥିଲେ। କିଛି ନ କହିବାରୁ ଦୁହିଁଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକଚମକ ଦେଇଥିଲେ। ଜୀବନ ବଞ୍ଚାଇବା ଭୟରେ ଦୁହେଁ ବିଦ୍ୟାଳୟ ଆଲିମରାରେ କିଛି ନାମଲେଖା ଟଙ୍କା ଅଛି ବୋଲି କହିଥିଲେ। ଫାଦରଙ୍କ କହିବାନୁଯାୟୀ ଅସାମାଜିକ ଯୁବକ ବିଦ୍ୟାଳୟର ଆଲମିରା ଭାଙ୍ଗି ପ୍ରାୟ ୧୦ ଲକ୍ଷ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟ୍ କରି ଫେରାର ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ପହଞ୍ଚି ଚର୍ଚ୍ଚ ଭିତରୁ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆରଜିଏଚ୍ ପଠାଇଥିଲେ। ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ରାଉତ ପାତ୍ର, କଲୁଙ୍ଗା ଫାଣ୍ଡି ଅଧିକାରୀ ପୂର୍ଣ୍ଣ ରାଉତ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାଜଗାଙ୍ଗପୁର ବିଧାୟକ ଡା. ରାଜନ ଏକ୍କା, ଲାଠିକଟା ବ୍ଲକ୍ ଅଧକ୍ଷ ଦିଲୀପ ଖେସ୍, ରାଉରକେଲା ଡାଇସିସର ବିସପ୍ କିଶୋର କୁମାର କୁଜୁର, ଜଡ଼ାକୁଦର ସରପଞ୍ଚ ପ୍ରତିମା ମାଝୀ, ବିରକେରା ସରପଞ୍ଚ ରବି ତିର୍କି, ଜିଲ୍ଲା ପରିଷଦ ସଭ୍ୟ ବିନ୍ଦୁ ଯୋସେଫ୍ ଖେସ୍, ମହେଶ ନାଗ ଓ ଅନ୍ୟ ଫାଦରମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ୨୦୦ବର୍ଷ ପୁରାତନ ‘ମା ଭୂଦାରଚଣ୍ଡୀ’ଙ୍କ ପୀଠରେ ଉଡ଼ାପର୍ବ ପାଳିତ

ନୀଳଗିରି , ୧୬/୬ (ନି.ପ୍ର): ଉନ୍ନବିଂଶ ଶତାବ୍ଦୀରେ ଅବସ୍ଥାପିତ ମା ଭୂଦାରଚଣ୍ଡୀଙ୍କ ମହିମା ଅକଳ୍ପନୀୟ। ଡ଼ାକିଦେଲେ ମା ଓଃ କରନ୍ତି। ଭକ୍ତିରେ ଡାକିଲେ ମା ଭକ୍ତର ମନୋବାଞ୍ଛା ପୂରଣ କରିଥାଆନ୍ତି। ବିଶ୍ୱାସର ପ୍ରତ୍ୟେକ୍ଷ ଦେବୀ ମା ଭୂଦାରଚଣ୍ଡୀଙ୍କ ପୀଠରେ ବର୍ଷକୁ ନାନାବିଧି ପୂଜାପାର୍ବଣ ପାଳିତ ହେଉଥିବା ବେଳେ ଜ୍ୟେଷ୍ଠ ଆଷାଢ଼ର ସନ୍ଧିକ୍ଷଣରେ ରଜ ଉପଲକ୍ଷେ ସଂକ୍ରାନ୍ତି ତିଥିରେ ପାଳିତ ହୋଇଥାଏ ମା ଙ୍କ ପ୍ରସିଦ୍ଧି ଉଡ଼ା ପର୍ବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ପହିଲିରଜ ଅବସରରେ ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଯାଇଥିବା ବେଳେ ଆଜି ସଂକ୍ରାନ୍ତିରେ ମହା ଆଡ଼ମ୍ବରରେ ପାଳିତ ହେଉଛି ଉଡାପର୍ବ। ଗତ ୯ତାରିଖ ଠାରୁ ଆଦ୍ୟ ସୋପାନ ଅର୍ଦ୍ଧନାଗେଶ୍ୱରଙ୍କୁ ପୂଜା କରାଯାଇ ବିଭିନ୍ନ ପାର୍ଶ୍ୱ ଦେବୀଙ୍କୁ ଆବାହନ ପୂର୍ବକ ବିଧି ପାଳିତ ହୋଇଯାଇଛି। ମା ଭୂଦାରଚଣ୍ଡୀଙ୍କ ଦାସୀଙ୍କ ଦ୍ୱାରା ଖଡଗ ଧାରଣ ପୂର୍ବକ ପାର୍ଶ୍ୱବର୍ତ୍ତୀ ଗ୍ରାମ ମାନଙ୍କରେ ଉଡାପର୍ବ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ମା ଗଡବାସୁଳୀ ଦାସୀ, ପାଟଭକ୍ତା, ଦେଶ ଭକ୍ତା ପ୍ରମୁଖ ଭକ୍ତା ସାମିଲ ହୋଇ ଢୋଲ ମହୁରୀ ତାଳେ ତାଳେ ଗ୍ରାମ ପରିକ୍ରମା କରିଥିଲେ। ଆଜି ଏହି ଉଡାପର୍ବରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଭକ୍ତା ସାମିଲ ହୋଇ ଦେହରେ ସ୍ୱତନ୍ତ୍ର ଲୁହାକଣ୍ଟା ଫୋଡ଼ି ହୋଇ କାଠ ତିଆରି ସୁଉଚ୍ଚ ଉଡାଖୁଣ୍ଟରେ ଉଡ଼ିବାର ବ୍ୟବସ୍ଥା କରାଯାଇଥିବା ଦେଖାଯାଇଛି। ଅର୍ଦ୍ଧରାତ୍ରରେ ଏହି ଭକ୍ତମାନେ ଜଣଜଣ କରି ଉଡ଼ିବା ଏହି ପର୍ବର ସ୍ୱତନ୍ତ୍ରତା। ଏହି ଉପଲକ୍ଷେ ବିଭିନ୍ନ ଘରକରଣା ସାମଗ୍ରୀର ପସରା ମେଳିଥିବା ବେଳେ ଅଞ୍ଚଳରେ ବହୁଳ ଆଦିବାସୀ ସଂପ୍ରଦାୟର ଲୋକମାନଙ୍କ ପାଇଁ ଆଦିବାସୀ ଯାତ୍ରା ହେଉଥିବା ପରିଲକ୍ଷିତ ହେଉଛି। ଉକ୍ତ ପର୍ବପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଛି। ମନ୍ଦିରର ମୁଖ୍ୟପୂଜକଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ମାନଙ୍କ ଦ୍ୱାରା ଏହି ପର୍ବ ସୂଚାରୁ ରୂପେ ପାଳନ କରାଯାଇଥିବା ସୂଚନା ରହିଛି।

# ଛାତିରେ ରଡ ପଶି ବ୍ୟବସାୟୀ ମୃତ

ଖଇରା, ୧୬/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବଜାର ସଂଲଗ୍ନ ତେରାଣିପଦା ଛକରେ ଅସଂପୂର୍ଣ୍ଣ ପାଚେରୀରୁ ଉଠିଥିବା ରଡ ଛାତିରେ ପଶିଯିବାରୁ ଜଣେ ବ୍ୟବସାୟୀ ମୃତ୍ୟୁ ବରଣ କରିଛନ୍ତି । ଏଥିନେଇ ଖଇରା ବଜାରର



ସମସ୍ତ ବ୍ୟବସାୟୀ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ପ୍ରକାଶ ଯେ ଗଣ୍ଡିବେଡ ଗ୍ରାମର ନରୋତ୍ତମ ପାତ୍ର(୩୭) ତୋରାଣିପଦା ଛକରେ ଭଡାରେ ଦୋକାନ ନେଇ ଫ୍ଲେକ୍ସ ପ୍ରିଣ୍ଟ କାମ କରୁଥିଲେ । ପ୍ରତ୍ୟେକ ଦିନ ଭଳି ଶନିବାର ସେ ଦୋକାନ ସଂଲଗ୍ନ ନଳକୂପକୁ ପାଣି ଆଣିବାକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ନିକଟରେ ଅସଂପୁର୍ଣ୍ଣ ପାଚେରିରୁ ଉଠିଥିବା ରଡ ଉପରେ ପଡିଯିବାରୁ ରଡଟି ଛାତିରେ ଗଳି ଯାଇଥିଲା । ଭଦ୍ରକ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ମାଲିକଙ୍କ ଅସାବଧାନତା ଯୋଗୁଁ ଏଭଳି ଘଟଣା ଘଟିଥିବା କୁହାଯାଉଛି ।

# ଆର୍ଟ ଅଫ ଗିଭିଙ୍ଗ ଶାଖାର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ବୈଠକ

ଜଳେଶ୍ୱର , ୧୬/୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଠାରେ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ଆର୍ଟ ଅଫ ଗିଭିଙ୍ଗର ଏକ ଶାଖା ଦୀର୍ଘ ୨୩ବର୍ଷ ଧରି ଜଳେଶ୍ୱରରେ କାର୍ଯ୍ୟ କରି ଆସୁଛି । ଜିଲ୍ଲା ସଂଯୋଜକ ଆଇନ୍‌ଜିବୀ ଅନିଲ ପରିଡାଙ୍କ ନେତୃତ୍ୱରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଆର୍ଟ ଅଫ ଗିଭିଙ୍ଗର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି । ଜଳେଶ୍ୱର ଶାଖାର ଆସନ୍ତା ଦିନ ପାଇଁ କେତେକ ନୂତନ କାର୍ଯ୍ୟପନ୍ଥା ଲାଗି ଆଜି ଆହୁତ ବୈଠକରେ ଶାଖାର ସଭାପତି ସିଦ୍ଧାର୍ଥ ଶଂକର ପାଳ ସଭାପତିତ୍ୱ କରିଥିଲେ । ଆସନ୍ତା ବର୍ଷ ପାଇଁ ଶ୍ରୀ ପାଳ ସଭାପତି, ଉପସଭାପତିଭାବେ ଫାଲଗୁନୀ ପାଣିଗ୍ରାହୀ, ସଂପାଦକ ଭାବେ ଗିରିଜା ଶଂକର ଦାସ, ଯୁଗ୍ମ ସଂପାଦକଭାବେ ସୁରଜ ଚୌରାସୀଆ, ସହକାରୀ ସଂପାଦକଭାବେ ବନଜା ଦାସ, କୋଷାଧ୍ୟକ୍ଷଭାବେ ସୁଶାନ୍ତ ଦାସ ଓ ୧୧ଜଣ କାର୍ଯ୍ୟକାରୀ ସଦସ୍ୟମାନେ ଯୋଗ ଦେଇଥିଲେ । ଆଇନ୍‌ଜିବୀ ଅନିଲ କୁମାର ପରିଡା ଏଥିରେ ଯୋଗ ଦେଇ ଆର୍ଟ ଅଫ ଗିଭିଙ୍ଗ ଓ ଚଳିତ ବର୍ଷର ସ୍ଲୋଗାନ ସଂପର୍କରେ ଆଲୋଚନା କରିଥିଲେ । ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିବା ବେଳେ ଉପଦେଷ୍ଟା ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନ, ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ଚିନ୍ମୟ ଦାସ, ନିତ୍ୟଗୋପାଳ ଦାସ, ବାର ସଭାପତି କୁଂଜବିହାରୀ ଦାସ, ତୁଷାରକାନ୍ତି ମହାନ୍ତି, ଫରିଦ ଅହମ୍ମଦ, ସତ୍ୟନାରାୟଣ କର, ଅବନୀ ଚାନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଉଧାର ଟଙ୍କାକୁ ନେଇ ମରଣାନ୍ତକ ଆକ୍ରମଣ



ବେତନଟୀ, ୧୬/୬ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଉଧାର ଟଙ୍କା ଆଦାୟ କୁ ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ଜନୈକ ଯୁବକ ଗୁରୁତର ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାଇ ଗତ ବୁଧବାର ମଧ୍ୟାହ୍ନରେ ବଡଛୁରୁଣୀ ଗ୍ରାମର ପ୍ରଶାନ୍ତ ଦାସଙ୍କର ପୁଅ ଆକାଶ କ୍ରିକେଟ ଖେଳି ଘରକୁ ଫେରୁଥିବାବେଳେ ପୂର୍ବର ବାକି ଟଙ୍କା ପାଇଁ ଛକରେ ଦୋକାନ କରିଥିବା ହେମନ୍ତ ଦାସ ତାଙ୍କୁ ଅଟକାଇ ଥିଲେ ଓ ୨ଜଣଙ୍କ ମଧରେ ବଚସା ଆରମ୍ଭ ହୋଇଥିଲା, ଯାହା ପରେ ମାରପିଟର ରୂପ ନେଇଥିଲା । ଏତିକିବେଳେ ହେମନ୍ତର ପୁଅ ମୁକେଶ ଆସି ଘଟଣାସ୍ଥଳରେ ଏକ ତେଲେଙ୍ଗା କଟୁରୀ ଧରି ପହଞ୍ଚିଥିଲା ଓ ଆକାଶକୁ ପଛପଟୁ ଆକ୍ରମଣ କରିଥିଲା । ଆକାଶ ଘଟଣାସ୍ଥଳରେ ରକ୍ତାକ୍ତ ହୋଇ ପଡ଼ିଥିବାବେଳେ ପ୍ରଶାନ୍ତ ଓ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ନେଇଯାଇଥିଲେ ଓ ପରେ ଅବସ୍ଥା ଗୁରୁତର ହେବାରୁ ଆକାଶକୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା । ଏନେଇ ଆକାଶର ବାପା ପ୍ରଶାନ୍ତ ବୈଶିଙ୍ଗା ଥାନାରେ ଆଜି ଏକ ଲିଖିତ ଅଭିଯୋଗ ଦେବାପରେ ପୁଲିସ ୨୦୧/୨୪ନଂ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି । ଧାର ଟଙ୍କା ଆଦାୟ କୁ ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ଜନୈକ ଯୁବକ ଗୁରୁତର ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାଇ ଗତ ବୁଧବାର ମଧ୍ୟାହ୍ନରେ ବଡଛୁରୁଣୀ ଗ୍ରାମର ପ୍ରଶାନ୍ତ ଦାସଙ୍କର ପୁଅ ଆକାଶ କ୍ରିକେଟ ଖେଳି ଘରକୁ ଫେରୁଥିବାବେଳେ ପୂର୍ବର ବାକି ଟଙ୍କା ପାଇଁ ଛକରେ ଦୋକାନ କରିଥିବା ହେମନ୍ତ ଦାସ ତାଙ୍କୁ ଅଟକାଇ ଥିଲେ ଓ ୨ଜଣଙ୍କ ମଧରେ ବଚସା ଆରମ୍ଭ ହୋଇଥିଲା, ଯାହା ପରେ ମାରପିଟର ରୂପ ନେଇଥିଲା । ଏତିକିବେଳେ ହେମନ୍ତର ପୁଅ ମୁକେଶ ଆସି ଘଟଣାସ୍ଥଳରେ ଏକ ତେଲେଙ୍ଗା କଟୁରୀ ଧରି ପହଞ୍ଚିଥିଲା ଓ ଆକାଶକୁ ପଛପଟୁ ଆକ୍ରମଣ କରିଥିଲା । ଆକାଶ ଘଟଣାସ୍ଥଳରେ ରକ୍ତାକ୍ତ ହୋଇ ପଡ଼ିଥିବାବେଳେ ପ୍ରଶାନ୍ତ ଓ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ନେଇଯାଇଥିଲେ ଓ ପରେ ଅବସ୍ଥା ଗୁରୁତର ହେବାରୁ ଆକାଶକୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା । ଏନେଇ ଆକାଶର ବାପା ପ୍ରଶାନ୍ତ ବୈଶିଙ୍ଗା ଥାନାରେ ଆଜି ଏକ ଲିଖିତ ଅଭିଯୋଗ ଦେବାପରେ ପୁଲିସ ୨୦୧/୨୪ନଂ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

# ପମ୍ପ୍‌ହାଉସ୍‌ରେ ତାଲା ପକାଇଲେ ମହିଳା



ଚିଲିକା, ୧୬/୬ (ନି.ପ୍ର): ପାଣିପାଇଁ ଘିଅଖଳା ଗାଁର ମହିଳାମାନେ ପମ୍ପହାଉସରେ ତାଲା ପକାଇ ଦେଇଛନ୍ତି। ସେଠାରେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଦେଖାଦେଇଥିବା ବେଳେ ମହିଳାମାନେ ନାନା ନାରାବାଜି କରିଥିଲେ। ପାଣି ସମସ୍ୟାର ସମାଧାନ କରା ନଗଲେ ଆଗକୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅଧୀନ ଖଣ୍ଡୁଆଳକୋଟ, ଘିଅଖଳା, ଲମ୍ବୋଧରପୁର ଓ ଶିଖରପଦରରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଥିଲା। ଏଥିପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ବସୁଧା ଯୋଜନାରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ସେଥିରୁ ଏହି ଗାଁଗୁଡ଼ିକୁ ପାନୀୟ ଜଳ ଯୋଗାଣ କରାଯାଉଥିଲା। ମାତ୍ର କେତେକ ପ୍ରଭାବଶାଳୀ ବ୍ୟକ୍ତି ପମ୍ପ ଲଗାଇ ପାଣି ଟାଣି ନେଉଥିବାରୁ ତଳମୁଣ୍ଡକୁ ପାଣି ପହଞ୍ଚି ପାରୁନାହିଁ। ଫଳରେ ସେମାନେ ପାଣି ମୁନ୍ଦିଏ ପାଇଁ ନାନା ଅସୁବିଧା ଭୋଗ କରୁଥିଲେ। ଏହି ବାବଦରେ ବିଡିଓଙ୍କୁ ଗ୍ରାମବାସୀ ଯୋଗାଯୋଗ କରିବାରେ ପରେ ଚିଲିକା ବିଡିଓ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନପାରିନାହିଁ। ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଯାହାର ପ୍ରତିବାଦ ଆଜି ଦେଖିବାକୁ ମିଳିଛି। ଆଜି ଘିଅଖଳାର ମହିଳାମାନେ ଏକଜୁଟ୍ ହୋଇ ପମ୍ପ୍‌ହାଉସ୍‌ରେ ତାଲା ପକାଇବା ସହିତ ନାରାବାଜି କରିଥିଲେ। ପମ୍ପଚାଳକ ରାଘବ ଜୁଝାରସିଂହ ଏସଂପର୍କରେ ବିଡିଓ ହଳଧର ଶବର ଓ ଜଳଯୋଗାଣ ଅଧିକାରୀ ବାସୁଦେବ ଶତପଥୀଙ୍କୁ ଫୋନର ଅବଗତ କରାଇବା ପରେ ସେମାନେ ତିନି ଦିନ ପର୍ଯ୍ୟନ୍ତ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତିନିଦିନ ପରେ ସେମାନେ ଘଟଣାସ୍ଥଳକୁ ଯାଇ ସରଜମିନ୍ ତଦନ୍ତ କରିବା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି କହିଥିଲେ। ପରେ ମହିଳାମାନେ ଆନ୍ଦେଳନରୁ ହଟିଥିଲେ। ତେବେ ଯଦି ଏଥର ପ୍ରତିଶ୍ରୁତି ନରହେ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

# ସୁବର୍ଣ୍ଣ ସମ୍ପର୍କ ପକ୍ଷରୁ ଛବିବାଳା ମେଧାବୃତ୍ତି ସମ୍ମାନ ପ୍ରଦାନ




ଲଙ୍ଗଳେଶ୍ୱର , ୧୬/୬ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ସୁବର୍ଣ୍ଣ ସମ୍ପର୍କ ପକ୍ଷରୁ ରବି ବାର ବ୍ଲକ ଛକ ଶୁଭମ୍ ଗେଷ୍ଟ ହାଉସ ର ସମ୍ମିଳନୀ କକ୍ଷରେ ଚଳିତ ବର୍ଷ ମେଟ୍ରିକ୍ ଏ/୧ ଛାତ୍ର ଛାତ୍ରୀ ଙ୍କୁ ଛବିବାଳା ମେଧା ବୃତ୍ତି ସମ୍ମାନ ପ୍ରଦାନ କରାଯାଇଛି। ସୁବର୍ଣ୍ଣ ସମ୍ପର୍କ ସଭାପତି ଡଃ ମୃତ୍ୟୁଞ୍ଜୟ ପଣ୍ଡା ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବାଦ ର ପୂର୍ବ ତନ ସମ୍ପାଦକ ସୌମ୍ୟ ରଂଜନ ପଟ୍ଟନାୟକ ମୁଖ୍ୟ ବକ୍ତା, ବସ୍ତା ବିଧାୟିକା ସୁବା ସିନୀ ଜେନା ମୁଖ୍ୟ ଅତିଥି , ବରେଣ୍ୟ ଅତିଥି ଭାବରେ ମନ ମୋହନ ସେଠୀ ପ୍ରାକ୍ତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଡଃ ବ୍ରଜରାଜ ଦାସ, ସଞ୍ଜୟ କୁମାର ଦେ ପ୍ରମୁଖ ଯୋଗ ଦେଇ ମେଧାବୀ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ସମାଜରେ ଭଲ ମଣିଷ ହେବାକୁ ଅତିଥିମାନେ ସେମାନଙ୍କୁ ମଧ ପରାମର୍ଶ ଦେଇ ଥିଲେ। ସମ୍ବାଦ ଆମ ଓଡ଼ିଶାର ଜିଲ୍ଲା ସଂଯୋଜକ ସଞ୍ଜୟ କୁମାର ପାତ୍ର ସ୍ୱାଗତ ଭାଷଣ ବିବରଣୀ ପ୍ରଦାନ କରିଥିଲେ। ବାଲିଆପାଳ, ବସ୍ତା, ଜଳେଶ୍ୱର, ଭୋଗରାଇ ଆଦି ବ୍ଲକ ର ମେଧାବୀ ଛାତ୍ର ଛାତ୍ରୀ, ସେମାନଙ୍କ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

# ନୂଆପଡ଼ା ଜିଲ୍ଲାରେ ରଜ ଉତ୍ସବ ପାଳିତ

ନୂଆପଡ଼ା, ୧୬/୬ (ନି.ପ୍ର): ରଜ ଓଡ଼ିଶାର ଏକ ପ୍ରମୁଖ ପର୍ବ। ବିଶେଷ କରି ଓଡ଼ିଶାର ଉପକୂଳବର୍ତୀ ଜିଲ୍ଲା ମାନଙ୍କରେ ଏହା ଧୁମଧାମରେ ପାଳନ କରାଯାଏ। ପଶ୍ଚିମ ଓଡ଼ିଶାରେ ପୂର୍ବରୁ ଏହାକୁ ପାଳନ କରାଯାଉ ନଥିବା ବେଳେ ଧୀରେ ଧୀରେ ଏହି ପର୍ବର ପ୍ରେମରେ ସମସ୍ତେ ପଡୁଛନ୍ତି। ନୂଆପଡା ଜିଲ୍ଲାର ଖଡ଼ିଆଳ ଅଂଚଳରେ ମଧ ପାଳିତ ହେଉଅଛି । ବରଗାଁ ଅଂଚଳରେ ରଜ ପର୍ବର ଉଲ୍ଲାସ ଦେଖିବାକୁ ମିଳିଛି। ରଜ ପାଳନ ପାଇଁ ଝିଅ ଓ ମହିଳା ମାନେ ସକାଳୁ ନୂଆ ଡ୍ରେସ, ଶାଢ଼ୀ ପିନ୍ଧି ସଜବାଜ ହେବା ସହ ପାରମ୍ପରିକ ପିଠାପଣା, ପାନ, ଭୋଜନ ଆଦି ତିଆରି କରିଥିଲେ। ଏଥିସହ ରଜ ପଡ଼ିଆରେ ଟେଂଟ, ସାଉଣ୍ଡ ଆଦି ମାଧ୍ୟମରେ ସାଜସଜ୍ଜା କରି ଆକର୍ଷଣୀୟ ରଜ ଦୋଳି ତିଆରି କରିଛନ୍ତି। କୁନିକୁନି ଛୁଆଙ୍କ ସହ ଝିଅ ଓ ମହିଳା ମାନେ ରଜ ଗୀତ ଗାଇ ଦୋଳି ଝୁଲିବା ସହ ବିଭିନ୍ନ ଖେଳରେ ମାତିଥିବା ଦେଖିବାକୁ ମିଳିଛି। ସେହିପରି ଖଡ଼ିଆଳ ବ୍ଲକର ତୁକଲା, ଦରଲୀପଡା, ଘରଧରା, ଚଲାନପଡା, ଡୁଆଝର ଅଂଚଳ ସହ ବିଭିନ୍ନ ସ୍ଥାନରେ ରଜ ପର୍ବର ଉତ୍ସାହ ଦେଖିବାକୁ ମିଳିଛି। ରଜ ପର୍ବ ପୂର୍ବ ଓଡ଼ିଶାର ପ୍ରମୁଖ ପର୍ବ ହୋଇଥିବା ବେଳେ ଏବେ ଅନ୍ୟାନ୍ୟ ଜିଲ୍ଲାରେ ମଧ ଏହି ପର୍ବର ମାହୋଲ୍ ଦେଖିବାକୁ ମିଳୁଛି। ପୂର୍ବ ଓଡ଼ିଶାରେ ଏହା ଚାରିଦିନ ପାଳନ କରାଯାଉଥିବା ବେଳେ ଖଡ଼ିଆଳ ବ୍ଲକ ଅଂଚଳରେ ଦୁଇରୁ ତିନିଦିନ ଧରି ପାଳନ କରାଯାଇଛି। ଅନେକ ସ୍ଥାନରେ ସମ୍ବଲପୁରୀ ଡ୍ରେସ ପିନ୍ଧି ଝିଅ ମାନେ ରଜ ପାଳନ କରିଛନ୍ତି । ପର୍ବ ପର୍ବାଣୀ ଗୋଟିଏ ରାଜ୍ୟ ବା ଅଂଚଳର ସାଂସ୍କୃତିକ ପରିଚୟ ବହନ କରିଥାଏ। ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଏହା ସାହାଯ୍ୟ କରିଥାଏ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ପ୍ରକାର ପର୍ବ ପାଳିତ ହୋଇଥାଏ। ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଓ ପୂର୍ବ ଓଡ଼ିଶାରେ ରଜ ପର୍ବର ମାହୋଲ୍ ଦେଖିବାକୁ ମିଳେ। ଏବେ କିନ୍ତୁ ଏହି ଦୁଇ ପର୍ବ ସମଗ୍ର ଓଡ଼ିଶାରେ ପାଳିତ ହେବାକୁ ବସିଲାଣି। ନୂଆଖାଇ ଭେଟଘାଟ ଓଡ଼ିଶାର ପ୍ରତ୍ୟେକ ଅଂଚଳରେ ଆୟୋଜିତ ହେଉଥିବା ବେଳେ ରଜକୁ ନେଇ ପଶ୍ଚିମ ଓଡିଶାର ଲୋକଙ୍କ ଭିତରେ ଆଗ୍ରହ ବଢୁଛି।

# ଓଡ଼ିଶାର ୧୫ ତମ ମୁଖ୍ୟମନ୍ତ୍ରୀ ମୋହନ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସମଗ୍ର ଓଡ଼ିଶାର ଏହା ଥିଲା ଐତିହାସିକ ତଥା ସ୍ମରଣୀୟ ବିରଳ ଶପଥ ପାଠ ଉତ୍ସବ। ଶପଥ ପାଠର ଦିନ ରାତ୍ରରେ ମହାମହିମ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ କ୍ୟାବିନେଟ୍ ବସିଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ସର୍ବବିଧ ଉନ୍ନତି ଓ ବିକାଶକୁ ଆଖି ଆଗରେ ରଖି ଚାରୋଟି ବଳିଷ୍ଠ ପଦକ୍ଷେପ ନେଇଛନ୍ତି ତାହା ଓଡ଼ିଶା ଇତିହାସରେ ଜ୍ୱଳନ୍ତ ଉଦାହରଣ ଓ ବଳିଷ୍ଠ କିମ୍ବଦନ୍ତୀ ହୋଇ ରହିବ ଏଥିରେ ସନ୍ଦେହ ନାହିଁ। ମୋହନ ସରକାର ଯେଉଁ ଚାରୋଟି ବଡ଼ ନିଷ୍ପତ୍ତି ନେଇଛନ୍ତି ତାହା ହେଉଛି, କ- ଖୋଲିବ ଶ୍ରୀମନ୍ଦିର ଚାରିଦ୍ୱାର, ଖ- ଶ୍ରୀମନ୍ଦିର ପରିଚାଳନା ପାଇଁ ୫୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ, ଗ- କୃଷକ ସମୃଦ୍ଧି ନୀତି ଉପରେ ମୋହର ଲଗାଇ ଖୁବ୍ ଶୀଘ୍ର ଧାନର ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି ଏବଂ ଘ- ୧୦୦ ଦିନ ଭିତରେ ଶୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଇ ମହିଳା ମାନଙ୍କୁ ୫୦ ହଜାର ଟଙ୍କରା ଭାଉଚର ପ୍ରଦାନ। ସ ମ ଗ୍ର ଭାରତବର୍ଷରେ ଓଡ଼ିଶା ହେଉଛି ଏମିତି ଏକ ରାଜ୍ୟ ଯେଉଁ ରାଜ୍ୟକୁ ବିଶ୍ୱରେ ଠାକୁରଦେଶର ମାନ୍ୟତା ମିଳିଛି। ସମଗ୍ର ବିଶ୍ୱ ଓଡ଼ିଶାକୁ ଯୁଗେଯୁଗେ ସମ୍ମାନ ଦେଇଆସୁଛି। ଧର୍ମ, ସାହିତ୍ୟ, ସଂସ୍କୃତି, ପରମ୍ପରା, ସଭ୍ୟତା, ଭାସ୍କର୍ଯ୍ୟ, କଳା ଓ ସ୍ଥାପତ୍ୟର ଭଣ୍ଡାରଘର ହେଉଛି ଓଡ଼ିଶା। ଓଡ଼ିଶାର ସର୍ବମୟ କର୍ତ୍ତା ହେଉଛନ୍ତି ଜଗତର ନାଥ ଜଗନ୍ନାଥ। ହାତୀ କଳସରେ ଜଳ ଢ଼ାଳିଲାପରି ଯାହା ଉପରେ ଶ୍ରୀଜଗନ୍ନାଥଙ୍କର କୃପା ଥାଏ ସେ ହିଁ ଓଡ଼ିଶା ଶାସନର ରାଜମୁକୁଟ ପିନ୍ଧିଥାଏ। ସେ ହୁଏ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ଓ ଯୁଗଜନ୍ମା। ସେହିଭଳି ଜଣେ ଓଡ଼ିଶାର କାଳଜୟୀ ଯୁଗଜନ୍ମା ହେଉଛନ୍ତି ମୋହନ ଚରଣ ମାଝୀ। ଓଡ଼ିଶା ଭୂଖଣ୍ଡକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାପାଇଁ ଯେଉଁ ସ୍ୱପ୍ନ ସେ ଦେଖିଛନ୍ତି ତାଙ୍କ ପାଖରେ ରହିଛି ପିତା ମାତାଙ୍କ ଆଶୀର୍ବାଦ, ସର୍ବଦେବଦେବୀଙ୍କର କରୁଣା, ମହାପ୍ରଭୁ ଜଗନ୍ନାଥଙ୍କ କୃପା ଏବଂ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ସହଯୋଗ। ନିଶ୍ଚିତ ଭାବେ ଓଡ଼ିଶା ଭାରତର ସର୍ବଶ୍ରେଷ୍ଠ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ଓଡ଼ିଶାବାସୀ ଯେଉଁ ଆଶା ରଖିଛନ୍ତି ତାହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଚରିତାର୍ଥ କରିବେବୋଲି ବିଶ୍ୱାସ।

ଓଡ଼ିଆ ଭାଷା ସାହିତ୍ୟ ଗବେଷକ ତଥା
ଶିକ୍ଷା, ସଂସ୍କୃତି ସଂଯୋଜକ, ଭଦ୍ରକ, ଓଡ଼ିଶା
ମୋ-୮୭୬୩୫୪୮୨୦୨

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କାଶୀପୁରରେ ଡିପ୍‌ଥେରିଆ...

ରାୟଗଡ଼ା ଓ କଳାହାଣ୍ଡି ଉଉଗଡଙ୍କ ନେତୃତ୍ୱରେ ଟିମ୍ ସଂକ୍ରମିତ ଗାଁ ଆଖପାଖ ଗାଁରେ ଘର ଘର ବୁଲି ସର୍ଭେ କରୁଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ପୁଣି ଥରେ ଚର୍ଚ୍ଚାରେ କାଶୀପୁର। ଏଥର ଆମ୍ବ ଟାକୁଆ ନୁହେଁ, ଡିପଥେରିଆ ନେଉଛି କୋମଳମତି ଶିଶୁଙ୍କ ଜୀବନ। ଡଙ୍ଗାସିଲ ପଞ୍ଚାୟତ ମୁନୁଶିପଦର ଗାଁରେ ସପ୍ତାହରେ ୫ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଡିପଥେରିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଡିପଥେରିଆ ରୋଗ ସମ୍ପର୍କରେ ସୂଚନା ପାଇ ରାୟଗଡ଼ା ସିଡିଏମଓ ଲାଲମୋହନ ରାଉତରାୟ ଓ ଦଙ୍ଗାସିଲ୍ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏକ ମେଡ଼ିକାଲ୍ ଟିମ୍ ଗାଁରେ ପହଞ୍ଚିଛି। ଆକ୍ରାନ୍ତ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏପରିକି ରକ୍ତ ନମୂନା ସଂଗ୍ରହ କରାଯାଇଛି। ଡିପଥେରିଆ ମୃତ୍ୟୁ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ତତ୍ପର ହୋଇଛି ପ୍ରଶାସନ। ଶନିବାର ଭୁବନେଶ୍ୱର ଓ କୋରାପୁଟ ଲକ୍ଷ୍ମଣ ନାଏକ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ୍‌ରୁ ଗୋଟିଏ ଲେଖାଏଁ ଟିମ୍ କାଶୀପୁରରେ ପହଞ୍ଚିଛି। ଟିମ୍‌ର ସଦସ୍ୟମାନେ ଦଙ୍ଗାସିଲ୍ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏପରିକି ରୋଗୀଙ୍କ ସହିତ ଆଲୋଚନା କରିଛନ୍ତି। ସେପଟେ ଦେଖିବାକୁ ଗଲେ ଡିପଥେରିଆ ରୋଗରେ ସାଧାରଣତଃ ଶିଶୁମାନେ ଅଧିକ ଆକ୍ରାନ୍ତ ହେଉଛନ୍ତି। ପ୍ରଥମେ ଗଳାରେ ଯନ୍ତ୍ରଣା ହେଉଛି। କିଛି ସମୟ ପରେ ଗଳି ଫୁଲି ଯାଇ ଜ୍ୱର ହେଉଛି। ଫଳରେ କିଛି ଖାଦ୍ୟ ଖାଇ ନପାରି ମୃତ୍ୟୁ ମୁଖରେ ପଡୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ନାଳ ଓ ଝରଣା ପାଣି ସେବନ କରିବା ଦ୍ୱାରା ଏପରି ସମସ୍ୟା ଉପୁଜିଛି।

### ଗଙ୍ଗା ଦଶହରାରେ ଅଘଟଣ...

ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଗଙ୍ଗ ସ୍ନାନ କରିବା ପାଇଁ ଆସନ୍ତି। ବିହାର ବାଢ଼ ଅଞ୍ଚଳରେ ଥିବା ଉମାନାଥ ଘାଟରେ ମଧ ବୁଡ ପକାଇବା ପାଇଁ ଆଜି ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଗଙ୍ଗାର ଉଭୟ ପାର୍ଶ୍ୱରେ ଭକ୍ତମାନେ ଧାଡି କରିଥିଲେ। ଲୋକମାନେ ଡଙ୍ଗାରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଉଥିଲେ। ଏହି ସମୟରେ ଏକ ଡଙ୍ଗା ନିୟନ୍ତ୍ରଣ ହରାଇ ବୁଡ଼ ଯାଇଥିବା କୁହାଯାଉଛି। ଏହାକୁ ନେଇ ପୂରା ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

### ସାନ ଭାଇକୁ ....

ଉପରେ ଆହୁରି ଏକାଧିକର ଥର ଚୋଟ ପକାଇଥିଲେ। ପରେ ଅରୁଣ ବାଇକ୍‌ରେ ସେଠାରୁ ଫେରାର ହୋଇଯାଇଥିଲେ। ରାସଗୋବିନ୍ଦପୁର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ପୁଲିସ୍‌ର ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତ ଫେରାର ରହିଛନ୍ତି।

# ଦୁର୍ଘଟଣା ଜୋନ୍ ପାଲଟିଛି ସୁବାଷ ବୋଷ ଛକ

ପୁରୀ, ୧୬/୬ (ନି.ପ୍ର): ବିଶ୍ୱସ୍ତରୀୟ ସହର ପୁରୀ। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ ପୁରୀ ଆସୁଛନ୍ତି । ମେଡ଼ିକାଲ ଛକ, ଭିଆଇପି ରୋଡ଼, ବୋଷ ଛକ ଦେଇ ସମୁଦ୍ରକୂଳ ଯାଉଛନ୍ତି। ଆଗକୁ ରଥଯାତ୍ରା । ସାହି ଗଳିକନ୍ଦି ରାସ୍ତା ଅବସ୍ଥା ଶୋଚନୀୟ । ବୋଷ ଛକ ନିକଟ ବରଗଛ ମୂଳେ ଧଳା ବର୍ଡ଼ର ଲାଇନ ପାଖକୁ ଲାଗି ୩ଟି ସ୍ଲାପ ମ୍ୟାନ ହୋଲ ରହିଛି। ଯାନବାହନ ଯିବା ସମୟରେ ଏହି ସ୍ଥାନଟି ସ୍ପର୍ଶକାତର ଅଂଚଳ ଭାବେ ପରିଚିତ। ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଯାନ ଯିବା ସମୟରେ ଯଦି ବାମ ପଟକୁ ସାଇଡ଼ କରି ଯିବେ ତେବେ ନିଶ୍ଚିତ ଦୁର୍ଘଟଣାର ସମ୍ମୁଖୀନ ହେବେ । ସେଠାରେ କାର୍ଯ୍ୟରତ ପୋଲିସ ବରଗଛ ମୂଳେ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ବାଇକ୍ ଦୁର୍ଘଟଣା ଏହି ଛକରେ ଘଟି ଜୀବନହାନୀ ହୋଇଥିବାର ନଜିର ରହିଛି । ବରଗଛ ମୂଳେ ଅନେକ ରିକ୍ସା ରଖୁଥିବାରୁ ଓ କେତେକ ବ୍ୟକ୍ତି ଠିଆ ହୋଇ ରହୁଥିବାରୁ ଗାଡ଼ି ଚାଳକମାନେ ଅସାବଧାନତା ଅବଲମ୍ବନ ହୋଇଗଲେ ଲୋକଙ୍କ ଉପରେ ଗାଡ଼ି ମାଡ଼ି ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଡ୍ରିଙ୍କ ଟୁ ଟ୍ୟାପ ବୋର୍ଡ଼ ସହ ଲୁହା ଖୁଂଟ ରହିଥିବାରୁ ତାହା ମଧ ରାସ୍ତାକୁ ଆଶିଂକ ଅବରୋଧ କରୁଛି । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା, ବ୍ଲୁ ଫ୍ଲାଗ ବିଚ୍ ଓ ପର୍ଯ୍ୟଟନ କାର୍ଯ୍ୟାଳୟ ରହିଥିବାରୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ସହରବାସୀ ଓ ଜିଲ୍ଲାବାସୀ ସେହି ବାଟ ଦେଇ ଯାଆସ କରୁଛନ୍ତି । ଦୀପ ତଳ ଅନ୍ଧାର ପରି ଏହି ସ୍ଥାନଟିକୁ କାହାର ଦୃଷ୍ଟି ପଡୁନଥିବା ଦେଖାଯାଉଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବସ୍ତା ବିଜେପି ନେତା ଶ୍ୟାମାପ୍ରସାଦ ବେହେରା

ବସ୍ତା , ୧୬/୬ (ନି.ପ୍ର): ଦୀର୍ଘ ପଚିଶ ବର୍ଷର ବିଜେଡି ଓ ନବୀନ ସରକାର ର ପତନ ପରେ ଓଡ଼ିଶାରେ ପ୍ରଥମ ଥର ବିଜେପି ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରି ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝି ଙ୍କୁ ମନୋନୀତ କରିଛି।ଯେ ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା ନ ହୋଇଛି ଶ୍ରୀ ମାଝି ରାଜ୍ୟ ଅତିଥି ଭବନରେ ନିଜ ଆବାସିକ କାର୍ଯ୍ୟାଳୟରୁ ସମସ୍ତ କାର୍ଯ୍ୟ କରୁଛନ୍ତି। ଆଜି ପୂର୍ବାହ୍ନ ରେ ବସ୍ତା ନିର୍ବାଚନ ମଣ୍ଡଳୀ ର ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଶ୍ୟାମା ପ୍ରସାଦ ବେହେରା ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ବସ୍ତା ବାଲିଆପାଳ ଜନସାଧାରଣଙ୍କ ତରଫରୁ ଶୁଭେଚ୍ଛା ଜଣାଇଥିଲେ। ବସ୍ତା ଅଞ୍ଚଳ ର ବହୁବିଧ ବିକାଶ, ଆଇନ ଶୃଙ୍ଖଳା ପରିସ୍ଥିତି,ବନ୍ୟା ଜଳ ର ସ୍ଥାୟୀ ପ୍ରତିକାର, ରେଳବାଇ ଭିତ୍ତିଭୂମି, କଲେଜ ପ୍ରତିଷ୍ଠା, ବନ୍ଦର ସମସ୍ୟା



ପ୍ରଭୃତି ଉପରେ ଦୃଷ୍ଟି ଆକର୍ଷଣ କରି ସହଯୋଗ କାମନା କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ବାଲେଶ୍ୱର ର ଲୋକପ୍ରିୟ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ ଓ ଉତ୍ତରୀୟ ଦେଇ ବାଲେଶ୍ୱର ଜିଲ୍ଲା ବାସୀଙ୍କ ତରଫରୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝି ଅଗ୍ରାଧିକାର ସହ ସମସ୍ତ ସମସ୍ୟାର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୂରଣ କରିବାକୁ ଚେଷ୍ଟା କରିବାର ପ୍ରତିଶ୍ରୁତି ଦେଇଥିଲେ।

# ଆଇସିଜିଏସ ଜାହାଜ ଭିଜାୟାରେ ମିଳିତ ଅନ୍-ବୋର୍ଡ ଯୋଗ କାର୍ଯ୍ୟକ୍ରମ



ପାରାଦୀପ, ୧୬/୬ (ନି.ପ୍ର): ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଏବଂ ଇଣ୍ଡିଆନ୍ କୋଷ୍ଟଗାର୍ଡ (ଆଇସିଜି) ମିଳିତ ଭାବେ ଶନିବାର ଦିନ ଆଇସିଜିଏସ୍ ଜାହାଜ ଭିଜାୟା ରେ ଏକ ଅନ୍-ବୋର୍ଡ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ସଂସ୍ଥାର ଅଧିକାରୀମାନେ ଯୋଗ ଅଧିବେଶନରେ ନିଜକୁ ନିୟୋଜିତ କରି ଶରୀରର ଶାନ୍ତି, ମନ ଯାତ୍ରା ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ କମାଣ୍ଡାଣ୍ଟ କୈଳାଶ ସିଂ, କମାଣ୍ଡିଂ ଅଫିସର, ଆଇସିଜିଏସ୍ ଭିଜାୟା ଏବଂ କମାଣ୍ଡାଣ୍ଟ (ଜେଜି) ବିଶ୍ୱଜିତ ସିଂଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଯୋଗ କଳା ଗୁରୁ ତାପସ ପାତି ଦ୍ୱାରା ଯୋଗ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ପାରାଦୀପ ବନ୍ଦର ପ୍ରାଧିକରଣ ର ଅଧିକାରୀ କ୍ୟାପଟେନ୍ ଏ ସି ସାହୁ, ଡିସି, ସିନିଅର. ଡେପୁଟି ସିଏଓ ଆର ଏନ ମିଶ୍ର, ଚନ୍ଦନ ପାଣିଗ୍ରାହୀ, ଡେପୁଟି ସିଏମଇ ମଣିପୁଷ୍ପା ସେଠୀ ଓ କେପି ମିଶ୍ର, ଇ ଇ (ସି) ପ୍ରମୁଖ ଉପସ୍ଥିତ ଥିଲେ।

# ପାନ୍ଥ ନିବାସରେ ରଜ ଉତ୍ସବ ପାଳିତ

ପୁରୀ, ୧୬/୬ (ନି.ପ୍ର): ସମସ୍ତ ଓଡ଼ିଆଙ୍କ ପାଇଁ ରଜ ପର୍ବ ର ମହତ୍ୱ ଅବର୍ଣ୍ଣନୀୟ। ରଜ ଆମ ଓଡ଼ିଆ ମାନଙ୍କର ବଡ ପର୍ବ। ଏହି ଦିବସରେ ଘରେ ଘରେ ପିଠାପଣାର ଆସର ଜମିଥାଏ। ଦୋଳି ଖେଳ, କବାଡି ଖେଳ, ଲୁଡୁ, ତାସ ଇତ୍ୟାଦି ଖେଳ ମଧ ଆନନ୍ଦ ଦେଇଥାଏ ଏହି ପର୍ବରେ। ରଜ ଉତ୍ସବକୁ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପୁରୀ ପକ୍ଷରୁ ପାନ୍ଥଭବନ ଠାରେ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଉତ୍ସବକୁ ପ୍ରଥମ ରଜ ଦିନ ଉଦଘାଟନ କରିଥିଲେ। ପରେ ପାରମ୍ପରିକ ପୋଡ, ମଣ୍ଡା, କାକରା, ଆରିସା ଇତ୍ୟାଦି ପିଠା ସହ ପାନର ବ୍ୟବସ୍ଥା କୁ ମଧ ଅତିଥି ମାନେ ଉଦଘାଟନ କରିଥିଲେ।

# ସାନଖୁଡୀ ଶିବମୁନି ଯୋଗାଶ୍ରମ ଆନୁକୁଲ୍ୟରେ ମୁନି ସମାଜର ଜ୍ଞାନ ଯଜ୍ଞ

ମଥାନୀ , ୧୬/୬ (ନି.ପ୍ର): ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ଙ୍କ ସାନଖୁଡୀ ସ୍ଥିତ ବାସଭବନରେ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ଙ୍କ ଅଧକ୍ଷତାରେ ,ମୁନି ସମାଜର ଏକ ଜ୍ଞାନଯଜ୍ଞ ମହା ସମାରୋହରେ ପାଳିତ ହୋଇଯାଇଛି। ମଞ୍ଚାସୀନ ଥିଲେ, ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ନରେନ୍ଦ୍ର ମୁନି,ଯୋଗୀ ମନ୍ମଥ ମୁନି,ଯୋଗୀ ଭିକାରି ଚରଣ ମୁନି,ଯୋଗୀ ପରମାନନ୍ଦ ମୁନି,ଯୋଗୀ ଅନ୍ତର୍ଯ୍ୟାମୀ ମୁନି, ଯୋଗୀ ଜୟକୃଷ୍ଣ ମୁନି, ଯୋଗୀ ରମେଶ ଚନ୍ଦ୍ର ମୁନି, ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କନକଲତା ଆଇଚ,କଳ୍ପନା ମିସ୍ତ୍ରୀ ମହୋଦୟା,ସୁବାସିନୀ ମହାନ୍ତୀ ପ୍ରମୁଖ ସମସ୍ତଙ୍କୁ ପୁଷ୍ପମାଲ୍ୟ ସହିତ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଆବାହନୀ ସଙ୍ଗୀତ,ଗୁରୁବନ୍ଦନା ଏବଂ ମୁନି ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ମୁନିରାଜ୍ଞୀ ସଙ୍ଗଯୁକ୍ତା ମହାନ୍ତି ମହୋଦୟା ।ସର୍ବ ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା,



ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମାନ୍ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନି,ସହଧର୍ମିଣୀ ମୁନିରାଜ୍ଞୀ ସୁଜାତା ଭୂୟାଁ,ମୁନି କୁମାରୀ ସ୍ୱୟଂ ପ୍ରଭା ଭୂୟାଁ ଏବଂ ମୁନି କୁମାର ସ୍ୱହମ୍ ଭୂୟାଁ ପ୍ରମୁଖଙ୍କୁ ଉପସ୍ଥିତ ସମସ୍ତେ ଏକମନ,ଏକ ପ୍ରାଣ,ଏକ ବ୍ରହ୍ମ ଏବଂ ଏକ ଭାବନାରେ ତଲ୍ଲୀନ ହୋଇ ସେମାନଙ୍କର ଆଦି ଭ୍ଉତିକ,ଆଦି ଦୈବିକ ଏବଂ ଆଧ୍ୟାତ୍ମିକ ତ୍ରୀତପରୁ ମୁକ୍ତି ସହିତ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସୁଖ ଶାନ୍ତି ଆନନ୍ଦ ର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଥିଲେ, ଆତ୍ମଜ୍ଞାନୀ ମୁନିରାଜ ଚନ୍ଦ୍ର ମୋହନ ମହାନ୍ତି, ପଞ୍ଚାନନ ମୁନି,ସଞ୍ଜୟ କୁମାର ମୁନି, ମୁନିରାଜ ଅମୂଲ୍ୟ କୁମାର ମୁନି, ମୁନି ରବିନ୍ଦ୍ର କୁମାର, ସୃଷ୍ଟିଧର ସାହୁ,ପୂର୍ଣ୍ଣଚନ୍ଦ୍ର ପରିଡ଼ା, ବିଷ୍ଣୁ ମହାଳିକ,ରାମଚନ୍ଦ୍ର ବେହେରା, ଖଗେଶ୍ୱର,ପୂର୍ଣ୍ଣଚନ୍ଦ୍ର ଗିରି,ପ୍ରଭାତ କୁମାର ମହାନ୍ତୀ, ମୁନିମତୀ ଅନିତା ରାଉଳ,ବାସନ୍ତୀ ବେହେରା, ମାଳତୀ ଗିରି,ପ୍ରମିଳା ଜେନା, ରାଧାମଣୀ ଜେନା, ବୀଣାପାଣି ଆଇଚ, କନକଲତା ମହାନ୍ତି, ସ୍ନେହଲତା ବାରିକ, ଜାନକୀ ବେହେରା,ମୁନି କୁମାରୀ ଦିପ୍ତିକା ପରିଡ଼ା ଏବଂ ମୁନି କୁମାରୀ ସ୍ୱୟଂ ପ୍ରଭା ଭୂୟାଁ ପ୍ରମୁଖ ।ଶେଷରେ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କନକଲତା ଆଇଚ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ



ପାରାଦୀପ, ୧୪/୬ : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆଜି ପୂର୍ବାହ୍ନରେ ଗୋପବନ୍ଧୁ ଷ୍ଟାଡିୟମ ଠାରେ ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି । ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଓଡିଆ ଜାତିର ପାରମ୍ପରିକ ଏହି ରଜ ପର୍ବ ସାରା ଓଡ଼ିଶାରେ ଓଡିଆ ପରିବାରରେ ହିଁ ପାଳନ କରାଯାଉଥିବା ଦେଖିବାକୁ ମିଳେ। ରଜ ହେଉଛି ଓଡିଶାର ଗଣପର୍ବ, ଓଡିଶାର ସବୁ ବର୍ଗର ଲୋକ ଏହି ପର୍ବରେ ସାମିଲ ହୋଇଥାନ୍ତି। ପାରାଦୀପ ବନ୍ଦର ପକ୍ଷରୁ ଓଡିଶାର ଏହି ଅନନ୍ୟ ଗଣପର୍ବକୁ ପ୍ରତ୍ୟେକ ବର୍ଷ ପାଳନ କରାଯାଇ ଆସୁଅଛି ବୋଲି ଶ୍ରୀ ହରନାଦ କହିବା ସହିତ ବନ୍ଦର ଅନ୍ତେବାସୀଙ୍କୁ ରଜପର୍ବର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ରଜର ପ୍ରିୟ ପିଠା ପୋଡ ପିଠା କାଟିଥିଲେ। ଆୟୋଜକଙ୍କ ପକ୍ଷରୁ ରଜ ଗୀତ, ରଜ ଦୋଳି,ଲୁଡୁ,ତାସ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଅଛି। ବନ୍ଦର ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଥିବା ଏହି ସମାରୋହରେ ପାରାଦୀପ ଅନ୍ତେବାସୀ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ ।ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଚାରି ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।ପ୍ରତ୍ୟକ ଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ କୃତି ପ୍ରତିଯୋଗୀ ମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି ।ରଜ ଉପଲକ୍ଷେ କୁଆଁରୀ ଝିଅ ମାନଙ୍କ ପାଇଁ ଦୋଳି ସହ ବିଭିନ୍ନ ଖେଳର ବ୍ୟବସ୍ଥା କରାଯାଇଛି।

# କଂଚନପୁର ନିକଟରେ ସିରିଜ ଟ୍ରକ ଦୁର୍ଘଟଣା : ଜଣେ ଡ୍ରାଇଭର ଆହତ

ଚମ୍ପୁଆ, ୧୬/୬ (ନି.ପ୍ର): ରାସ୍ତା କଡରେ ଛିଡା ହୋଇ ଥିବା ଟ୍ରକ୍ ପଛରେ ଧକ୍କା ଦେଲା ଅନ୍ୟ ଏକ ଟ୍ରକ। ଦୁଇ ଟ୍ରକର ଦୁର୍ଘଟଣାକୁ ଦେଖି ପଛରୁ ଆସୁଥିବା ଅନ୍ୟ ଏକ ଟ୍ରକ ଭାରସାମ୍ୟ ହରାଇ ଟ୍ରକ ପଛରେ ପିଟିଥିବା ବେଳେ ଗାଡିର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି। ଦୁଇ ଟ୍ରକ ର ଦୁର୍ଘଟଣା ଦେଖି ପଛରୁ ଆସୁଥିବା ଅନ୍ୟ ଏକ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକର ପଛ ଅଂଶ ରାସ୍ତା ଉପରେ ରହିଯିବା ଯୋଗୁଁ ରାସ୍ତା ଜାମ ହେବାରୁ ଚମ୍ପୁଆ ରିମୁଳି ୨୦ ନମ୍ବର ଜାତୀୟ ରାଜପଥରେ ବହୁ ସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ସୂଚନା ଯୋଗ୍ୟ, ଆଜି ସକାଳୁ ଝାଡ଼ଖଣ୍ଡରୁ ଚମ୍ପୁଆ ମଧ ଦେଇ ରିମୁଳି ଆଡକୁ ଯାଉଥିବା ଓଡି୦୯ଏକ୍ସ ୯୫୦୨ ନମ୍ବର ଟ୍ରକଟି କଂଚନପୁର ନିକଟରେ ପୂର୍ବରୁ ରାସ୍ତା କଡରେ ଛିଡ଼ା ହୋଇଥିବା ଏନଏଲଓ ୧୪ ବି ୩୫୮୪୦୦ ନମ୍ବର ଟ୍ରକର ପଛରେ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରକର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି।

ସୋମବାର, ଜୁନ୍ ୧୭, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


# ରଜ ଉପଲକ୍ଷେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବସ୍ତା, ୧୬/୬ (ନି.ପ୍ର): ସାରା ରାଜ୍ୟରେ ତିନିଦିନ ଧରି ଗାଁ ରୁ ସହର ସମସ୍ତେ ବିଭିନ୍ନ ଢ଼ଙ୍ଗରେ ରଜ ପର୍ବ ଆନନ୍ଦ ଉତ୍ସାହରେ ପାଳିତ ହେଉଛି । ଘରେ ଘରେ ପିଠା, ପଣା, ମିଠା , ଆଦିରେ ଆଶର ଜମୁଥିବା ବେଳେ ବସ୍ତା ବ୍ଲକ ଅନ୍ତର୍ଗତ କୁଶୁଡିଆ ଗ୍ରାମରେ ତିରିଶି ବର୍ଷ ର ଉର୍ଦ୍ଧ କୁଷଡିହା ଭଲିବଲ କମିଟି ତରଫରୁ ଦିବା ରାତ୍ରୀ ଭଲବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଇଥିଲା । ଏହି ଟର୍ଣ୍ଣାମେଣ୍ଟ ରେ ୬ ଟି ଦଳ ଭାଗ ନେଇଥିବା ବେଳେ ହଳଦୀ ପଦା ର ମଧୁପୁରା ଦଳକୁ ବିଜେତା ଓ ବାରିପଦା ର ବାଦଶାହା ଫାଇଟ ଦଳକୁ ଉପବିଜେତା ଘୋଷଣା କରାଯାଇଥିଲା । ଏହି ଖେଳ କୁ ମୁଖ୍ୟ ଅତିଥି ଅବସର ପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ନିରଞ୍ଜନ ବେହେରା (ମାରଥନ୍) ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଦୀପ୍ତିକାନ୍ତ ବେହେରା , ଗଦାଧର ବେହେରା, ଦୃତିସୁନ୍ଦର ମଣ୍ଡଳ , ପୂର୍ଣ୍ଣଚନ୍ଦ୍ର ମଣ୍ଡଳ , ଅଶୋକ ମଲ୍ଲିକ ଉପସ୍ଥିତ ଥିଲେ। କମିଟିର ସଭାପତି କମଳାକାନ୍ତ ମଣ୍ଡଳ ସଭାପତିତ୍ୱ କରିଥିଲେ । କମିଟିର ସଦସ୍ୟ ଗଣେଶ ବେହେରା, ଦର୍ଶନ ବେହେରା, ମନୋଜ ବେହେରା , ବିକାଶ ଦାସ , ଜିତେନ୍ଦ୍ର ବେହେରା , ଶରତ ବେହେରା ସୁଚାରୁ ରୂପେ ପରିଚାଳନା କରିଥିଲେ । ଖେଳ ଶେଷରେ ଅଞ୍ଚଳ ର ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା କରିବା ସହ ବୟସ୍କ ବ୍ୟକ୍ତି ମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା ।




## ଦଶାହ ଉପଲକ୍ଷେ



### ୰ ବିଦ୍ୟୁତଲତା ସାହୁ

ଆବିର୍ଭାବ: ୧୧/୧୧/୧୯୪୪
ତିରୋଧାନ: ୦୮/୦୬/୨୦୨୪
କଲ୍ୟାଣୀନଗର, କଟକ-୧୩

ବୋଉଲୋ ! ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ତୋର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଆତ୍ମନିର୍ଭରଶୀଳତା, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ଅବଶିଷ୍ଟ ଜୀବନ ପାଇଁ ପ୍ରେରଣାର ଉତ୍ସ ହେଉ। ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ସଚିକାନ୍ତ, ସଂଯୁକ୍ତା, ସୈରିନ୍ଧ୍ରୀ, ସୃଷ୍ଟିଧର, ସରୋଜିନୀ, ଦିଲ୍ଲୀପ, ରୁନି, ଦୀପକ, ଗାୟତ୍ରୀ, ଦୀନେଶ, ଶୁଭାଶୀଷ, ସୁନୀତା, ଶୁଭଶ୍ରୀ, ଅମିତ, ରାଜଶ୍ରୀ, ଇତିଶ୍ରୀ, ଶୁଭନାରାୟଣ ଓ ନାତିନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ...


# ସମ୍ବଲପୁରର ସାମଗ୍ରୀକ ବିକାଶ କରିବା ପାଇଁ ପ୍ରସ୍ତୁତ ହେବ ଦୀର୍ଘମିଆଦୀ ମାଷ୍ଟର ପ୍ଲାନ୍: ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୬/୬ (ନି.ପ୍ର): ସମ୍ବଲପୁରରେ ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସୁଧୁରାଯିବ । ଏଥିପାଇଁ ଦୀର୍ଘମିଆଦୀ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି । ବିଶେଷ ଭାବରେ ସମ୍ବଲପୁରକୁ ଏକ ଶ୍ରୀମନ୍ତ ସହର କରିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ ବୋଲି ରବିବାର ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ମୌଳିକ ସମସ୍ୟା ଓ ଲୋକାକାଂକ୍ଷା ସହ ଜଡ଼ିତ ବିଭିନ୍ନ ବିଷୟରେ ଦିଆଯାଇଥିବା କାର୍ଯ୍ୟକୁ ଅନୁପାଳନ କରିବା ଉପରେ ମତ ରଖିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ ଜନଆଶୀର୍ବାଦ କାରଣରୁ ବିଜେପି ସରକାର ଗଠନ ହୋଇଛି । ସରକାର ଗଠନର ସ୍ୱଳ୍ପ ସମୟ ମଧ୍ୟରେ ବିଜେପି ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ନୀତିଗତ ନିଷ୍ପତି ନିଆଯାଇଛି । ଏଥିପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି । ଏହି ପରିପ୍ରେକ୍ଷୀରେ ସମ୍ବଲପୁରକୁ ଆଗକୁ ନେବା ପାଇଁ ମଧ ଦଳ ପକ୍ଷରୁ ପ୍ରାଥମିକତା ଦିଆଯାଉଛି । ଆଗାମୀ ଦିନରେ ବର୍ଷା ଋତୁ ଆସୁଥିବା ବେଳେ ସମ୍ବଲପୁର ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପରିମଳ, ସ୍ୱଚ୍ଛତା ଉପରେ ଯୋର୍ ଦେବା ପାଇଁ ଆଜି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ଦିନରେ ସମ୍ବଲପୁରକୁ ଆଗକୁ ନେବା ନେଇ ମାଷ୍ଟର ପ୍ଲାନ ହୋଇଛି ନା ନାହିଁ ସେ ସମ୍ପର୍କରେ ଆଲୋଚନା ହୋଇଛି । ନିର୍ବାଚନ ପ୍ରଚାର ସମୟରେ ପିଏମ ଆବାସରେ ଘର, ଜମି ପଟ୍ଟା ମିଳିବା ନେଇ ଲୋକଙ୍କ ଅପେକ୍ଷା ରହିଛି । ଲୋକଙ୍କୁ ସବୁ ସୁବିଧା ସହ କ୍ରୀଡାକୁ ପ୍ରୋତ୍ସାହନ, କଳା ଓ ସଂସ୍କୃତିକୁ ଆଗକୁ ନେବା ପାଇଁ ବହୁମୁଖୀ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ନାଗରିକଙ୍କ ଥିବା ଅପେକ୍ଷା ଉପରେ ମ୍ୟୁନିସପାଲିଟି ଅଧିକାରୀଙ୍କ ସହ ପାରମ୍ଭିକ ଚର୍ଚ୍ଚା ଆଲୋଚନା ହୋଇଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସିନ୍ଦୁରପଙ୍କରୁ ନକ୍ସାପାଲି ପର୍ଯ୍ୟନ୍ତ ପୁରୁଣା ଏନଏଚ ରାସ୍ତା ସ୍ୱାଭାବିକ ହୋଇଛି । ଖୁବ ଶୀଘ୍ର ଆନୁଷଙ୍ଗିକ କାମ ସମ୍ପୂର୍ଣ୍ଣ କରାଯିବ । ସରଳା ଓଭରବ୍ରିଜ ଠାରୁ ଆଗକୁ ଥିବା ରାସ୍ତାକୁ ୬ ଲେନ୍ କରାଯିବାର କାମ ଆରମ୍ଭ ହୋଇଛି । ପଡିଆବାହାଲରୁ ଗୋଶାଳା ପର୍ଯ୍ୟନ୍ତ ୧୮ କିମି ଏନଏଚ ସମ୍ବଲପୁରର ମୁଖଶାଳା ହେବ ତଥା ଏକ ବିକାଶର ମାର୍ଗ କରିବା ପାଇଁ ଯୋଜନା ହେବ । ସେଠାରେ ସ୍ୱାସ୍ଥ୍ୟ ସୁବିଧା ଓ ଟର୍ମିନାଲ କମ୍ପଲେକ୍ସର କାମ ଉପରେ ଗୁରୁତ୍ୱ ଦିଆଯିବ । ଏହି ଜାତୀୟ ରାଜପଥ ନୂଆ ସମ୍ବଲପୁରର ଅର୍ଥନୀତିର ଶ୍ରୀବୃଦ୍ଧିର ନମୁନା ହେବ । ସମ୍ବଲପୁରରେ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯିବା ସହ ସମସ୍ତ ଶିକ୍ଷାନୁଷ୍ଠାନ ସହଯୋଗରେ ଜ୍ଞାନ ଆଧାରିତ ଅର୍ଥନୀତିକୁ ଗତି ଦିଆଯିବ । ଦକ୍ଷତା, ଉଦ୍ୟମିତା ଓ ରୋଜଗାର ଉପରେ ଗୁରୁତ୍ୱ ଦେଇ ସମ୍ବଲପୁରକୁ ଏକ ଶ୍ରୀମନ୍ତ ସହର କରିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ଯେଉଁ ଢାଞ୍ଚା ଦରକାର ସେ ଦିଗରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସମ୍ବଲପୁରରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ନିର୍ବାଚନ ସମୟରେ ଏବଂ ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରସଙ୍ଗଭିତ୍ତିକ ଖବର ଉପସ୍ଥାପନ କରିଥିଲେ । ଏଥିପାଇଁ ସେ ସାମ୍ବାଦିକ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



# ଟ୍ରମା ରୋଗ ଗ୍ରସ୍ତ ଭଦ୍ରକର ବାଳକଙ୍କୁ ଚିକିତ୍ସା ସହାୟତା ପ୍ରଦାନ: ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମତେ ତୁରନ୍ତ ପଦକ୍ଷେପ ନେଲା ଜିଲ୍ଲା ପ୍ରଶାସନ

ଭଦ୍ରକ, ୧୬/୬ (ନି.ପ୍ର): ଟ୍ରମାଟିକ ନ୍ୟୁରୋ ମୋଟର ଡିଜର୍ଡର ଭଳି ବିରଳ ରୋଗ ରେ ପୀଡିତ ଭଦ୍ରକ ର ବାଳକ ବାବୁଲି ବାରିକଙ୍କୁ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦ୍ରକ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଉକ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ଙ୍କ ସହାୟତା ପାଣ୍ଠି ରୁ ତୁରନ୍ତ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଲାଗି ମଧ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଇଛନ୍ତି ।ଉକ୍ତ ଗରିବ ବାଳକ ବାବୁଲି ବାରିକ ଙ୍କ ସମସ୍ୟା ସମ୍ବନ୍ଧ ରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସାମାଜିକ ଗଣମଧମ ଓ ଅନ୍ୟ ଗଣମାଧ୍ୟମ ଉତ୍ସ ରୁ ଅବଗତ ହୋଇଥିଲେ । ସୂଚନା ଯୋଗ୍ୟ କି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ର ମାଧପୁର ଗ୍ରାମ ର ଚିନ୍ତାମଣି ଏବଂ ଝରଣା ବାରିକ ଙ୍କ ୧୪ ବର୍ଷ ବୟସ ର ପୁତ୍ର ବାବୁଲି ଶୈଶବ ର ଆରମ୍ଭ ରୁ ଏହି ଟ୍ରମା ସ୍ନାୟୁ ଜନିତ ବିରଳ ରୋଗର ଯନ୍ତ୍ରଣା ଭୋଗି ଆସୁଛନ୍ତି।



ତାଙ୍କର ପିତା ମାତା ଖୁବ୍ ଗରିବ । ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ ମୁତାବକ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଉକ୍ତ ବାଳକ ଭୋଗୁଥିବା ରୋଗର ପରୀକ୍ଷା ନିରୀକ୍ଷା ପାଇଁ ଗୋଟିଏ ଡାକ୍ତରୀ ଦଳ ମାଧପୁର ଗାଁ ର ତାଙ୍କ ଘରକୁ ପ୍ରେରଣ କରାଯାଇଥିଲା । ରୋଗର ପରୀକ୍ଷା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏସ. ସି. ବି. ମେଡ଼ିକାଲ କଲେଜ ,କଟକ କୁ ରେଫର୍ କରାଯାଇଛି। ଆବଶ୍ୟକ ଅନୁସାରେ ସାହାଯ୍ୟ ସହଯୋଗ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ଉକ୍ତ ପରିବାର ସହିତ ଯୋଗାଯୋଗ ରେ ରହିଥିବା ନେଇ ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

# ମହିଳାଙ୍କ ଆକସ୍ମିକ ମୃତ୍ୟୁ: କାରଣ ଅସ୍ପଷ୍ଟ

ନୀଳଗିରି , ୧୬/୬ (ନି.ପ୍ର): ନୀଳଗିରି ବ୍ଲକ୍ ମଛୁଆ ପଞ୍ଚାୟତ ସାନକାଳିଆପଦା ଗ୍ରାମର ଜଣେ ଆଦିବାସୀ ମହିଳାଙ୍କ ମୃତ୍ୟୁ ହୋଇଥିଲା ବେଳେ ମୃତ୍ୟୁର କାରଣ ରହସ୍ୟ ଘେରରେ ରହିଛି। ୬ମାସ ପୂର୍ବରୁ ସ୍ୱାମୀଙ୍କ ଦେହାନ୍ତ ହୋଇଥିବା ବେଳେ ନୀତି ସିଂ (୩୮)ନାମକ ମହିଳା ଜଣକ ଏକୁଟିଆ ରହୁଥିଲେ।ତେବେ ଗତ ରାତିରେ ମହିଳା ଜଣକ ନିଶା ସେବନ କରି ନାଚଗୀତରେ ମସଗୁଲ ଥିବା ବେଳେ ଆଜି ହଠାତ୍ ସକାଳେ ତାଙ୍କ ମୃତଦେହ ଘର ସାମ୍ନାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳାଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଥିବା ନୀଳଗିରି ପୋଲିସ ସୂଚନା ଦେଇଛି। ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିବା ବେଳେ ପୋଷ୍ଟମୋଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ । ଏନେଇ ନୀଳଗିରି ଥାନାରେ ୨୮/୨୪ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ତାଙ୍କୁ କେହି ଦୁର୍ବୃତ୍ତ ବଳାତ୍କାର ପରେ ମାରି ଦେଇଥିବା ଅଞ୍ଚଳବାସୀ ଦାବୀ କରିଛନ୍ତି।

# ମଣିପୁରରେ ୩.୫ ତୀବ୍ରତାର ଭୂକମ୍ପ



ଇମ୍ଫାଲ, ୧୬/୬ (ନି.ପ୍ର): ମଣିପୁରର କାଂଗପୋକପି ଅଂଚଳରେ ରବିବାର ଦ୍ୱିପ୍ରହରରେ ୩.୫ ତୀବ୍ରତାର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଭୂକମ୍ପ ଝଟ୍‌କା ଅନୁଭୂତ ହେବା ପରେ ଲୋକେ ନିଜ ନିଜ ଘରୁ ବାହାରକୁ ବାହାରିଆସିଥିଲେ ଏବଂ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ମଣିପୁରର କାଂଗପୋକିରେ ରବିବାର ଗୋଟାଏ ୨୧ ମିନିଟ ୩୦ ସେକେଣ୍ଡରେ ଭୂକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୫ ରେକର୍ଡ ହୋଇଛି । ଭୂକମ୍ପ ଯୋଗୁ କୌଣସି କ୍ଷୟକ୍ଷତି ହୋଇନାହିଁ ।

# କଳମା, ବୈଶିଙ୍ଗା ଓ ବେତନଟୀରେ ନୂଆ ମନ୍ତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା



ବେତନଟୀ , ୧୬/୬ (ନି.ପ୍ର): ନୂତନ ମନ୍ତ୍ରୀମଣ୍ଡଳରେ ମୋରଡା ବିଧାୟକ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଗୃହ , ନଗର ଉନ୍ନୟନ ଓ ସାଧାରଣ ଅଭିଯୋଗ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ନେଲାପରେ ଜିଲ୍ଲାକୁ ପ୍ରଥମ ଗସ୍ତ ଅବସରରେ ଆଜି ଅପରାହ୍ନରେ କଳମା , ବୈଶିଙ୍ଗା ଓ ବେତନଟୀ ଠାରେ ଜନସାଧାରଣଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବୈଶିଙ୍ଗାଠାରେ ସ୍ଥାନୀୟ ଭାଜପା ବିଧାୟକ ସନାତନ ବିଜୁଳି ଙ୍କ ଅନୁପସ୍ଥିତିରେ ତାଙ୍କ ଘନିଷ୍ଠ କୁହାଯାଉଥିବା ଜିଲ୍ଲା ଏସ ସି ମୋର୍ଚ୍ଚାର ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା , ରତିକାନ୍ତ ମହାନ୍ତ , ପ୍ରଶାନ୍ତ ସାମଲ , ସୁଦର୍ଶନ ନାୟକ , ଚନ୍ଦ୍ରହାସ୍ୟ ପାଣିଗ୍ରାହୀ , ବେତନଟୀ ବ୍ଲକ ପୂର୍ବତନ ଚେୟାରମେନ କାଳୀଚରଣ ଟୁଡୁ , ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମଲ୍ଲିକ , ମହିଳା ମୋର୍ଚ୍ଚାର ବହୁ ସଦସ୍ୟା , ବୈଶିଙ୍ଗା ମିଡ଼ିଆ ସେଣ୍ଟର ପକ୍ଷରୁ ଖବରଦାତା ବିମଳେନ୍ଦୁ ମହାପାତ୍ର , ଦୀପକ କୁମାର ସିଂହ, ସୀତାନାଥ ବେହେରା , ରତନ ଦାଶ ପ୍ରମୁଖ ସମ୍ବର୍ଦ୍ଧନା ସମାରୋହରେ ଯୋଗଦାନ କରିଥିଲେ। ଏହି ଅବସରରେ ଆଦିବାସୀ ମହିଳାମାନଙ୍କ ପକ୍ଷରୁ ପାରମ୍ପରିକ ଶୈଳିରେ ଧୁମସା ମାଦଳର ତାଳେତାଳେ ନୃତ୍ୟ ପରିବେଷଣ କରାଯାଇଥିଲା ଏବଂ ମାନ୍ୟବର ମନ୍ତ୍ରୀ ମଧ ଆନନ୍ଦରେ ସେମାନଙ୍କ ସହିତ ମିଶି କିଛି ସମୟ ନୃତ୍ୟ କରୁଥିବା ବେଳେ ପରିବେଶର ଖୁବ୍ ରୋଚକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ବେତନଟୀ ବଙ୍ଗଳାଛକ ଠାରେ ଶତାଧିକ ସମର୍ଥକଙ୍କ ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଦଳର ପ୍ରମୁଖ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରଦୀପ କୁମାର ପରିଡା , ଜଗବନ୍ଧୁ ପଣ୍ଡା , ରାଜକିଶୋର ସାହା , ଜୀବନ କୁମାର ପରିଡ଼ା , ତପନ କୁମାର ପରିଡ଼ା , କୁନା ମହାନ୍ତ , ଆଗ୍ରିଆ ସରପଞ୍ଚ ମିନତି ସିଂ , ଜିଲ୍ଲା ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟା ଅନିନ୍ଦିତା ସାହୁ , ପପୁ ଖଣ୍ଡେଲଓ୍ୱାଲ , ଅଲୟ ପ୍ରଧାନ , ସଞ୍ଜୟ ବେହେରା , ଖଗେନ୍ଦ୍ର ସାହୁ, ଶିଶିର ବେହେରା ପ୍ରମୁଖ।

# ଇଷ୍ଟର୍ଣ୍ଣ ପେରିଫେରଲ ଏକ୍ସପ୍ରେସ ୱେରେ କ୍ୟାଂଟରକୁ ଧକ୍କା ଦେଲା ଟ୍ରକ: ୪ମୃତ

ଗାଜିଆବାଦ, ୧୬/୬ (ନି.ପ୍ର): ଉତ୍ତର ପ୍ରଦେଶର ଗାଜିଆବାଦ ଜିଲ୍ଲାର ମୁରାଦନଗର ଥାନା ଅଂଚଳରେ ଇଷ୍ଟର୍ନ ପେରିଫେରଲ ଏକ୍ସପ୍ରେସ ୱେରେ ଶନିବାର ରାତି ପ୍ରାୟ ସାଢେ ଗୋଟାଏ ବେଳେ ରାସ୍ତାକଡରେ ଠିଆ ହୋଇଥିବା ଏକ କ୍ୟାଂଟରକୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଧକ୍କା ଦେଇଛି । ଏହି ଦୁର୍ଘଟଣାରେ ୪ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ଭିନ୍ନ ଭିନ୍ନ ହସ୍ପିଟାଲରେ ଭର୍ତି କରାଯାଇଛି । ପୋଲିସ ଅଧିକାରୀଙ୍କ ସୂଚନା ମୁତାବକ କ୍ୟାଂଟର ହରିୟାଣା ସୋନିପତ ଜିଲ୍ଲାର ଗନ୍ନୋର ଭଙ୍ଗେରୁ ୟୁପିର ହରଦୋଇକୁ ଶ୍ରମିକ ନେଇ ଯାଉଥିଲା । କ୍ୟାଂଟରରେ ପ୍ରାୟ ୩୭ଜଣ ଲୋକ ଥିବା ବେଳେ ମହିଳା ଓ ପିଲା ବି ସାମିଲ ଥିଲେ ।

# ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବଡ଼ସାହି , ୧୬/୬ (ନି.ପ୍ର): ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ଆଜି କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକର ମ୍ୟାଟ୍ରିକ ପରୀକ୍ଷା ରେ ସର୍ବାଧିକ ନମ୍ବର ରଖିଥିବା ୧୦ ଜଣ କୃତି ଛାତ୍ରଛାତ୍ରୀ ତଥା ଉଚ୍ଚ ମାଧମିକ ବିଦ୍ୟାଳୟର ବିଜ୍ଞାନ ବିଭାଗର ଦୁଇ ଜଣ ଓ କଳା ବିଭାଗର ତିନି ଜଣ ଛାତ୍ରଛାତ୍ରୀ କୁଂ ସମ୍ବର୍ଦ୍ଧନା ପ୍ରଦାନକରାଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ କଂ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଡିଓ କରୁଣାକର ଧିନ୍ଦା, ସମ୍ମାନିତ ଅତିଥି କୁଆମରା ଆଞ୍ଚଳିକ ଡାକ୍ତରଖାନାର ଡାକ୍ତର ଶାନ୍ତନୁ କୁମାର ଜେନା ଓ





ପଞ୍ଚପଲ୍ଲୀ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୁଣାକର ଦାସ ଯୋଗଦେଇ ସଫଳତା ହାସଲ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୦ମ ଶ୍ରେଣୀର କୃତି ଛାତ୍ରଛାତ୍ରୀ ଆର୍ଯ୍ୟା ଉପାସିତା ପୃଷ୍ଟି, ଶିବ ପ୍ରସାଦ ଜେନା, ସୌମ୍ୟା ସୁଚରିତା ପାତ୍ର, ଅଂଶୁମାନ ବେହେରା, ରଣଜିତ ମଲ୍ଲିକ, କ୍ରୀଷ୍ଣା କୁମାର ଦାସ, ଅର୍ପିତା ପରିଡା, ନଭ୍ୟା ଦ୍ୱିବେଦୀ, କମଳ ଲୋଚନ ମୁର୍ମୁ, ପ୍ରଶନ୍ନଜିତ ନାଏକ, ଉଚ୍ଚ ମାଧମିକ ବିଦ୍ୟାଳୟର ଅଭିଜିତ୍ ବେହେରା, ପ୍ରୀୟ ଦର୍ଶନୀ ସାହୁ, ବାସନ୍ତୀ ମାର୍ଣ୍ଡି, ପ୍ରଣବ ମହଲା ଓ ବିଷ୍ଣୁ ପ୍ରିୟା ବେହେରା କୁଂ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ରୁ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଅଧାପକ, ଅଧାପିକା ଓ ଅଭିବାବକ ମାନେ ଉପସ୍ଥିତ ଥିଲେ। ପ୍ରେସ କ୍ଲବର ସଂପାଦକ ଡକ୍ଟର କୁମାର ବାବୁଲି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଉପ ସଭାପତି ଚିତ୍ତରଞ୍ଜନ ଦଳେଇ କଂ ସମେତ ଶାନ୍ତନୁ କୁମାର ମଢୁଆଳ, ହୀରେନ ରାୟ, ଯୋଗେଶ୍ୱର ସାହୁ, ବିଶ୍ୱଜିତ ଦାଶ, ସମ୍ପିତ ରାଉତ, ଦୀପକ କୁମାର ଚୌଧୁରୀ, ରଂଜନ କୁମାର ମଢୁଆଳ, ସୂର୍ଯ୍ୟକାନ୍ତି ପୂହାଣ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ ପ୍ରମୁଖ ପରିଚାଳନା କରିଥିଲେ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo